
যା দেবী সর্বভূতেষু... 



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୭ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 27 October 2025
Vol.No. 36 ■ No.282 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଭାରତ ଓ ଆସିଆନ୍ ବିଶ୍ୱ-ଦକ୍ଷିଣର ସାରଥୀ : ମୋଦୀ



ନୂଆଦିଲ୍ଲୀ,୨୬/୧୦ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଭର୍ଚୁଆଲ୍ ଭାବରେ ୪୭ତମ ଆସିଆନ୍ ଶିଖର ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ ଭାରତ ଏବଂ ଆସିଆନ୍ ମିଳିତ ଭାବରେ ବିଶ୍ୱ ଜନସଂଖ୍ୟାର ପ୍ରାୟ ୨୫ ପ୍ରତିଶତକୁ ପ୍ରତିନିଧିତ୍ୱ କରନ୍ତି। ଦୁଇ ପକ୍ଷ ମଧ୍ୟରେ ସମ୍ପର୍କ ଗଭୀର ଐତିହାସିକ, ସାଂସ୍କୃତିକ ଏବଂ ସମାନ ମୂଲ୍ୟବୋଧ ଉପରେ ଆଧାରିତ। ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଆସିଆନ୍ ହେଉଛି ଭାରତର ଆକ୍ଟ-ଇଷ୍ଟ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଭାରତ ଏବଂ ଆସିଆନ୍ ମଧ୍ୟରେ ସହଯୋଗ ଆଞ୍ଚଳିକ ସ୍ଥିରତା, ଶାନ୍ତି ଏବଂ ସମୃଦ୍ଧି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। 'ଭାରତ ଏବଂ ଆସିଆନ୍, ବିଶ୍ୱ ଦକ୍ଷିଣର ସାରଥି' ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭାରତ ଏବଂ ଆସିଆନ୍ ଦେଶମାନଙ୍କ ମଧ୍ୟରେ ସହଭାଗୀତା କେବଳ ଆର୍ଥିକ କିମ୍ବା ରଣନୈତିକ ନୁହେଁ, ବରଂ ବିଶ୍ୱ ଦକ୍ଷିଣର ସ୍ୱର ଏବଂ ନେତୃତ୍ୱର ପ୍ରତୀକ ମଧ୍ୟ। ସେ କହିଛନ୍ତି ଯେ ପ୍ରତ୍ୟେକ ସଙ୍କଟ ଏବଂ ବିପର୍ଯ୍ୟୟରେ ଭାରତ ଏହାର ଆସିଆନ୍ ବନ୍ଧୁମାନଙ୍କ ସହିତ ଦୃଢ଼ ଭାବରେ ଛିଡ଼ା ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଏହି ଅନିଶ୍ଚିତତାର ସମୟରେ ମଧ୍ୟ, ଭାରତ-ଆସିଆନ୍ ବ୍ୟାପକ ରଣନୈତିକ ସହଭାଗୀତା ସ୍ଥିର ପ୍ରଗତି କରିଛି। ▶▶ପୃଷ୍ଠା ୭

# ଭାରତର 'ତ୍ରିଶୂଳ' ପାଇଁ ଥରହର ପାକ୍: ରାଜନାଥଙ୍କ ଚେତାବନୀ ପରେ ଆକାଶପଥରେ ପାକ୍ ଲଗାଇଲା କଟକଣା



ନୂଆଦିଲ୍ଲୀ,୨୬/୧୦ : ଭାରତୀୟ ତିନି ସଶସ୍ତ୍ର ବାହିନୀଙ୍କ ମିଳିତ ସାମରିକ ଅଭ୍ୟାସ 'ତ୍ରିଶୂଳ' ଆରମ୍ଭ ହେବା ପୂର୍ବରୁ ଭୟରେ ଥରୁଛି ପାକିସ୍ତାନ । ଭାରତର ପଶ୍ଚିମ ସୀମାରେ ଏହି ତ୍ରି-ସେବା ଅଭ୍ୟାସ ଆୟୋଜିତ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ କଡ଼ା ଚେତାବନୀ ପରେ, ପଡ଼ୋଶୀ ପାକ୍ ନିଜର ବାୟୁସେନାକୁ ନୋଟିସ୍ ଜାରି କରି ସୀମାରେ ଅତିରିକ୍ତ କଟକଣା ଲଗାଇଛି । ପାକ୍ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ତ୍ରିଶୂଳର ପ୍ରସ୍ତୁତି ଭିତରେ ପଡୋଶୀ ଦେଶ ହଠାତ ନିଜର ମଧ୍ୟ ଓ ଦକ୍ଷିଣ ବାୟୁସୀମାରେ ବହୁ ବିମାନ ମାର୍ଗରେ କଟକଣା ଲଗାଇ ଦେଇଛି । ପାକିସ୍ତାନ ପକ୍ଷରୁ ଜାରି ନୋଟିସ୍ ଟୁ ଏୟାରମ୍ୟାନ୍ ଆସନ୍ତା ୨୮ ଓ ୨୯ ଅକ୍ଟୋବର ପାଇଁ ଲାଗୁ ରହିବ। ଭାରତର 'ତ୍ରିଶୂଳ' ଅଭ୍ୟାସ ୩୦ ଅକ୍ଟୋବରରୁ ୧୦ ନଭେମ୍ବର ପର୍ଯ୍ୟନ୍ତ ସରକ୍ରିକ୍ ଅଞ୍ଚଳରେ ଆୟୋଜିତ ହେବ । ଏହି ଅଞ୍ଚଳ ଭାରତ-ପାକିସ୍ତାନ ସୀମାର ପଶ୍ଚିମ ଉପକୂଳରେ ରହିଛି । ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ମନେକରାଯାଉଛି। ସୂତ୍ର ଅନୁସାରେ, 'ତ୍ରିଶୂଳ' ଅଭ୍ୟାସ ସମୁଦ୍ର ସୁରକ୍ଷା, ସ୍ଥଳ ଏବଂ ବାୟୁ ଅଭିଯାନରେ ଶତ୍ରୁର ସମ୍ଭାବିତ ଗତିବିଧିକୁ ନଜର ରଖି ସମନ୍ୱିତ ଭାବେ ପ୍ରତିକ୍ରିୟାକୁ ଗୁରୁତ୍ୱ ଦେବ। ଅଭ୍ୟାସର କ୍ଷେତ୍ର ପାକିସ୍ତାନ ସୀମା ନିକଟରେ ରହିଛି, ସେଠାରେ ବାୟୁକ୍ଷେତ୍ରକୁ ୨୮ ହଜାର ଫୁଟ୍ ପର୍ଯ୍ୟନ୍ତ ସଂରକ୍ଷିତ ରଖିଛି । ▶▶ପୃଷ୍ଠା ୭

# କନଷ୍ଟେବଲ ଶୁଭମିତ୍ରା ହତ୍ୟାକାଣ୍ଡ ଘଟଣା: ପୁଲିସ୍ ହାତରେ ସାଂଘାତିକ ତଥ୍ୟ

ଭୁବନେଶ୍ୱର, ୨୬/୧୦ (ନି.ପ୍ର): କନଷ୍ଟେବଲ ଶୁଭମିତ୍ରା ହତ୍ୟାକାଣ୍ଡରେ ପୁଲିସ୍ ହାତରେ ସାଂଘାତିକ୍ ତଥ୍ୟ । ସାମ୍ନାକୁ ଆସିଲା ଅଭିଯୁକ୍ତ ଦୀପକ ରାଉତର ବ୍ୟାଙ୍କ ଟ୍ରାନ୍‌ଜାକ୍ସନ୍‌ର ସମ୍ପୂର୍ଣ୍ଣ ତଥ୍ୟ । ୭ ବର୍ଷର ଟଙ୍କା ନେଣଦେଣକୁ ନେଇ ଖୋଳତାଡ଼ କରୁଛି ପୁଲିସ୍ । ଶୁଭମିତ୍ରା ଦେଇଥିବା ୨୦ ଲକ୍ଷ ଟଙ୍କାକୁ ନେଇ ଚାଲିଛି ଖୋଳତାଡ଼ । ଟ୍ରାଫିକ କନଷ୍ଟେବଳ ଶୁଭମିତ୍ରା ହତ୍ୟାକାଣ୍ଡ ମାମଲାରେ ପୁଲିସ ହାତରେ ଲାଗିଲା ହଜାର ପୃଷ୍ଠାର ବ୍ୟାଙ୍କ ଟ୍ରାନ୍‌ଜାକ୍ସନ୍ । ଅଭିଯୁକ୍ତ ଦୀପକ କୁମାର ରାଉତର ଦୁଇଟି ସରକାରୀ ବ୍ୟାଙ୍କ ଆକାଉଣ୍ଟର ଖୋଳତାଡ଼ ପାଇଁ ଚିଠି ଲେଖିଥିଲା ପୁଲିସ । ୨୦୧୮ ବ୍ୟାଚ୍‌ରୁ କ୍ୟାରିୟର ଆରମ୍ଭ କରିଥିବାରୁ, ସେବେଠାରୁ ଏପର୍ଯ୍ୟନ୍ତ କେତେ ନେଣଦେଣ ହୋଇଛି, ସେନେଇ ଖୋଲି ବାହାର କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ ୨୦୧୮ ରୁ ୨୦୨୫ ମଧ୍ୟରେ ହୋଇଥିବା ବ୍ୟାଙ୍କ ଟ୍ରାନ୍‌ଜାକ୍ସନର ତଥ୍ୟ ଏବେ ପୁଲିସ ହାତରେ ଲାଗିଛି । ଶୁଭମିତ୍ରା ଓ ଦୀପକ ଭିତରେ ହୋଇଥିବା ୨୦ ଲକ୍ଷ ଟଙ୍କା ନେଣଦେଣର ସୂତ୍ର ଖୋଜା ଚାଲିଛି । ସେପଟେ ହତ୍ୟାକାଣ୍ଡ ପରେ, ହ୍ୱାଟ୍ସଆପ୍ ଚାଟିଂରୁ ସ୍ପଷ୍ଟ ହୋଇଥିଲା ୨୦ ଲକ୍ଷ ଟଙ୍କା ଶୁଭମିତ୍ରା ଦୀପକକୁ ଦେଇଥିଲା । ବାହାଘର ପାଇଁ ଟଙ୍କା ଫେରାଇବାକୁ କହିବାରୁ ଉଭୟଙ୍କ ଭିତରେ ଆରମ୍ଭ ହୋଇଥିଲା କଳି। ତେବେ ତଦନ୍ତ ବେଳେ ଦୀପକ କହିଥିଲା ସେ, ୧୦ ଲକ୍ଷ ଟଙ୍କା ଶୁଭମିତ୍ରାଙ୍କୁ ଫେରାଇ ଦେଇଥିଲେ।

# ସମୁଦ୍ରରେ ବଳ ଗୋଟାଉଛି ଗଭୀର ଅବପାତ: ଯେ କୌଣସି ମୁହୂର୍ତ୍ତରେ ନେଇପାରେ ବାତ୍ୟାର ରୂପ

ଭୁବନେଶ୍ୱର, ୨୬/୧୦ (ନି.ପ୍ର): ବଙ୍ଗୋପସାଗରରେ ଆସୁଥିବା ବାତ୍ୟା କେଉଁଠି ସ୍ଥଳଭାଗ ଛୁଇଁବ ? ଓଡ଼ିଶାରେ ଏହାର ପ୍ରଭାବ କଣ ପଡିବ ? କେଉଁ କେଉଁ ଜିଲ୍ଲାରେ କେତେ ବର୍ଷା ହେବ ? ଏହାକୁ ନେଇ ଲୋକେ ଭୟଭୀତ ହୋଇପଡିଥିବାବେଳେ ସ୍ପଷ୍ଟ ହୋଇଛି ବାତ୍ୟାର ଗତିପଥ । ସ୍ପଷ୍ଟ ହୋଇଛି କେଉଁଠି ଛୁଇଁବ ସ୍ଥଳଭାଗ। ଅଶାନ୍ତ ହୋଇଛି ବଂଗୋପସାଗର। ସାମୁଦ୍ରିକ ଝଡ ସୃଷ୍ଟି ହେବା ଫଳରେ କରୁଛି ଗର୍ଜନ। ମାଡି ଆସୁଛି ବାତ୍ୟା ମୋନ୍ଥା । ଗଭୀର ଅବପାତର ରୂପ ନେଇଥିବା ସାମୁଦ୍ରିକ ଝଡ଼ ଆହୁରି ବଳ ଗୋଟାଇ ଆଗକୁ ବଢୁଛି । ପାଣିପାଗ ବିଭାଗର ଆକଳନ ଅନୁସାରେ, ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତିକରି ଆଜି ରାତି ସୁଦ୍ଧା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟାର ରୂପ ନେବ । ସମୁଦ୍ର ଭିତରେ ଉତ୍ତର-ପଶ୍ଚିମ ଦିଗରେ କିଛି ବାଟ ଗତି କରିବା ପରେ ଉତ୍ତର-ଉତ୍ତର-ପଶ୍ଚିମ ଦିଗରେ ଯାଇ ୨୮ ତାରିଖ ସକାଳ ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବ । ସେହି ଅବସ୍ଥାରେ ଆନ୍ଧ୍ର ପ୍ରଦେଶର କାକିନାଡ୍ଡା ନିକଟରେ ସ୍ଥଳଭାଗ ଅତିକ୍ରମ କରିବ । ସେତେବେଳେ ପବନର ବେଗ ସର୍ବାଧିକ ୧୧୦ କିଲୋମିଟର ରହିବ । ସମ୍ଭାବ୍ୟ ବାତ୍ୟା ଓଡ଼ିଶା ଉପକୂଳରେ ସିଧାସଳଖ ମାଡ ନହେଲେ ବି ମାଲକାନଗିରି ଦେଇ ଅତିକ୍ରମ କରିବ । ଏଥିସହ ପାଣିପାଗ ବିଭାଗ ଜାରି କରିଥିବା ବାତ୍ୟାର

## ଚାଷୀଙ୍କ ଚିନ୍ତା ବଢ଼ାଇଲା ମୋନ୍ଥା



ଗତିପଥରୁ ଜଣାପଡୁଛି ଅଧା ଓଡ଼ିଶା ଏହାର ବଳୟ ଭିତରେ ରହିବ। ଯାହାର ପ୍ରଭାବରେ ତିନି ଦିନ ଧରି ଓଡ଼ିଶାରେ ବଡ ବର୍ଷା ହେବ । ୧୦୦ କିଲୋମିଟର ବେଗରେ ପବନ ବହିପାରେ । ସ୍ଥିତିକୁ ନଜରରେ ରଖି ସତର୍କ କରିଛି ଆଇଏମଡି । ୨୭ରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷିବ। ୨୮ରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ନବରଂଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହେବ । ୨୯ରେ ପୂରା ଦକ୍ଷିଣ ଓଡ଼ିଶା ସମେତ ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧରେ ବର୍ଷା ଲାଗି ରହିବ । ବାତ୍ୟାର ପ୍ରକୋପ ଓଡ଼ିଶାରେ କେତେ ରହିବ, ଆସନ୍ତାକାଲିକୁ ଆହୁରି ସ୍ପଷ୍ଟ ହେବ। ତେବେ ପାଣିପାଗ ବିଭାଗର ସତର୍କ କରିବା ପରେ ସଜାଗ ହୋଇଛନ୍ତି ସରକାର ।

# ଭାରତ-ଚୀନ ମଧ୍ୟରେ ୫ବର୍ଷ ପରେ ସିଧା ଉଡାଣ ସେବା ଆଜିଠାରୁ ପୁନର୍ସ୍ଥାପିତ

ନୂଆଦିଲ୍ଲୀ,୨୬/୧୦ :ପାଂଚ ବର୍ଷର ଦୀର୍ଘ ବିରତି ପରେ ରବିବାରରୁ ପୁନର୍ବାର ଭାରତ ଓ ଚୀନ ମଧ୍ୟରେ ସିଧା ଉଡ଼ାଣ ସେବା ଆରମ୍ଭ ହେବାକୁ ଯାଉଛି । ଇଣ୍ଡିଗୋ ୨୬ ଅକ୍ଟୋବରରୁ କଲକାତା-ଗୁଆଙ୍ଗଜୁ ଏବଂ ୧୦ ନଭେମ୍ବରରୁ ଦିଲ୍ଲୀ-ଗୁଆଙ୍ଗଜୁ ଉଡ଼ାଣ ସେବା ଆରମ୍ଭ କରିବ। ଚୀନର ବିମାନ ସେବା ଚାଇନା ଇଷ୍ଟର୍ନ ମଧ୍ୟ ୯ ନଭେମ୍ବରରୁ ଶାଂଘାଇ-ଦିଲ୍ଲୀ ଉଡ଼ାଣକୁ ପୁନର୍ବାର ଆରମ୍ଭ କରିବାକୁ ଘୋଷଣା କରିଛି। ଭାରତ ଓ ଚୀନ ମଧ୍ୟରେ ସିଧା ଉଡ଼ାଣ ସେବା ୨୦୨୦ ମସିହାରେ କୋଭିଡ୍-୧୯ ମହାମାରୀ ପରେ ବନ୍ଦ ହୋଇଥିଲା। ପୂର୍ବ ଲାଦାଖରେ ଚାରି ବର୍ଷ ଧରି ଚାଲୁଥିବା ସୀମା ସଂଘର୍ଷ ଯୋଗୁଁ ଏହି ସେବାର ପୁନଃସ୍ଥାପନା ବାରମ୍ବାର ବିଳମ୍ବିତ ହେଉଥିଲା।

# ୪ ଲକ୍ଷ ଟଙ୍କାର ନକଲି ୫୦୦ ଟଙ୍କିଆ ନୋଟ୍ ଜବତ, ୩ ଗିରଫ: ମାର୍କେଟକୁ ପଳେଇଛି ୨ ଲକ୍ଷ



ସୁବର୍ଣ୍ଣପୁର, ୨୬/୧୦ (ନି.ପ୍ର): ଜାଲ୍ ନୋଟ୍ କାରବାରର ପର୍ଦ୍ଦାଫାସ କରିଛି ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ପୁଲିସ। ୪ ଲକ୍ଷ ୧୫ ଶହ ଟଙ୍କାର ନକଲି ୫୦୦ ଟଙ୍କିଆ ନୋଟ୍ ଜବତ କରାଯାଇଥିବା ବେଳେ ୩ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି, ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ବେତ୍ରାପଡ଼ାର ଅଶୋକ ନାୟକ (୨୮), ଫୁଲମୁଠିର ଅଭିଷେକ ହୋତା (୨୩) ଓ ଲଛିପୁର ଥାନା ରେଙ୍ଗାଲିର ଜୟନାରାୟଣ ବସ୍ତିଆ (୨୭)। ସାଂଘାତିକ କଥା ହେଉଛି, ଅଭିଯୁକ୍ତମାନେ ପ୍ରାୟ ୨ ଲକ୍ଷ ଟଙ୍କାର ନକଲି ୫୦୦ ଟଙ୍କିଆ ନୋଟ୍ ବଜାରକୁ ଛାଡ଼ି ଦେଇଛନ୍ତି। ସୁବର୍ଣ୍ଣପୁର ▶▶ପୃଷ୍ଠା ୭

# ଭାଙ୍ଗିଲା ଅଣ୍ଡର କନଷ୍ଟ୍ରକସନ୍ ସେଡ୍

ଭୁବନେଶ୍ୱର, ୨୬/୧୦ (ନି.ପ୍ର): ଭାଙ୍ଗିଲା ଅଣ୍ଡର କନଷ୍ଟ୍ରକସନ୍ ସେଡ୍। ପାହାଳ ଅଂଚଳରେ ଥିବା ଗାର୍ମେଂଟ କମ୍ପାନୀର ଭାଙ୍ଗିଲା ସେଡ୍। ଭିତରେ କାମ କରୁଥିବା କ୍ରେନ୍ ବାଜି ସେଡ୍ ଭାଙ୍ଗିଥିବା ସୂଚନା ମିଳିଛି । ଘଟଣାରେ କେହି ଆହତ ହୋଇ ନଥିବା ସୂଚନା ମିଳିଛି ।

# ଛତିଶଗଡ଼ରେ ଆତ୍ମସମର୍ପଣ କଲେ ୨୧ ନକ୍ସଲ



ଛତିଶଗଡ଼, ୨୬/୧୦ : ଛତିଶଗଡ଼ର ବସ୍ତର ରେଞ୍ଜର କାଙ୍କେର ଜିଲ୍ଲାରେ ରବିବାର ୨୧ ଜଣ ନକ୍ସଲ କ୍ୟାଡର ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୩ ଜଣ ମହିଳା ଓ ୮ ଜଣ ପୁରୁଷ ଅଛନ୍ତି। ଆତ୍ମସମର୍ପଣ କରିଥିବା ଏହି ନକ୍ସଲମାନେ କେଶକାଳ ଡିଭିଜନର କୁଏମାରୀ/କିସକୋଡୋ ଏରିଆ କମିଟିର ସଦସ୍ୟ। ସେମାନଙ୍କ ମଧ୍ୟରେ ଜଣେ ଡିଭିଜନ କମିଟି ସଂପାଦକ ରହିଛନ୍ତି। ତାଙ୍କ ନାଁ ମୁକେଶ। ସେହିଭଳି ୪ ଜଣ ଡିଭିଜନ ଭାଇସ କମିଟି ମେମ୍ବର , ୯ ଜଣ ଏରିଆ କମିଟି ମେମ୍ବର ଓ ୮ ଜଣ ସଦସ୍ୟ ରହିଛନ୍ତି ବୋଲି ପୁଲିସ କହିଛି। ▶▶ପୃଷ୍ଠା ୭

# ଜେଲ୍ ସୁରକ୍ଷାକୁ ନେଇ ସବୁଠି ଚିନ୍ତା: କଟକ ଚୌଦ୍ୱାର ଜେଲ୍‌ରୁ ବିହାରୀ କଏଦୀ ଚମ୍ପଟ ପରେ ବଢ଼ିଲା ମୁଣ୍ଡବିନ୍ଧା

ଭୁବନେଶ୍ୱର, ୨୬/୧୦ (ନି.ପ୍ର): ଜେଲ୍ ସୁରକ୍ଷାକୁ ନେଇ ସବୁଠି ଚିନ୍ତା। କଟକ ଚୌଦ୍ୱାର ଜେଲ୍‌ରୁ ବିହାରୀ କଏଦୀ ଚମ୍ପଟ ମାରିବା ପରେ ବଢ଼ିଛି ମୁଣ୍ଡବିନ୍ଧା । ଏଭଳି ସ୍ଥିତିରେ ବ୍ରହ୍ମପୁର ମଣ୍ଡଳ କାରାଗାର କେତେ ସୁରକ୍ଷିତ । ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ପିଣ୍ଟୁ ଦାସଙ୍କୁ ଏଠାରୁ ସ୍ଥାନାନ୍ତର ପାଇଁ ଜେଲର କୋର୍ଟରେ ଆବେଦନ କରିବା ପରେ ବ୍ରହ୍ମପୁର ସର୍କଲ ଜେଲ୍ କେତେ ସୁରକ୍ଷିତ ? ସେ ନେଇ ଉଠିଛି ପ୍ରଶ୍ନ । ଏବେ ଏଠାରେ ରହୁଛନ୍ତି ୯୭୧ କଏଦୀ । ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ୧୨୩ ଓ ପୀତବାସ ପଣ୍ଡା ହତ୍ୟା ମାମଲାରେ ୧୩ ଅଭିଯୁକ୍ତ ବି ଏଇ ଜେଲ୍‌ରେ ଅଛନ୍ତି । ମାଓନେତା ସବ୍ୟସାଚୀ ପଣ୍ଡାଙ୍କ ଠାରୁ ନେଇ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ପିଣ୍ଟୁ ଦାସଙ୍କ ଭଳି ହାଇପ୍ରୋଫାଇଲ୍ ଅଭିଯୁକ୍ତମାନେ ରହୁଛନ୍ତି ଏହାରି ଭିତରେ । ଏପରିକି ୨ ବିହାରୀ ସାର୍ପସୁଟର ବି ଅଛନ୍ତି ଏ ସର୍କଲ୍ ଜେଲ୍‌ରେ । ପୂର୍ବରୁ ବିଭିନ୍ନ ସଂଗୀନ ଦଫାରେ ସଜା କାଟୁଥିବା ଅପରାଧୀଙ୍କ ସଂଖ୍ୟା ବି କମ୍ ନୁହେଁ । ଏଭଳି ସ୍ଥିତିରେ ସାମ୍ନାକୁ ଆସିଛି ବ୍ରହ୍ମପୁର ସର୍କଲ୍ ଜେଲ୍‌ର ଫୁଙ୍ଗୁଳା ଚେହେରା । ଜେଲ୍ ପାଚେରୀ ପାଖରେ ରହିଛି ବଡ଼ ଗଛ ଓ ରେଳ ଧାରଣା । ଏପରିକି ତନଖି ଫାଟକରେ ଠିକ୍ ଭାବେ ଯାଞ୍ଚ ହେଉନଥିବା ବି ଦେଖାଯାଇଛି। ▶▶ପୃଷ୍ଠା ୭

# କ୍ଷମତାକୁ ଆସିଲେ ୱାକଫ୍ (ସଂଶୋଧନ) ଆଇନକୁ ହଟେଇ ଦେବୁ : ତେଜସ୍ୱୀ



ନୂଆଦିଲ୍ଲୀ,୨୬/୧୦ : ବିହାର ନିର୍ବାଚନରେ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ରବିବାର (ଅକ୍ଟୋବର ୨୬) ଏକ ନିର୍ବାଚନ ରାଲିରେ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଯଦି ଇଣ୍ଡିଆ ମେଣ୍ଟ ବିହାରରେ କ୍ଷମତାକୁ ଆସେ, ତେବେ ୱାକଫ (ସଂଶୋଧନ) ଆଇନକୁ ଡଷ୍ଟବିନ୍ ରେ ଫିଙ୍ଗି ଦିଆଯିବ। ମୁସଲିମ ବହୁଳ କଟିହାର, କିଶନଗଞ୍ଜ ଏବଂ ଆରାରିଆ ଜିଲ୍ଲାରେ ଏକାଧିକ ସାଧାରଣ ରାଲିକୁ ସମ୍ବୋଧିତ କରି ତେଜସ୍ୱୀ ଯାଦବ କହିଛନ୍ତି, 'ତାଙ୍କ ପିତା, ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ, ଦେଶର ସାମ୍ପ୍ରଦାୟିକ ଶକ୍ତି ସହିତ କେବେ ସାଲିସ୍ କରି ନଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ସର୍ବଦା ଏପରି ଶକ୍ତିକୁ ସମର୍ଥନ କରିଛନ୍ତି, ଏବଂ ତାଙ୍କ ଯୋଗୁଁ ହିଁ ଆରଏସଏସ ଏବଂ ଏହାର ସହଯୋଗୀମାନେ ରାଜ୍ୟରେ ଏବଂ ଦେଶରେ ସାମ୍ପ୍ରଦାୟିକ ଘୃଣା ବିସ୍ତାର କରୁଛନ୍ତି। ବିଜେପିକୁ 'ଭାରତ ଜଳାଅ ପାର୍ଟି' ବୋଲି କୁହାଯିବା ଉଚିତ।' ସେ ଆହୁରି କହିଛନ୍ତି, 'ଯଦି ଇଣ୍ଡିଆ ମେଣ୍ଟ ରାଜ୍ୟରେ କ୍ଷମତାକୁ ଆସେ, ତେବେ ଆମେ ୱାକଫ ଆଇନକୁ ଡଷ୍ଟବିନ୍ ରେ ଫିଙ୍ଗି ଦେବୁ।' ଉଲ୍ଲେଖ ଥାଉ କି ଶାସକ ବିଜେପି ନେତୃତ୍ୱାଧୀନ ଏନଡିଏ ଏହି ଆଇନକୁ ସମାଜର ଉପେକ୍ଷିତ ମୁସଲମାନ ଏବଂ ମହିଳାମାନଙ୍କ ପାଇଁ ସ୍ୱଚ୍ଛତା ଏବଂ ସଶକ୍ତିକରଣ ଦିଗରେ ଏକ ପଦକ୍ଷେପ ବୋଲି ବର୍ଣ୍ଣନା କରିଛି, ଯେତେବେଳେ ବିରୋଧୀ ଏହାକୁ ସମାଲୋଚନା କରିଛନ୍ତି, ଏହା ମୁସଲମାନ ଅଧିକାର ଉଲ୍ଲଂଘନ କରୁଥିବା ଅଭିଯୋଗ କରିଛନ୍ତି। ▶▶ପୃଷ୍ଠା ୭

# ସ୍ୱତନ୍ତ୍ର ଶିକ୍ଷଣ ଅକ୍ଷମତା ପଦଯାତ୍ରା

ଖୋର୍ଦ୍ଧା, ୨୬/୧୦ (ନି.ପ୍ର): ଓଡ଼ିଶା ବିଦ୍ୟାଳୟ ଶିକ୍ଷ୍ୟା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଭୁବନେଶ୍ୱରଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ତତ୍ୱାବଧାନରେ ସମଗ୍ର ଶିକ୍ଷା, ଖୋର୍ଦ୍ଧା ଆନୁକୁଲ୍ୟରେ ଅନ୍ତଃ ନିବେଶି ଶିକ୍ଷା ବିଭାଗ ଆନୁକୂଲ୍ୟରେ ସଂଯୋଜିକା ପୁଷ୍ପମିତ୍ର ମିଶ୍ରଙ୍କ ପୌରହିତ୍ୟରେ ଆଜି ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧାର ନାଲି ରଙ୍ଗର ଗଣ ବେଶ ପରିଧାନ କରିଥିବା ସମସ୍ତ ଛାତ୍ରୀ ମାନଙ୍କୁ ନେଇ ଶିକ୍ଷଣ ଅକ୍ଷମତା ଉପରେ ଏକ ପଦଯାତ୍ରା ଅୟୋଜନ କରାଯାଇଥିଲା। ଏହି ପଦଯାତ୍ରାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଓ ସଂଯୋଜିକା ପୁଷ୍ପମିତ୍ର ମିଶ୍ର ପତାକା ଦେଖାଇ ଶୁଭ ଉଦ୍ଘାଟନ କରିଥିଲେ।

ଏହା ପୂର୍ବରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧାର ପରିସର ମଧ୍ୟରେ ସମସ୍ତ ଛାତ୍ରୀ ମାନଙ୍କ ପ୍ରାର୍ଥନା ସଭାରେ ସଂଯୋଜିକା ତାଙ୍କ ଉଦବୋଧନରେ କହିଥିଲେ ଯେ, ଏହିଭଳି ସମସ୍ୟା ଦ୍ୱାରା ଛାତ୍ର ଛାତ୍ରୀ ଓ ବ୍ୟକ୍ତି ବିଶେଷ ମାନେ ପଢ଼ିବାରେ, ଲେଖିବାରେ ଓ ଗାଣିତିକ ସମାଧାନ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ପ୍ରକାର ସମସ୍ୟା ସେମାନଙ୍କର ମସ୍ତିଷ୍କ ଗଠନ ଓ କାର୍ଯ୍ୟର ବ୍ୟତିକ୍ରମ ଯୋଗୁଁ ସୃଷ୍ଟି ହୋଇଥାଏ। ଅନ୍ୟତମ ଅତିଥି ଖୋର୍ଦ୍ଧା ଜିଲ୍ଲାର ମନୋବିଜ୍ଞାନୀ ଶୁଭଶ୍ରୀ ପଣ୍ଡି ମକବାଟ ଜିଲ୍ଲା ସୁରକ୍ଷା ବିଭାଗ ତରଫରୁ ଆସି ଯୋଗଦାନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଏହା ହେଉଛି ଏକ ଜୀବନବ୍ୟାପୀ ସମସ୍ୟା। ଏହା ସାମାଜିକ ଜୀବନରେ ଓ ଦୈନନ୍ଦିନ ନିତ୍ୟକର୍ମ କରିବାରେ ଅଧିକ ପ୍ରଭାବ ପକାଇ ଛାତ୍ର ଛାତ୍ରୀ ମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ବାଧକ ସୃଷ୍ଟି କରିଥାଏ। ତେଣୁ ସମସ୍ତ ଛାତ୍ରଛାତ୍ରୀ ଓ ବ୍ୟକ୍ତି ବିଶେଷ ଏହିପରି ସମସ୍ୟାର ସମ୍ମୁଖୀନ ହେବା ସତ୍ୱେ ସେମାନଙ୍କ ମଧ୍ୟରେ ଥିବା ସାମର୍ଥ୍ୟ ଅଛି ବୋଲି ଅନୁଭବ କରିବା ଉଚିତ୍ ବୋଲି କହିଥିଲେ। ଏହି ସବୁ ସମସ୍ୟା ଥିବା ସତ୍ୱେ ବହୁ ବିଶିଷ୍ଟ ବ୍ୟକ୍ତି ଯେପରିକି ଆଲବର୍ଟ ଆଇନ୍ଷ୍ଟାଇନ୍, ବେଲ୍ ଗ୍ରିଟ୍ସ, ଅଭିଷେକ ବଚ୍ଚନ ଓ ସନୀ ଦେଓଲ୍ ଇତ୍ୟାଦି ମାନଙ୍କର ଉଦାହରଣ ପିଲା ମାନଙ୍କୁ କହିଥିଲେ। ଏହି ଶିକ୍ଷଣ ଅକ୍ଷମତା କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ,ପ୍ରଧାନ ଶିକ୍ଷକ ଅଗାଧୁ ସେଠୀ, ସିଆରସିସି ମନୋଜ ଦାଶ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାର ସମସ୍ତ ଶିକ୍ଷୟତ୍ରୀ, ଜଟଣୀ, ଖୋର୍ଦ୍ଧା, ବେଗୁନିଆ, ଓ ଟାଙ୍ଗୀ ବ୍ଲକ ର ସମସ୍ତ ସମ୍ବଳ ଶିକ୍ଷକ ଓ ଖୋର୍ଦ୍ଧା ଜିଲ୍ଲାର ପୋଲିସ କର୍ମଚାରୀ, ଟ୍ରାଫିକ କର୍ମଚାରୀ ପ୍ରମୁଖ ଏହି ପଦଯାତ୍ରାକୁ ପରିଚାଳନା କରିଥିଲେ। ଶେଷରେ ଅତିରିକ୍ତ ଶିକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ବିଭାଗ ମନ୍ତ୍ରୀ, ଓଡିଶା ସରକାର କନକ ବର୍ଦ୍ଧନ ସିଂଦେଓଙ୍କ ରାଜେନ୍ଦ୍ର ଏକ୍ସପେରିମେଂଟ ଫାର୍ମକୁ ପରିଦର୍ଶନ

ବଲାଙ୍ଗିର, ୨୬/୧୦ (ନି.ପ୍ର): ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ମିଳିତ ସହଯୋଗରେ ପାରମ୍ପାରିକ ଧାନ ଏବଂ ପୋଷକ ତତ୍ୱ ଧାନର କ୍ଷେତ୍ର ପରିଦର୍ଶନକୁ ଓଡିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ବିଭାଗ ମନ୍ତ୍ରୀ, ଓଡିଶା ସରକାର ମାନ୍ୟବର କନକ ବର୍ଦ୍ଧନ ସିଂଦେଓଙ୍କ ରାଜେନ୍ଦ୍ର ଏକ୍ସପେରିମେଂଟ ଫାର୍ମକୁ ପରିଦର୍ଶନ କରିଥିଲେ। ପ୍ରକାଶ ଥାଉକି କୃଷି ବିଭାଗ ବଲାଙ୍ଗିର ଏବଂ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ମିଳିତ ସହଯୋଗ ତଥା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଏବଂ ରାଜ୍ୟ ବିହନ ପରୀକ୍ଷାଗାର ପ୍ରତ୍ୟକ୍ଷ ତତ୍ୱାବଧାନରେ ବଲାଙ୍ଗିର ଜିଲ୍ଲାରେ ୧୧୨ ପ୍ରକାର ପାରମ୍ପରିକ ଧାନ ମଧ୍ୟରୁ ୬୧ ପ୍ରକାରର ଧାନକୁ ପରୀକ୍ଷା ମୂଳକ ଭାବେ ଜୈବିକ ପଦ୍ଧତି ଅବଲମ୍ବନ କରି ଚାଷ କରାଯିବା ସହିତ ୧୩ ପ୍ରକାରର ସରକାରୀ ସ୍ୱୀକୃତି ପ୍ରାପ୍ତ ଜିଙ୍କ, ପ୍ରୋଟିନ ଏବଂ ଲୋ ଜିଆଇ ଥିବା ଧାନକୁ ୫/୫ ବର୍ଗ ମିଟର ଓ ୩/୩ ବର୍ଗ ମିଟରରେ ପରୀକ୍ଷା କରାଯାଇଅଛି । ଉପ ମୁଖ୍ୟମନ୍ତ୍ରୀ ବିସ୍ତୃତ ଭାବରେ ବିଭାଗୀୟ ଅଧିକାରୀ ଇରିର କର୍ମକର୍ତ୍ତାଙ୍କ ସହ ପ୍ରତ୍ୟେକ କିସମର ଗୁଣବତା ଉପରେ ଆଲୋଚନା କରିବା ସହିତ ଓଡିଶାର କୃଷକ ମାନଙ୍କୁ ତଥା ବଲାଙ୍ଗିର ପ୍ରମୁଖ କିସମକୁ ପ୍ରଚଳିତ କରିବା ନିମିତ ବିଭାଗୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରେ ନିକଟରେ ଥିବା ଆଂଚଳିକ ପ୍ରଶିକ୍ଷଣ ତାଲିମ କେନ୍ଦ୍ରକୁ ପରିଦର୍ଶନ କରି ଅନୁଷ୍ଠାନର କାର୍ଯ୍ୟକ୍ରମ ଗୁଡ଼ିକ ଅନୁଧ୍ୟାନ କରିଥିଲେ । ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ପ୍ରଗତି ପୁଇଁତଳା କୃଷକ ସଂଗଠନ ଏବଂ ନାବାର୍ଡର ମିଳିତ ସହଯୋଗରେ ପୋଷକତତ୍ୱ ଧାନ ଡି.ଆର.ଆର.-୬୭, ତେଲେଙ୍ଗାନା ସୋନ ଦ୍ୱାରା ପ୍ରସ୍ତୁତ ଚୂଡା ଏବଂ ଚାଉଳକୁ ଦେଖି କୃଷକ ଉତ୍ପାଦକ ସଂଗଠନକୁ ପ୍ରଶଂସିତ କରିଥିଲେ । ଏଥି ସହିତ ଉପମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲାରେ ତାଳ ତେଲ (ପାମ ଅଏଲ)ର ପ୍ରଚାର ପ୍ରସାର ପାଇଁ, ଏମ-୧୧ ଏନର୍ଜି ଟ୍ରାଞ୍ଜିସନ ପ୍ରାଇଭେଟ ଲିମିଟେଡର ଉପ ମୁଖ୍ୟ ପରିଚାଳକ ଶମ୍ଭୁ ସ୍ୱାଇଁଙ୍କ ସହିତ ପାମ ଅଏଲ ଚାଷ ଉପରେ, ବିଶେଷ କରି ସୌର ଶକ୍ତି ଦ୍ୱାରା ପରିଚାଳିତ ଓ ଜଳସେଚନ କ୍ଷେତ୍ର ମାନଙ୍କରେ ପାମ ଅଏଲ କୁ ଚାଷ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ ।

# ବିଧାୟକଙ୍କ ବିରୁଦ୍ଧରେ ମେଳି ବାନ୍ଧିଲେ ଖଇରପୁଟର ଜନ ପ୍ରତିନିଧି

ମାଲକାନଗିରି, ୨୬/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ୧୧ ଗୋଟି ପଂଚାୟତର ସରପଂଚ ଏବଂ ସମିତିସଭ୍ୟ ଆଜି ମିଳିତ ହୋଇ ଚିତ୍ରକୋଣ୍ଡା ବିଧାୟକଙ୍କ ମନମୁଖୀ କାର୍ଯ୍ୟ ବିରୁଦ୍ଧରେ ଏକ ଦାବୀପତ୍ର ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

ପ୍ରକାଶ ଥାଉକି, ରାଜ୍ୟ ସରକାରଙ୍କ ବିକଶିତ ଗ୍ରାମ ବିକଶିତ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମର ବିକାଶ ଦିଗରେ ବିଭିନ୍ନ ଉନ୍ନୟନମୂଳକ କାମ ହେଉଛି ଏବଂ ଗ୍ରାମର କେଉଁ କେଉଁ କାମ ହେବ ଗ୍ରାମ ସଭା, ପଲ୍ଲିସଭାରେ ସ୍ୱୀକୃତି ପାଇ ସରକାରଙ୍କ ଅନୁମୋଦନ ପାଇଁ ଯାଉଛି ଏବଂ ସେଥିରୁ ୪୦ ପ୍ରତିଶତ ଉନ୍ନୟନମୂଳକ କାର୍ଯ୍ୟର ତାଲିକା ବିଧାୟକ ନିଜ ଇଚ୍ଛା ମୁତାବକ ଦେବାର ପ୍ରାବଧାନ ଅଛି କିନ୍ତୁ କାମ ଗୁଡିକ ଅନୁମୋଦନ ହୋଇ ଆସିଲା ପରେ ବିଧାୟକ ସମସ୍ତ କାମର ଠିକାଦାରୀ କଂଗ୍ରେସ କର୍ମୀ କରିବେ ବୋଲି ବ୍ଲକ ପ୍ରଶାସନକୁ ଚାପ ପକାଉଛନ୍ତି। ଫଳରେ ନିର୍ବାଚିତ ପଂଚାୟତ ପ୍ରତିନିଧିଙ୍କ ଉନ୍ନୟନ କାମରେ କୌଣସି ଭୂମିକା ରହୁନାହିଁ। ତେଣୁ ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ସରପଂଚ ଏବଂ ସମିତିସଭ୍ୟ ଏକଜୁଟ ହୋଇ ବିଧାୟକ କେଉଁ ଅଧିକାରରେ ସମସ୍ତ କାମକୁ କଂଗ୍ରେସ କର୍ମୀଙ୍କ ଭିତରେ ବାଂଟିବାକୁ ଦାବି କରୁଛନ୍ତି ବୋଲି ବିଡିଓଙ୍କୁ ପ୍ରଶ୍ନ କରିଥିଲେ ଏବଂ ଆସିଥିବା ସମସ୍ତ କାମରେ ପଂଚାୟତ ପ୍ରତିନିଧିଙ୍କ ଅଗ୍ରାଧିକାର ରହୁ ବୋଲି ଦାବୀ କରିଥିଲେ।

## ଜିଲ୍ଲା ସ୍ତରୀୟ ଡିସଲେକ୍ସିଆ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ୨୬/୧୦ (ନି.ପ୍ର): ଜିଲ୍ଲା ସ୍ତରୀୟ ଡିସଲେକ୍ସିଆ ସଚେତନତା କାର୍ଯ୍ୟକ୍ରମ ୨୦୨୫ ଶିଶୁ ମାନଙ୍କୁ ନେଇ ଆଜି ସ୍ଥାନୀୟ ନରସିଂହ ସ୍ୱାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ,କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଅଛି। ସର୍ବପ୍ରଥମେ ବିଭିନ୍ନ ବ୍ଲକରୁ ଆସିଥିବା ଓ ସ୍ଥାନୀୟ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ରାଲି ବାହାରିଥିଲା। ଏହି ରାଲିକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ପତାକା ଦେଖାଇ ଉଦ୍ଘାଟନ କରିଥିଲେ । ଜିଲ୍ଲା ଅର୍ଣ୍ଣୁବେଶି ଶିକ୍ଷା ସଂଯୋଜକ ପୀତବାସ ସାହୁ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ବ୍ଲକରୁ ମନୋନୀତ ହୋଇ ଆସିଥିବା ଶିଶୁ ମାନେ ପ୍ରବନ୍ଧ, ପୋଷ୍ଟର ମେକିଙ୍ଗ ଓ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିଜୟ କୁମାର ମିଶ୍ର, ରାଜେନ୍ଦ୍ର ସାହୁ, ଭୁବନ ମିଶ୍ର, ଅନନ୍ତ ସାହୁ, ମନୋଜ ରଥ, ଶିକ୍ଷୟିତ୍ରୀ ମନ୍ଦାକିନୀ କର, କମଳିନୀ ସାହୁ, ସି ଆର ସି ସି ଲକ୍ଷ୍ମୀପ୍ରିୟା ବେହେରା, ସସ୍ମିତା ପଣ୍ଡା, ସୌଭାଗ୍ୟ ଦାସ ବିଚାରକ ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଜିଲ୍ଲା ସମଗ୍ର ଶିକ୍ଷା କେନ୍ଦୁଝରର ସମସ୍ତ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାପିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୨୬/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡାଃ. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୭ ଅକ୍ଟୋବର ଠାରୁ ୨ ନଭେମ୍ବର ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଚୂଡାନ୍ତ କରାଯାଇଥିଲା । ଦୁର୍ନୀତି ବିରୋଧରେ ସଚେତନତା ପାଇଁ ୨୭ ଅକ୍ଟୋବର ୧୧ ଘଣ୍ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲା ର ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ତଥା ପ୍ରତିଷ୍ଠାନରେ ଅଧିକାରୀ ଓ କର୍ମଚାରୀମାନେ ସମୁହ ଶପଥପାଠ ଗ୍ରହଣ କରିବେ । ୨୭ ତାରିଖରୁ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବ୍ଲକ ଅନ୍ତର୍ଗତ ଗ୍ରାମ ଗୁଡିକରେ ଗ୍ରାମସଭା ଆୟୋଜନ କରାଯାଇ ଦୁର୍ନୀତି ନିବାରଣ ସଚେତନତା ସଭା ଅନୁଷ୍ଠିତ ହେବ । ବ୍ଲକର ବିଡିଓ ଏବଂ ତହସିଲଦାରମାନେ ଏହି କାର୍ଯ୍ୟକ୍ରମକୁ ଯୋଜନା ମୁତାବକ ସଫଳ କରାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ନଭେମ୍ବର୧ରେ ଏକ ସଚେତନତା ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ କୋଶଳ କଳାମଣ୍ଡଳରୁ ପିପି ଏକାଡେମି ପର୍ଯ୍ୟନ୍ତ ହେବ ଏବଂ ସଚେତନତା ସଭା ଅନୁଷ୍ଠିତ ହେବ । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ସଚେତନତା ସଂପର୍କିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଚଳିତବର୍ଷ "ଦୁର୍ନୀତି ନିବାରଣ ଆମ ସାମୁହିକ ଦାୟିତ୍ୱ" ପ୍ରସଙ୍ଗକୁ ଭିତ୍ତି କରି ପାଳନ କରାଯିବ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁସ୍ଥ ସମାଜ ଗଠନ ତଥା ଦୁର୍ନୀତିର ମୁଳୋତ୍ପାଟନ ପାଇଁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଆହ୍ୱାନ କରିବା ସହ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ କ୍ଷ ଏହି ବୈଠକରେ ଉପ ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ଶାଖା, ବଲାଙ୍ଗିର ପୁଲସ୍ତି ଛତ୍ରିଆ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଜିଲ୍ଲା କ୍ରିଡା ଅଧିକାରୀ ପରାଶର ବାଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ମହିଳାମାନଙ୍କଠାରୁ ୬ ଲକ୍ଷ ଟଙ୍କା ଠକି ନେଇ ୨ ଯୁବକ ଗିରଫ

କେନ୍ଦ୍ରାପଡା, ୨୬/୧୦ (ନି.ପ୍ର): କେନ୍ଦ୍ରାପଡା ଟାଉନ ପୋଲିସ ଦୁଇଜଣ ଠକ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଖବର ନେବାରୁ ଜଣାପଡିଛି ଯେ - ଜଗତସିଂହପୁର ବିରିଡି ଗ୍ରାମର ବୃନ୍ଦାବନ ମହାପାତ୍ରଙ୍କ ପୁଅ ବିଶ୍ୱଜିତ ମହାପାତ୍ର(୪୩) ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ କେରଡ଼ାଗଡ଼ ରାଜପୁର ଗ୍ରାମର ଅମୁଲ୍ୟ ପାତ୍ରଙ୍କ ପୁଅ ସମୀର ପାତ୍ର(୨୫) ନାମକ ଦୁଇ ଜଣ ଯୁବକ କିଛି ସଂଖ୍ୟାଲଘୁ ମହିଳା ମାନଙ୍କୁ ସଲାସୁତୁରା କରି ଲୋଭ ଦେଖାଇ ସେମାନଙ୍କ ଠାରୁ ମୁଣ୍ଡପିଛା ୪ ହଜାର ଲେଖା ଟଙ୍କା ୧୬୫ ଜଣ ମହିଳା ମାନଙ୍କଠାରୁ ଆଦାୟ କରିବା ପରେ ପ୍ରତି ମାସରେ ୨ ହଜାର ଲେଖା ଟଙ୍କାର ୧୪ ମାସ ପର୍ଯ୍ୟନ୍ତ ରାସନ ସାମଗ୍ରୀ ପ୍ରତ୍ୟେକ ଲୋକଙ୍କୁ ଦେବାକୁ କହି ମାତ୍ର ୩ ମାସର ରାସନ ଦେଇ ଚଞ୍ଚକତା ପୂର୍ବକ ପାଖା ପାଖି ୬ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଥିବା ଟାଉନ ଥାନାରେ ଅଭିଯୋଗ ହେବା ପରେ ଗତକାଲି ରାତିରେ ଟାଉନ ଥାନା ଅଧିକାରୀ ଦିଲ୍ଲୀପ ସାହୁଙ୍କ ନେତୃତ୍ୱରେ ଏ.ଏସ.ଆଇ ବୃନ୍ଦାବନ ବେହେରା ଏବଂ ଅନ୍ୟାନ୍ୟ ପୋଲିସ କର୍ମଚାରୀ ମାନଙ୍କ ଗ୍ରହଣରେ ଏକ ସ୍ୱତନ୍ତ୍ର ପୋଲିସ ଟିମ ଭୁବନେଶ୍ୱରରୁ ଚଢ଼ାଉ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଆଣି ଥାନାରେ ଅଟକ ରଖି ବହୁ ପଚରା ଉଚରା ପରେ ଅଭିଯୁକ୍ତ ମାନେ ନିଜ ନିଜର ଦୋଷ ସ୍ୱକାର କରିଥିଲେ । ଅପରାହ୍ନ ୪ ଘଟିକା ସମୟରେ ଥାନା କେସ ନମ୍ବର ୩୧୮(୪), ୩୫୧(୩)/ ୩(୫) ବି.ଏନ.ଏସ ଆକ୍ଟରେ କୋର୍ଟ ଚାଲାଣ କରିଥିବା ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ସାହୁ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି କହିଛନ୍ତି ।

# ବିଦ୍ୟାଳୟ ଉପସ୍ଥାନ ଟଂଚକତା କରି ମଧ୍ୟାହ୍ନ ଭୋଜନ ହଡ଼ପ ଅଭିଯୋଗ

କେନ୍ଦୁଝର, ୨୬/୧୦ (ନି.ପ୍ର): ସରକାର ଶିକ୍ଷାର ଅଗ୍ରଗତି ନିମନ୍ତେ ଅନେକ ଯୋଜନା କରୁଛନ୍ତି। କିଭଳି ଛାତ୍ରଛାତ୍ରୀ ମାନେ ଆଗ୍ରହ ହୋଇ ବିଦ୍ୟାଳୟ ଆସିବେ ଓ ଅପପୃଷ୍ଟି ଦୂର ହେବ ତାହା ଉପରେ ଉପରେ କଡା ନଜର ରଖୁଛନ୍ତି। ପୂର୍ବରୁ ପ୍ରଥମ ଶ୍ରେଣୀ ଠାରୁ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ବେଳେ ତାହାକୁ ବଢ଼ାଇ ଦଶ ଦଶମ ଶ୍ରେଣୀ ପର୍ଯ୍ୟନ୍ତ କରାଯାଇଛି । ତାହାର ସଠିକ୍ ପରିଚାଳନା ପାଇଁ ଅନେକ ପ୍ରକାର ବନ୍ଦୋବସ୍ତ କରାଯାଇଛି। ହେଲେ ଏହାର ଫାଇଦା ଉଠାଇ ମାଲେ ମାଲ ହେଉଛନ୍ତି ଶିକ୍ଷକ। ଅନେକ ବିଦ୍ୟାଳୟ ଗୁଡିକରେ ଦରମା ଟଙ୍କାରେ ସନ୍ତୁଷ୍ଟ ନୁହଁନ୍ତି ଶିକ୍ଷକ । ଯାହା ଫଳରେ ଉପରିସ୍ଥ ଅଧିକାରୀଙ୍କ ସହ ବୁଝାମଣା କରି ଶିକ୍ଷକ ମାନେ ଟଂଚକତାର ସହ ଉପସ୍ଥାନ ବଢ଼ାଇ ହଡପ କରୁଛନ୍ତି, ଆସୁଥିବା ମଧ୍ୟାହ୍ନ ଭୋଜନ ଅର୍ଥ ଛାତ୍ରଛାତ୍ରୀ ମାନଙ୍କ ନାମରେ ଅର୍ଥ ହରିଲୁଟ କରି ନିଜ ପକେଟ ଗରମ କରିଥିବା ଅଭିଯୋଗ ହୋଇଛି । ଏଭଳି ଏକ ଘଟଣା ଲୋକଲୋଚନକୁ ଆସିଛି ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ତେଲକୋଇ ନିର୍ବାଚନ ମଣ୍ଡଳୀ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜଂଘିରା କ୍ଲଷ୍ଟର ଅଧୀନରୁ । ଏହି କ୍ଲଷ୍ଟର ଅଧୀନରେ ଯାଉଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପିଛୁଳାବେଡାରେ ଏଭଳି ଘଟଣା ଦେଖିବାକୁ ମିଳିଛି। କାଳୀପୂଜା ଛୁଟି ପରେ ସ୍କୁଲ ଖୋଲିବାର ପ୍ରଥମ ଦିନ ଏହି ବିଦ୍ୟାଳୟରେ ସମୁଦାୟ ୧୦ ଜଣ ଛାତ୍ର ଛାତ୍ରୀ ରହିଥିଲେ ସୁଦ୍ଧା ପ୍ରଧାନଶିକ୍ଷକ ମାଣିକ ମୁଣ୍ଡା ଉପସ୍ଥାନ ବଢ଼ାଇ ୧୫ କରିଛନ୍ତି। ଏ ସମ୍ପର୍କରେ ସହକାରୀ ଶିକ୍ଷକ କ୍ଷେତ୍ରବାସୀ ମହାନ୍ତିଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନ ମେଂଟେନ କରିବା ଲାଗି ପ୍ରତ୍ୟେକ ଦିନ ଏଭଳି ଉପସ୍ଥାନ ବଢ଼ାନ୍ତି ବୋଲି ପ୍ରତିକ୍ରିୟା ରଖୁଛନ୍ତି। ଗୋଟାଏ ଦିନରେ ପାଂଚଟି ଉପସ୍ଥାନ ବଢିଲେ ଏକ ମାସରେ କେତେ ଓ ବର୍ଷରେ ସମୁଦାୟ କେତେ ବଢୁଛି ସେନେଇ ଆଲୋଚନା ବିଷୟ ହୋଇଛି।

# ଜିଲ୍ଲାସ୍ତରୀୟ ଅନ୍ତଃ ବିଭାଗୀୟ ବୈଠକ ଓ ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦ ପାଇଁ ଶପଥ ପାଠ

ବଲାଙ୍ଗିର, ୨୬/୧୦ (ନି.ପ୍ର): ଜିଲ୍ଲାରେ ଶିଶୁ ଚାଲାଣ, ଦାଦନ ଶ୍ରମିକ, ଯକ୍ଷ୍ମା ମୁକ୍ତ ଭାରତ, ରକ୍ତହୀନତା, ଟୀକାକରଣ, ପ୍ରାକ-ଗର୍ଭ ପରୀକ୍ଷାର ସୂଚକାଙ୍କରେ ଉନ୍ନତି ନିମନ୍ତେ ଏକ ଜିଲ୍ଲା ସ୍ତରୀୟ ଅନ୍ତଃ ବିଭାଗୀୟ ବୈଠକ ବଲାଙ୍ଗିର ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ , ଶିକ୍ଷା ବିଭାଗ , ମହିଳା ଓ ଶିଶୁ ବିକାଶ ବିଭାଗ , ଅନୁସୂଚିତ ଜାତି ଓ ଜନଜାତି ବିଭାଗ , ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଘରୋଇ ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦ ପାଇଁ ଶପଥ ପାଠ କରାଯାଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଭେଷଜ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡାଃ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ, ପ୍ରଦୀପ କୁମାର ନାଗ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ, ସୁଷମା ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ , ଅତିରିକ୍ତ ଆରକ୍ଷୀ ଅଧିକାରୀ, ଅତିରିକ୍ତ ପ୍ରକଳ୍ପ ଅଧିକାରୀ –ଏମ.ଆଇ.ଏସ, ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ପରିଚାଳକ-ଜାତୀୟ ସ୍ୱାସ୍ଥ୍ୟ ମିଶନ ଏବଂ ଉପୋରୋକ୍ତ ବିଭାଗର ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ ଉପୋରୋକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାରେ କିପରି ଶିଶୁ ଚାଲାଣ, ଦାଦନ ଶ୍ରମିକ, ଯକ୍ଷ୍ମା ମୁକ୍ତ ଭାରତ, ରକ୍ତହୀନତା, ଟୀକାକରଣ ଓ ପ୍ରାକ-ଗର୍ଭ ପରୀକ୍ଷାର ସୂଚକାଙ୍କରେ ଉନ୍ନତି କରାଯିବ ତାହା ଉପରେ ବିଶେଷ ଆଲୋଚନା କରି ଏହା ଉପରେ ସମ୍ମିଳିତ ଯୋଜନା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ମାଲ୍ୟବନ୍ତ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ମାଲକାନଗିରି, ୨୬/୧୦ (ନି.ପ୍ର): ଡିସେମ୍ବର ୧୪ ରୁ ୧୮ ପାଂଚ ଦିନ ବ୍ୟାପୀ ସ୍ଥାନୀୟ ଡିଏନକେ ଖେଳ ପଡିଆ ଠାରେ ଚଳିତ ବର୍ଷ ମାଲ୍ୟବନ୍ତ ମହୋତ୍ସବ-୨୦୨୫ ଅନୁଷ୍ଠିତ ହେବ। ଆଜି ଅପରାହ୍ନରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ମାଲ୍ୟବନ୍ତ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ ସୋମେଶ କୁମାର ଉପାଧ୍ୟାୟ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ଅଧକ୍ଷା, ସମାରୀ ଟାଙ୍ଗୁଲ, ଉପାଧକ୍ଷ ପତିତ ପାବନ ବୈଦ୍ୟ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍,ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ,ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଅଶ୍ୱି ଏ ଏଲ୍, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ ଓ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର ଉପସ୍ଥିତ ଥିଲେ। ପାରମ୍ପରିକ ଲୋକ କଳା ଓ ଲୋକ ନୃତ୍ୟ, ପାରମ୍ପରିକ ଜନଜାତି ଭାଷା ସଂସ୍କୃତି ପରମ୍ପରାକୁ ବଜାୟ ରଖି ଏହି ମହୋତ୍ସବକୁ ପାଳନ କରିବା ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏହି ମହୋତ୍ସବକୁ ଆଡମ୍ବର ଓ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଡିସେମ୍ବର ୨,୩ ଓ ୪ ରେ ବ୍ଲକ ସ୍ତରୀୟ ମହୋତ୍ସବ ପାଳନ ନିମନ୍ତେ ଏଠାରେ ନିଷ୍ପତି ନିଆଯାଇଛି। ନଭେମ୍ବର ୩୦ରେ ସାତଟି ବ୍ଲକ୍ ର ପବିତ୍ର ସ୍ଥାନ ରୁ କଳସ ଜଳ ସଂଗ୍ରହ କରାଯାଇ ଜିଲ୍ଲା ସଦର ମହକୁମାସ୍ଥିତ ଭୈରବୀ ମନ୍ଦିର ଠାରେ ଏକତ୍ରିତ ହୋଇ ଜଗନ୍ନାଥ ମନ୍ଦିର ଅଭିମୁଖେ ଶୋଭାଯାତ୍ରା କରାଯିବ। ଚଳିତ ବର୍ଷ ନୌକା ଚାଳନା ପ୍ରତିଯୋଗିତା ପାଇଁ ଅନ୍ୟ ଜିଲ୍ଲାକୁ ମଧ୍ୟ ନିମନ୍ତ୍ରଣ କରାଯିବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାଲ୍ୟବନ୍ତ ମହୋତ୍ସବରେ ସମ୍ମାନିତ କରାଯିବ। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ସଂସ୍କୃତି ଭବନ ଠାରେ ଦୁଇ ଦିନ ଧରି ଲୋକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପୂର୍ବ ବର୍ଷ ଭଳି ମିନି ମାରାଥନ, ନୌକା ଚାଳନା ଓ ପଥ ଉତ୍ସବ ଆୟୋଜନ ହେବ। ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପ୍ରମିଳା ମାଝୀ, ପିଏ ଆଇଟିଡିଏ, ହଳଧର ଶବର, ଅର୍ଥ ପରିଚାଳକ ମାନସ ମିଶ୍ରଙ୍କ ସମେତ ସମସ୍ତ ବ୍ଲକ ଅଧକ୍ଷ, ଜିଲ୍ଲା ପରିଷଦ ସଦସ୍ୟ, ବିଡିଓ, ତହସିଲଦାର ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଦେଶି ମଦ ଚାଲାଣ ବେଳେ ଚଢାଉ: ୨ଗିରଫ

ଜୟପୁର , ୨୬/୧୦ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ୨ ମହିଳା ଅଭିଯୁକ୍ତ କୁ ଗିରଫ କରିଛି । ସୁଚନା ଅନୁଯାଇ ଦେଶି ମଦ ଚାଲାଣ ସୁଚନା ପାଇ ଦେଉଗୁଡା ଓ ସାନମୁଣ୍ଡାଗୁଡାରେ ଚଢାଉ କରିଛି । ଚଢାଉ କରି ୨ ମହିଳା ଅଭିଯୁକ୍ତ ଠାରୁ ୧୫ ଦେଶି ମଦ ଜବତ କରିଛି । ଗିରଫ ୨ ଅଭିଯୁକ୍ତ କୁ ଆଜି ଅପରାହ୍ନ ୪ଟା ୩୦ ମିନିଟ ସମୟରେ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଓଆଇସି ସୁବ୍ରତ କେଶୋରି ହିରଣ ସୁଚନା ଦେଇଛନ୍ତି ।

# ଏନ୍.ଏସ୍.ପୋଲିସ ହାଇସ୍କୁଲରେ ମୌଳିକ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଶିବିର

କେନ୍ଦୁଝର, ୨୬/୧୦ (ନି.ପ୍ର): ଏନ୍.ଏସ୍.ପୋଲିସ ହାଇସ୍କୁଲ, କେନ୍ଦୁଝର ପରିସରରେ ଦୁଇ ଦିନିଆ ମୌଳିକ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଶିବିର ଓଡ଼ିଶା ପୋଲିସ ଓଡ୍ରାଫ ୟୁନିଟ ୩ୟ ଆଇ.ଆର.ବିଏନ୍, କଳିଙ୍ଗ ନଗର,ଯାଜପୁର ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଳା ରାଉତ ଏହି ଶିବିରକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ଏନ୍.ସି.ସି. ଅଫିସର୍ ବିଜୟ କୁମାର ବେହେରା, ସ୍କାଉଟ୍ ମାଷ୍ଟର ଗୁରୁଦେବ ମହାନ୍ତଙ୍କ ତତ୍ୱାବଧାନରେ ୧୫୦ ରୁ ଉର୍ଦ୍ଧ୍ୱ ଏନ୍.ସି.ସି. କ୍ୟାଡେଟ,ସ୍କାଉଟ୍, ଗାଇଡ୍ ଏହି ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା,ବାତ୍ୟା, ଭୂମିକମ୍ପ,ବଜ୍ରପାତ ସମୟରେ କିପରି ଏନ୍.ସି.ସି.,ସ୍କାଉଟ୍ ଛାତ୍ର ଛାତ୍ରୀ ଅନ୍ୟମାନଙ୍କୁ ସହାୟତା କରି ପାରିବେ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତି,ସାପ କାମୁଡ଼ିଲେ,ଖାଦ୍ୟ ନଳୀରେ କିଛି ଅଟକି ଗଲେ କିପରି ପ୍ରାଥମିକ ଉପଚାର କରି ହେବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା। ହୃତପିଣ୍ଡକୁ ରକ୍ତ ସଂଚାଳନ ବନ୍ଦ ହୋଇଯାଇଥିଲେ ସି.ପି.ଆର ପଦ୍ଧତି ଦ୍ୱାରା କିପରି ପୁନଃ ରକ୍ତ ସଂଚାଳନ କରିହେବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆ ଯାଇଥିଲା।

## ସତ୍ୟସାଇ ସେବା ସମିତିର ପାରାୟଣ ମହୋତ୍ସବ

ଘଟଗାଁ, ୨୬/୧୦ (ନି.ପ୍ର): ସତ୍ୟସାଇ ବାବାଙ୍କ ଜନ୍ମ ସତ୍ୱାର୍ଷିକ ଆଜିଠାରୁ ନଭେମ୍ବର ୫ତାରିଖ ପର୍ଯ୍ୟନ୍ତ ମହାଭକ୍ତି ପୂର୍ଣ୍ଣ ସମାରୋହ ପାଳିତ ପାଳିତ ହେଉଛପୂର୍ବ ପ୍ରସ୍ତୁତି ଅନୁଯାଇ କେନ୍ଦୁଝର ଜିଲ୍ଲା ସତ୍ୟସାଇ ସମିତିର ଦୁଇ ଜିଲ୍ଲା ସଭାପତି ବିଷ୍ଣୁ ପ୍ରସାଦ ଜେନା ଓ ରାଜେନ୍ଦ୍ର ବାରିକଙ୍କ ତତ୍ୱାବଧାନରେ ପ୍ରଥମେ ମାତାରିଣୀଙ୍କୁ ପୂଜା ଅର୍ଚନା କରାଯାଇ ଆଜ୍ଞାମାଳ ଯଜ୍ଞ ସ୍ଥଳରେ ସ୍ଥାପନ କରାଯାଇ ବିଧିନୁସାରେ ହୋମ ଯଜ୍ଞ ଓ ବେଦ ପାଠ ପାରାୟଣ ଅହରହ ଚାଲୁ ରହିଛି ଓଡିଶା ବାହାରୁ ସଶତାଧିକ ଶ୍ରଦ୍ଧାଳୁ ସହିତ ସ୍ଥାନୀୟ ଅଂଚଳରୁ ଯୋଗ ଦେଇ ପାରାୟଣରେ ଯୋଗ ଦେଇଛନ୍ତି ।

# ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ନୂଆ କ୍ରିମିନାଲ ଆଇନ ଉପରେ କର୍ମଶାଳା

ବଲାଙ୍ଗିର, ୨୬/୧୦ (ନି.ପ୍ର): ଭାରତରେ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ତିନୋଟି ଆଇନ ଯଥା- ଭାରତୀୟ ନ୍ୟାୟସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ସମ୍ପର୍କରେ ବ୍ୟାପକ ସଚେତନତାର ଆବଶ୍ୟକ ହେତୁ ଆଇନ ସେବା ସଂସ୍ଥା କ୍ଲାପ ତରଫରୁ ବଲାଙ୍ଗିର ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସହଯୋଗରେ ଏ.ଡି.ଆର. ହଲ୍‌ଠାରେ ପାରାଲିଗାଲମାନଙ୍କ ପାଇଁ ଏକ ଦିନିକିଆ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇ ଯାଇଛି । ଏଥିରେମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ-ତଥା-ଜିଲ୍ଲା ନ୍ୟାୟାଧିଶ ଡ. ପବିତ୍ର ମୋହନ ସାମଲ, ଜଜ୍ ଫେମିଲି କୋର୍ଟ ବିକ୍ରମ କେଶରି ପଟ୍ଟନାୟକ, ଜଜ ଭିଜିଲାନସ କୋର୍ଟ ମଳୟ ରଂଜନ ଦାସ, ସି.ଜେ.ଏମ୍. ଶଂଖ ଚକ୍ରବତୀ, ରେଜିଷ୍ଟ୍ରାର ଶ୍ରଦୀପ ମିଶ୍ର, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶ୍ରୀଯୁକ୍ତ ପବିତ୍ରାନନ୍ଦ ପ୍ରଧାନ, ପ୍ରେସିଡେଂଟ ଜିଲ୍ଲା ବାର ଆସୋସିଏସନ ବାସୁଦେବ ରଥ, କ୍ଲାପର କ୍ରିମିନାଲ ଜଷ୍ଟିସ ପ୍ରୋଜେକ୍ଟ ଡାଇରେକ୍ଟର ଡ. ସଦାନନ୍ଦ ବାଗ, କ୍ଲାପର ଲିଗାଲ ଆଡଭାଇଜର୍ ଚନ୍ଦ୍ରଦେବ ପୁରୋହିତ, କ୍ରିମିନାଲ୍ ଜଷ୍ଟିସ ପ୍ରୋଜେକ୍ଟ କୋଡିନେଟର ବିଜୟଶ୍ରୀ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।




# ଦୀର୍ଘାୟୁ କରିବ ଏସବୁ ଅଭ୍ୟାସ

ନିଜ ଜୀବନ କାଳରେ ସୁସ୍ଥ ରହିବା ପାଇଁ ଲୋକଙ୍କ ସଂଘର୍ଷ ଚାଲିଥାଏ। କିଭଳି ସୁସ୍ଥ ଭାବେ ସେମାନେ ନିଜର ଜୀବନ ବିତାଇବେ, ସେଥିପାଇଁ ବିଭିନ୍ନ tips ଖୋଜନ୍ତି ଲୋକେ। ଏବେ ଜୀବନଶୈଳୀ ବଦଳିଥିବା ବେଳେ ଲୋକଙ୍କ ଆୟୁଷ କମିବାରେ ଲାଗିଛି। ଅନେକ ଲୋକେ ୩୦-୫୦ବର୍ଷ ବୟସ ମଧ୍ୟରେ ମୃତ୍ୟୁବରଣ କରୁଛନ୍ତି। ଏଥିପାଇଁ ଅନେକ କାରଣକୁ ଦାୟୀ କରାଯାଉଥିବା ବେଳେ କିଛି ଅଭ୍ୟାସକୁ ଆପଣାଇ ଆପଣ ଦୀର୍ଘାୟୁ ହୋଇପାରିବେ ବୋଲି କହିଛନ୍ତି ଫ୍ରାନ୍ସର ୧୦୨ ବର୍ଷୀୟ ଯୋଗ ଶିକ୍ଷୟିତ୍ରୀ ଚାର୍ଲୋଟ୍ ଚୋପିନ୍। ତାଙ୍କୁ ଏବେ ୧୦୨ବର୍ଷ। ଏହି ବୟସରେ ମଧ ସେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। ଫ୍ରାନ୍ସର ଏକ ଛୋଟ ଗାଁ ଲେରେରେ ରହୁଥିବା ଚାର୍ଲୋଟ୍ ଚୋପିନ୍ ଆଜି ବିଶ୍ୱ ପାଇଁ ପ୍ରେରଣା। ସେ ୧୯୮୨ ମସିହାରୁ ଗତ ୪୦ ବର୍ଷ ଧରି ଯୋଗ ଶିକ୍ଷା ଦେଇ ଆସୁଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ସେ ୫୦ ବର୍ଷ ବୟସରେ ଯୋଗ କରିବା ଆରମ୍ଭ କରିଥିଲେ। ଆଜି, ସେ କେବଳ ନିଜକୁ ଫିଟ୍ ରଖିନାହାନ୍ତି, ବରଂ ହଜାର ହଜାର ଲୋକଙ୍କୁ ଯୋଗ ସହିତ ଦୀର୍ଘାୟୁ ହେବାର ବାର୍ତ୍ତା ମଧ ବାଣ୍ଟୁଛନ୍ତି। ତେବେ ସେ କେଉଁ ୫ଟି ଅଭ୍ୟାସକୁ ଆପଣାଇ ଏହାକୁ ସମ୍ଭବ କରିପାରିଛନ୍ତି, ତାହା ସାମ୍ନାକୁ ଆସିଛି।

## ୧. ଯୋଗ କେବଳ ବ୍ୟାୟାମ ନୁହେଁ, ଏହା ଜୀବନର ଏକ ଅଂଶ।

ଚାର୍ଲୋଟଙ୍କ ପାଇଁ, ଯୋଗ କେବଳ ଏକ ନିୟମିତ ବ୍ୟାୟାମ ନୁହେଁ, ଏହା ତାଙ୍କ ଜୀବନର ଏକ ଅଂଶ। ସେ ପ୍ରତିଦିନ ଯୋଗ କରନ୍ତି। ଖରା ହେଉ କି ବର୍ଷା, ଯୋଗ କରିବାକୁ ସେ କେବେ ବି ଭୁଲନ୍ତି ନାହିଁ। ଯୋଗ ଶରୀରକୁ ନମନୀୟ, ମନକୁ ଶାନ୍ତ ଏବଂ ଆତ୍ମାକୁ ଶକ୍ତିଶାଳୀ କରିଥାଏ। ଏଥିପାଇଁ ତାଙ୍କୁ ଭାରତ ସରକାର ମଧ ସମ୍ମାନିତ କରିସାରିଛନ୍ତି। ଗତ ବର୍ଷ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କୁ ସମ୍ମାନିତ କରିଥିଲେ। ଯଦି ଆପଣ ମଧ ଫିଟ୍ ରହିବାକୁ ଚାହାଁନ୍ତି, ତେବେ ଆଜିଠୁ ଯୋଗ କରିବା ଆରମ୍ଭ କରନ୍ତୁ।

## ୨. ସଠିକ୍ ଖାଦ୍ୟ ଖାଇବା ଉଚିତ୍।

ଚାର୍ଲୋଟ୍‌ଙ୍କ କହିବା ମୁତାବକ, ତାଙ୍କ ଦିନ କଫି, ଟୋଷ୍ଟ, ବଟର ଏବଂ ମହୁ ସହିତ ଆରମ୍ଭ ହୁଏ। କେତେବେଳେ ସେ କେବଳ ଗୋଟିଏ ଚାମଚ ଜେଲି ମଧ ଖାଆନ୍ତି। ମଧ୍ୟାହ୍ନ ଭୋଜନ ପାଇଁ, ସେ ପ୍ରଚୁର ପନିପରିବା, ଫଳ ଏବଂ ପନିର ପସନ୍ଦ କରନ୍ତି। ତାଙ୍କ ଖାଦ୍ୟରେ Fast Food ବା Processed food ନଥାଏ। ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ବି ଜରୁରୀ।



## ୩. ପ୍ରତିଦିନ ଚାଲିବା ଉଚିତ୍।

୧୦୨ ବର୍ଷ ବୟସରେ ମଧ, ଚାର୍ଲୋଟ୍ ପ୍ରତିଦିନ ଚାଲିବାକୁ ଯାଆନ୍ତି। ସେ ବିଶ୍ୱାସ କରନ୍ତି ଯେ, ତାଜା ପବନରେ ନିଶ୍ୱାସ ନେବା ମନକୁ ଶାନ୍ତ କରିଥାଏ ଏବଂ ଶରୀରକୁ ଶକ୍ତିଶାଳୀ କରିଥାଏ। ଗବେଷଣାରୁ ଜଣାପଡିଛି ଯେ, ପ୍ରତିଦିନ କେବଳ ଗୋଟିଏ ଘଣ୍ଟା ଚାଲିବା ଦ୍ୱାରା ଜୀବନ କାଳ ୬ଘଣ୍ଟା ବୃଦ୍ଧି ପାଇଥାଏ।

## ୪. ଜୀବନରେ ସମ୍ପର୍କ ସବୁଠୁ ଗୁରୁତ୍ୱପୂର୍ଣ୍ଣ।

ଚାର୍ଲୋଟଙ୍କ ଅନୁସାରେ, ସାମାଜିକ ସମ୍ପର୍କ; ଖାଦ୍ୟ ଏବଂ ବ୍ୟାୟାମ ପରି ଗୁରୁତ୍ୱପୂର୍ଣ୍ଣ। ସେ ଏବେ ବି ତାଙ୍କ ବନ୍ଧୁ, ଛାତ୍ର ଏବଂ ପରିବାର ସହିତ ଯୋଗାଯୋଗ କରନ୍ତି। ହସିବା, କଥାବାର୍ତ୍ତା ହେବା ଏବଂ ଅନ୍ୟମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରିବା ତାଙ୍କର ଶକ୍ତିର ମୁଖ୍ୟ ଉତ୍ସ। ୨୦୨୩ମସିହାର ଏକ ଅଧ୍ୟୟନ ଅନୁଯାୟୀ, ଯେଉଁମାନେ ପ୍ରତିଦିନ ନିଜ ମନ କଥା ନିଜ ପରିବାର ବା ବନ୍ଧୁମାନଙ୍କ ସହ ସେୟାର କରନ୍ତି, ସେମାନଙ୍କର ଆୟୁଷ ୮୭% ଅଧିକ ବଢ଼ିଯାଏ। ତେଣୁ, ଯଦି ଆପଣ ମଧ ଅଧିକ ଦିନ ବଞ୍ଚିବାକୁ ଏବଂ ଖୁସି ରହିବାକୁ ଚାହାଁନ୍ତି, ତେବେ ଲୋକଙ୍କ ସହିତ ସମ୍ପର୍କ ମଜବୁତ କରନ୍ତୁ, ହସନ୍ତୁ ଏବଂ ବନ୍ଧୁ ହୁଅନ୍ତୁ।

## ୫. ଛୋଟ ଛୋଟ ଜିନିଷରେ ଖୁସି ଖୋଜନ୍ତୁ।

'ଜୀବନରେ ତୁମେ ଯାହା ଚାହୁଁଛ ତାହା ମିଳିଯିବା ସୁଖ ନୁହେଁ, ବରଂ ତୁମ ପାଖରେ ଯାହା ଅଛି ତାକୁ ଭଲ ପାଇବା ଏବଂ ଖୁସି ହେବା ହେଉଛି ସୁଖ। ଛୋଟ ଛୋଟ ଜିନିଷରେ ଖୁସି ଖୋଜିବା ଜରୁରୀ' ବୋଲି କହିଛନ୍ତି ଚାର୍ଲୋଟ।

# ଅନଲାଇନ୍ ଖାଦ୍ୟ ଆଣିପାରେ ବିପଦ !

ଆଜିକାଲି ସୁବିଧାବାଦୀ ଦୁନିଆରେ ଲୋକେ ଆଉ କଷ୍ଟ କରିବାକୁ ଚାହୁଁ ନାହାନ୍ତି । କେମିତି କମ ସମୟରେ ପେଟ ପୂରିଯିବ, ଖାଦ୍ୟ ପହଞ୍ଚିଯିବ ସେ ପାଇଁ ଅନଲାଇନ ଖାଦ୍ୟ ଅର୍ଡରକୁ ଗୁରୁତ୍ୱ ଦେଉଛନ୍ତି । ତେଣୁ ଦିନକୁ ଦିନ ଅନଲାଇନ ଖାଦ୍ୟର ଚାହିଦା ବି ବଢ଼ୁଛି । ଅର୍ଡର କରିଦେଲେ ରୋଷେଇର ଝିନଝଟ ନାହିଁ କି ସମୟ ନଷ୍ଟ ହେବାର ନାହିଁ । ଅନ୍ୟପଟେ ଆଜିର ପ୍ରତିଯୋଗିତା ମୂଳକ ସମାଜରେ ପରିବାର ଚଳାଇବାକୁ ସମସ୍ତଙ୍କୁ କର୍ମଜୀବୀ ହେବାକୁ ପଡୁଛି । ଆଗ ଭଳି ଖୁବ୍ କମ୍ ପରିବାର ଅଛନ୍ତି ଯେଉଁଠି ଘରେ ରହି କାମ କରିବାକୁ ପରିସ୍ଥିତି ସହଯୋଗ କରୁଛି । ସମସ୍ତେ ଟିକେ ସହଜରେ ଓ ସ୍ୱଚ୍ଛନ୍ଦରେ ରହିବାକୁ ଉଭୟ ସ୍ୱାମୀ , ସ୍ତ୍ରୀଙ୍କୁ କାମ କରିବାକୁ ପଡୁଛି , ତେଣୁ ଅନେକ ସମୟରେ ରୋଷେଇ କରିବାକୁ ସମୟ ନଥାଏ , ତେଣୁ ବାଧ ହୋଇ ସେମାନେ ଖାଦ୍ୟ ଅର୍ଡର କରି ଖାଆନ୍ତି ।

ସହରୀ ଜୀବନରେ ଅନେକ ପରିବାର ପାଇଁ ଅର୍ଡର କରି ଖାଦ୍ୟ ଖାଇବା ଅଭ୍ୟାସରେ ପରିଣତ ହୋଇଗଲାଣି । ଯୁବଗୋଷ୍ଠୀ ମଧ ଅନଲାଇନ୍ ଫୁଡ୍ ମାୟାରେ ପଡ଼ିଗଲେଣି । ଏଥିରେ ଅତି ସହଜରେ ଖାଦ୍ୟ ପାଖରେ ପହଞ୍ଚିଯାଏ କିନ୍ତୁ ଜାଣନ୍ତି ,ଏହି ଖାଦ୍ୟ ଶରୀର ପାଇଁ ଘୋର ବିପଦ ।

ଯୁବ ସମାଜ ଏହି ଅଭ୍ୟାସ ତାଙ୍କର ଏକ ପ୍ରକାର ନିଶାରେ ପରିଣତ ହେଲାଣି । ହେଲେ ଏଥିରେ ଏକାଧିକ ଶାରୀରିକ ସମସ୍ୟା ଦେଖାଯାଉଛି । ପ୍ରଥମତଃ ମେଦବହୁଳତା ସମସ୍ୟା ଦେଖାଯାଉଛି ଏବଂ ପାଚନ କ୍ରିୟା ଦେଖାଯାଉଛି । କେବଳ ଶାରୀରିକ ନୁହେଁ ବରଂ ମାନସିକ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ କୁପ୍ରଭାବ ପକାଉଛି ।




***ପୋଷଣ ଅଭାବ:***

ଫୁଡ୍ ଡେଲିଭରୀରେ ମିଳୁଥିବା ଅଧିକାଂଶ ଖାଦ୍ୟ ଫାଷ୍ଟଫୁଡ୍ , ପ୍ରୋସେସଡ୍ ଫୁଡ୍ ବ୍ୟତୀତ ଅଧିକ କ୍ୟାଲୋରୀ ଓ କମ୍ ପୋଷଣଯୁକ୍ତ ଖାଦ୍ୟ ମିଳିଥାଏ । ସମୟ ସହ ଲୋକଙ୍କର ନିର୍ଭରଶୀଳତା ଫଳରେ ଅସନ୍ତୁଳିତ ଡାଏଟର ମାତ୍ରା କ୍ରମଶଃ ବଢ଼ିଚାଲିଛି । ଏହାଦ୍ୱାରା ଶରୀରରେ ଆବଶ୍ୟକ ଭିଟାମିନ୍, ଖଣିଜ ପଦାର୍ଥ, ଓ ପୋଷକ ତତ୍ତ୍ୱ ଅଭାବ ହେବାର ଆଶଙ୍କା ବଢ଼ିପାରେ ।

***ଓଜନ ଓ ମୋଟାପଣ:***

ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ଏବଂ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଓଜନ ବଢ଼ାଇବା ସହିତ ମୋଟାପଣ ବଢ଼ାଇଥାଏ ।ଏଥିରେ ଅସ୍ୱାସ୍ଥ୍ୟକର ଶର୍କରା, ଓ ସୋଡିୟମର ମାତ୍ରା ଅଧିକ ରହିଥାଇ ଫଳରେ ମେଟାବୋଲିଜିମ୍ ସହ ଶରୀରରେ ଆବଶ୍ୟକତାଠାରୁ ଅଧକ ଫ୍ୟାଟ୍ ଜମା ହୋଇ ଘାତକ ପ୍ରମାଣିତ ହୋଇପାରେ।

***ହୃଦଘାତ ସମସ୍ୟା:***

ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଖାଇବା ଦ୍ୱାରା କାର୍ଡିଓ ଭାସ୍କୁଲାର ବା ହୃଦଘାତ ଜନିତ ସମସ୍ୟା ହେବାର ଆଶଙ୍କା ବଢ଼ିପାରେ, ଯାହା ରକ୍ତଚାପ , ହୃଦରୋଗ ଓ ଷ୍ଟ୍ରୋକକୁ ନିମନ୍ତ୍ରଣ କରେ । ଆବଶ୍ୟକତା ଠାରୁ ଅଧିକ ଫ୍ରାଏଡ୍ ଫୁଡ୍ ଓ ପ୍ରୋସେସଡ ଫୁଡ ଖାଇଲେ ଶରୀରରେ କୋଲେଷ୍ଟରେଲ ସ୍ତର ବଢ଼ିଯାଇ ହାର୍ଟଆଟାକ୍ ସମସ୍ୟାକୁ ବଢ଼ାଇଥାଏ।

***ପାଚନ ସମସ୍ୟା:***

ଅନଲାଇନରେ ମିଳୁଥିବା ଖାଦ୍ୟରେ ଫାଇଭର ଓ ପୋଷକ ତତ୍ତ୍ୱ ନଥାଏ ।ଫଳରେ ପାଚନ ସମସ୍ୟା ସୃଷ୍ଟି ହୋଇଥାଏ । କୋଷ୍ଠକାଠିନ୍ୟ, ବାନ୍ତି ହେବା ପେଟରେ ଗ୍ୟାସ ହେବା ସହ ଫୁଲିଯିବା ପରି ସମସ୍ୟା ଦେଖାଯାଏ।

***ରକ୍ତରେ ଶର୍କରା ମାତ୍ରା ବୃଦ୍ଧି:***

ଅଧିକ ମିଠା ଓ ଅଧିକ କାର୍ବୋହାଇଡ୍ରେଟ୍ ଯୁକ୍ତ ଖାଦ୍ୟ ସାଙ୍ଗକୁ ଖାଇବାରେ ଅନିୟମିତତା ରକ୍ତରେ ଶର୍କରାର ମାତ୍ରା ବଢ଼ାଇଦିଏ । ଏହାଦ୍ୱାରା ଇନସୁଲିନ୍ ସୃଷ୍ଟିରେ ବାଧା ସୃଷ୍ଟି ହେବା ସହ ଫଳରେ ଟାଇପ୍ -୨ ଡାଇବେଟିସ୍ ହୋଇଥାଏ ।

***ଚିଡ଼ଚିଡ଼ାପଣ:***

ଅର୍ଡର କରି ପୋସେସଡ୍ ଖାଦ୍ୟ ଲଗାତାର ଖାଇଲେ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିକ ହୋଇଥାଏ ।କଥାରେ ଅଛି ଯେପରି ଖାଦ୍ୟ ସେପରି ମନର ସ୍ଥିତି । କହିବାର ଅର୍ଥ ଆମେ ଯେପରି ଖାଦ୍ୟ ଖାଇବା ଆମ ମନ ଓ ଶରୀର ଉପରେ ସେହିପରି ପ୍ରଭାବ ପଡ଼ିବ । ତେଣୁ ଲଗାତାର ଅର୍ଡର ଫୁଡ ଖାଇଲେ ଜଣଙ୍କଠାରେ ଅବସାଦ ଓ ଚିଡ଼ିଚିଡ଼ାପଣ ଦେଖାଯିବାର ଅଧିକ ସମ୍ଭାବନା ଥାଏ । କହିବାକୁ ଗଲେ ଅର୍ଡର କରି ଖାଦ୍ୟ ଖାଇଲେ ରୋଗ ତ କିଣିବେ, ଡାକ୍ତର ପାଖରେ ଟଙ୍କା ଦେଇ ଦେଇ ଦେବାଳିଆ ବି ହେବେ ।ଏବେ ଆପଣ କୁହନ୍ତୁ ଟିକେ ସମୟ କାଢି ଘରେ ରୋଷେଇ କରି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବେ ନା ଅନଲାଇନ୍ ଖାଦ୍ୟ ଖାଇ ବିପଦକୁ ବରଣ କରିବେ ।

# ଯକୃତ ଖରାପ ପୂର୍ବରୁ ଦେଖାଦିଏ ଏହି ସବୁ ଲକ୍ଷଣ

ଯକୃତ ଖରାପ ରୋଗରେ ଆଜିକାଲି ଅନେକ ଲୋକ ଆକ୍ରାନ୍ତ ହେଉଛନ୍ତି। ହେଲେ ଏହାର ଏକ ଭଲ କଥା ହେଉଛି; ଯକୃତ ଖରାପ ହେବା ପୂର୍ବରୁ ଆମକୁ ଲକ୍ଷଣ ଜଣାପଡ଼ିଯାଏ। ଯାହାଫଳରେ ସଜାଗ ହେବାକୁ ଏକ ସୁଯୋଗଟିଏ ମିଳିଥାଏ। ସମୟ ପୂର୍ବରୁ ଚିକିତ୍ସା କଲେ ଭବିଷ୍ୟତରେ ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଏମିତି ଅନେକ ଲକ୍ଷଣ ଅଛି; ଯାହାକୁ ଲୋକ ନଜର ଅନ୍ଦାଜ କରିଥାନ୍ତି।

***କେଉଁ ଲକ୍ଷଣ ଦେଖା ଦେଲେ ହେବେ ସଜାଗ***

ଯଦି ରାତି ସମୟରେ ଆପଣଙ୍କୁ ବାରମ୍ବାର ପରିଶ୍ରା ଲାଗୁଛି; ତାହା ଏକ ସ୍ୱାଭାବିକ ଶାରୀରିକ ପ୍ରକ୍ରିୟା ନୁହେଁ। ଏଭଳି ପରିସ୍ଥିତିରେ ଆପଣ ଡାକ୍ତରୀ ପରାମର୍ଶ ଗ୍ରହଣ କରିବା ଜରୁରୀ।

ବାରମ୍ବାର ପରିଶ୍ରା ଲାଗିବା ଯେପରି ସ୍ୱାଭାବିକ ନୁହେଁ; ପରିଶ୍ରାର ରଂଗ ବଦଳିବା ବି ଚିନ୍ତାର ବିଷୟ। ଯଦି ହଠାତ୍ ଆପଣଙ୍କ ପରିଶ୍ରାର ରଂଗ ବଦଳିବାର ଆପଣ ଅନୁମାନ କରୁଛନ୍ତି ତେବେ ତୁରନ୍ତ ଡାକ୍ତର ଦେଖାନ୍ତୁ। ତ୍ୱଚା ମାତ୍ରାଧିକ କୁଣ୍ଡେଇ ହେବା ବି ଯକୃତ ଖରାପ ହେବାର ସଂକେତ। ଆମେ ଭାବନ୍ତି କୁଣ୍ଡେଇ ହେବା ଏକ ତ୍ୱଚା ସଂକ୍ରମଣ। ମାତ୍ର ବେଳେ ବେଳେ ଏହା ଯକୃତ ସମସ୍ୟା ପାଇଁ ବି ହୋଇପାରେ। ଯକୃତ ଖରାପ ହେଲେ ଆଖି ରୋଗ ବି ଆରମ୍ଭ ହୋଇଯାଏ। ଆଖି ତଳ କଳାପଡ଼ିବା, ଶୁଖିଲା ଦେଖାଯିବା ଆଦି ଅସୁସ୍ଥକର ଯକୃତର ଲକ୍ଷଣ।

***ଯକୃତକୁ ସୁସ୍ଥ ରଖିବେ କିପରି***

ଆପଣ ଯଦି ନିଜ ଯକୃତକୁ ସୁସ୍ଥ ରଖିବାକୁ ଚାହାନ୍ତି ତେବେ ପିଆଜ ଖାଆନ୍ତୁ। ପିଆଜ ଖାଇବା ଦ୍ୱାରା ଯକୃତ ଭଲ କାମ କରିଥାଏ। ମାଛ ଖାଇବା ବି ଯକୃତ ପାଇଁ ଖୁବ୍ ଭଲ। ଆପଣ ଯେତେ ପାରୁଛନ୍ତି ଶାଗ ଓ ପତ୍ରଜାତୀୟ ଖାଦ୍ୟ ଖାଆନ୍ତୁ। ଏହାବି ଯକୃତ ପାଇଁ ଖୁବ୍ ଭଲ। ଶସ୍ୟଜାତୀୟ ଖାଦ୍ୟ ଖାଇବା ମଧ ଯକୃତ ସ୍ୱାସ୍ଥ୍ୟ ପାଇଁ ଭାରି ଭଲ। ପାରୁଛନ୍ତି ଯଦି ପ୍ରତିଦିନ ଗୋଟାଏ ଲେଖାଏ ଅଣ୍ଡା ଖାଆନ୍ତୁ।



ଜଙ୍କ୍ ଫୁଡ୍ ଓ ଫାଷ୍ଟ ଫୁଡ୍ ଆଦି ଆଦୌ ବି ଖାଆନ୍ତୁ ନାହିଁ। ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ। ବଜାରରୁ ମିଳୁଥିବା ବିଭିନ୍ନ ପ୍ରକାର ଜଙ୍କ୍ ଫୁଡ୍ ଆପଣଙ୍କ ଯକୃତକୁ ଖରାପ କରିବା ପାଇଁ ଯଥେଷ୍ଟ ।

ଆଜିର ସମୟରେ ଲୋକମାନେ ମାଂସ ଖାଇବାକୁ ଖୁବ୍ ପସନ୍ଦ କରନ୍ତି । ଭାରତରେ ଶାକାହାରୀଙ୍କ ଠାରୁ ଅଧିକ ମାଂସାହାରୀ ଅଛନ୍ତି । କିନ୍ତୁ ଯଦି ଆପଣ ଆବଶ୍ୟକତାଠାରୁ ଅଧିକ ମାଂସ ସେବନ କରୁଛନ୍ତି ତେବେ ଏହା ଆପଣଙ୍କ ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇପାରେ । ଏହା ମଧ ଯକୃତ ଖରାପର ଅନ୍ୟତମ କାରଣ।

ଅଧିକାଂଶ ଲୋକ ଧୂମପାନ କରିବାକୁ ମଧ ଖୁବ୍ ଭଲ ପାଆନ୍ତି । କିନ୍ତୁ ଧୂମପାନ ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ ଯାହା ଯକୃତକୁ ଅକାମୀ କରିଦିଏ ।




# ହୃଦ୍‌ଘାତର ଲକ୍ଷଣ ଗୋଡ଼ରେ

ହୃଦ୍‌ଘାତ ଏକ ଜୀବନଘାତକ ଅବସ୍ଥା। ଯାହାର ଲକ୍ଷଣଗୁଡ଼ିକୁ ପ୍ରାୟତଃ ଲୋକେ ଅଣଦେଖା କରିଥାନ୍ତି। କିଛି ଲୋକ ବିଶ୍ୱାସ କରନ୍ତି ଯେ, ଗୋଡ଼ ଯନ୍ତ୍ରଣା ହୃଦଘାତର ଏକ ଲକ୍ଷଣ ହୋଇପାରେ। ତଥାପି, ଡାକ୍ତରମାନେ ବିଶ୍ୱାସ କରନ୍ତି ଯେ ଗୋଡ଼ ଯନ୍ତ୍ରଣା ହୃଦ୍‌ଘାତର ଏକ ଲକ୍ଷଣ ନୁହେଁ ବରଂ ଏହା ଅନ୍ୟ ରୋଗର ଲକ୍ଷଣ ହୋଇପାରେ। ଯେତେବେଳେ ଅମ୍ଳଜାନ ଯୁକ୍ତ ରକ୍ତ ହୃଦୟ ମାଂସପେଶୀ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ ସେତେବେଳେ ହୃଦ୍‌ଘାତ ହୁଏ। ଯେତେବେଳେ କରୋନାରୀ ଧମନୀରେ ଅବରୋଧ ହୋଇଥାଏ ସେତେବେଳେ ଏଭଳି ସ୍ଥିତି ସୃଷ୍ଟି ହୋଇଥାଏ। ହୃଦ୍‌ଘାତର ସାଧାରଣ ଲକ୍ଷଣଗୁଡ଼ିକ ହେଉଛି ଛାତି ଯନ୍ତ୍ରଣା , ବାହୁ, ବେକ, ପିଠିରେ ଯନ୍ତ୍ରଣା, ନିଶ୍ୱାସ ନେବାରେ କଷ୍ଟ, ବାନ୍ତି ହେବା, ଥଣ୍ଡା ଝାଳ ଏବଂ ମୁଣ୍ଡ ବୁଲାଇବା କିମ୍ବା ହାଲୁକା ମୁଣ୍ଡବିନ୍ଧା ଆଦି ହେବା। ଯଦି ଏହି ଲକ୍ଷଣଗୁଡ଼ିକ ଅନୁଭବ କରନ୍ତି, ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ। ବିଳମ୍ବ ନକରି ତୁରନ୍ତ ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ। କାରଣ ଏହା ହୃଦ୍‌ଘାତର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।

***ଗୋଡ଼ ଯନ୍ତ୍ରଣା ହୃଦଘାତର ଲକ୍ଷଣ ହୋଇପାରେ କି ?***

ଆମେରିକୀୟ ହାର୍ଟ ଆସୋସିଏସନ ଅନୁଯାୟୀ। ଗୋଡ଼ରେ ଯନ୍ତ୍ରଣା କେତେକ ସମୟରେ ହୃଦରୋଗର ଲକ୍ଷଣ ହୋଇପାରେ। ବିଶେଷକରି ଯେତେବେଳେ ଶରୀରରେ ରକ୍ତ ପ୍ରବାହ ସ୍ୱାଭାବିକ ନଥାଏ । ପେରିଫେରାଲ୍ ଧମନୀ ରୋଗ ହେଉଛି ଏକ ଅବସ୍ଥା ଯାହା ପାଦକୁ ଯାଉଥିବା ଧମନୀଗୁଡିକର ଅବରୋଧ କିମ୍ବା ସଂକୁଚିତ କରିଥାଏ। ଧମନୀରେ ଚର୍ବି ଏବଂ କୋଲେଷ୍ଟ୍ରଲ୍ ଜମା ହେବା ଦ୍ୱାରା ଏଭଳି ହୋଇଥାଏ। ଏହା ଯୋଗୁ ଗୋଡ଼ରେ ଯନ୍ତ୍ରଣା କିମ୍ବା ଜଳାପୋଡ଼ା, ଭାରୀପଣ, ଗୋଡ଼ର ରଙ୍ଗ ଫିକା କିମ୍ବା ନୀଳ ରଙ୍ଗ ହେବା, ଗୋଡ଼ କେଶ ଝଡ଼ିବା ଏବଂ ତଳିପା ଉପରେ ଘାଆ ଭଳି ଲକ୍ଷଣ ସୃଷ୍ଟି କରିଥାଏ। ଏହି ଘାଆ ସହଜରେ ଶୁଖି ନଥାଏ। ଜନ୍ମଗତ ହୃଦରୋଗ ହେଉଛି ଏକ ଅବସ୍ଥା ଯେଉଁଥିରେ ହୃଦୟର ଗଠନ ଜନ୍ମରୁ ଅସ୍ୱାଭାବିକ ଥାଏ। ଯେପରିକି ହୃଦୟ ୱାଲ ଏବଂ ଭାଲଭ ଠିକ୍ ଭାବରେ ବିକଶିତ ହେଉନାହିଁ। ଏହି ଅବସ୍ଥା ଯୋଗୁ ନୀଳ ଚର୍ମ କିମ୍ବା ଓଠ ଲଗାତାର ଥକ୍କାପଣ, ନିଶ୍ୱାସ ନେବାରେ କଷ୍ଟ। ଦ୍ରୁତ ହୃଦସ୍ପନ୍ଦନ କିମ୍ବା ଅସ୍ୱାଭାବିକ ହୃଦୟ ଶବ୍ଦ ଭଳି ଲକ୍ଷଣ ସୃଷ୍ଟି କରିପାରେ। କିଛି କ୍ଷେତ୍ରରେ, ପିଲାମାନେ ସେମାନଙ୍କ ପାଦ କିମ୍ବା ଗୋଡ଼ରେ ଯନ୍ତ୍ରଣା ଅଭିଯୋଗ ମଧ କରିଥାନ୍ତି।

ଏହା ଏକ ଗମ୍ଭୀର ଅବସ୍ଥା ଯେଉଁଥିରେ ଗୋଡ଼ର ଶିରାରେ ରକ୍ତ ଜମାଟ ବାନ୍ଧିଥାଏ। ଏହି ଜମାଟ କେତେକ ସମୟରେ ବିପଜ୍ଜନକ ଭାବରେ ଫୁସଫୁସ କିମ୍ବା ହୃଦୟକୁ ଯାଇପାରେ, ଯାହା ଜୀବନ ପାଇଁ ବିପଦପୂର୍ଣ୍ଣ ଜଟିଳତା ସୃଷ୍ଟି କରିପାରେ। ଲକ୍ଷଣଗୁଡ଼ିକ ହେଉଛି ଗୋଡ ଫୁଲିବା, ଜଙ୍ଘରେ ଯନ୍ତ୍ରଣା, ଲାଲ ଚର୍ମ ଏବଂ ଚାଲିବାରେ କଷ୍ଟ ହେବା ଆଦି ଲକ୍ଷଣ ଦେଖାଦେଇଥାଏ। ଏହା ଯୋଗୁ ପାଦ ଏବଂ ଗୋଡ଼ ଫୁଲିଯାଏ। ଏହା ସହିତ, ରୋଗୀ ଛାତି ଭାରୀ ହେବା, ଭୋକ ନ ଲାଗିବା, ଲଗାତାର ଥକ୍କାପଣ ଏବଂ ଦୁର୍ବଳତା ତଥା ସାମାନ୍ୟ ପରିଶ୍ରମରେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥାନ୍ତି। ଗୋଡ଼ ଯନ୍ତ୍ରଣା ହୃଦୟ ସହିତ ଜଡିତ କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ, ଡାକ୍ତରମାନେ ପ୍ରଥମେ ଏକ ଚିକିତ୍ସା ଇତିହାସ ନିଅନ୍ତି ଏବଂ ଏକ ଶାରୀରିକ ପରୀକ୍ଷା କରନ୍ତି। ଏହା ପରେ, କିଛି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କରାଯାଏ, ଯେପରିକି ଆଙ୍କଲ୍-ବ୍ରାକିଆଲ୍ ଇଣ୍ଡେକ୍ସ ପରୀକ୍ଷା, ଯାହା ଅବରୋଧ ଯାଞ୍ଚ କରିବା ପାଇଁ ଗୋଡ଼ ଏବଂ ବାହୁରେ ରକ୍ତଚାପ ତୁଳନା କରେ। ଏହା ସହିତ, ଉଚ୍ଚ ଆଞ୍ଜିଓଗ୍ରାଫି କିମ୍ବା ଗଜଓ ଆଞ୍ଜିଓଗ୍ରାଫି ଭଳି ସ୍କାନ ରକ୍ତବାହୀ ନଳୀର ପ୍ରତିଛବି ନେଇ ଅବରୋଧ କିମ୍ବା ଅସ୍ୱାଭାବିକତା ଚିହ୍ନଟ କରିଥାନ୍ତି। ତେଣୁ ଗୋଡ଼ ଯନ୍ତ୍ରଣାକୁ ହେୟଜ୍ଞାନ କରନ୍ତୁ ନାହିଁ। କାରଣ ଏହା ଏକ ଗମ୍ଭୀର ହୃଦରୋଗର ଲକ୍ଷଣ ହୋଇପାରେ। ତେଣୁ, ଯଦି ଗୋଡ଼ ଯନ୍ତ୍ରଣା ସହିତ ଶ୍ୱାସକ୍ରିୟା କଷ୍ଟ, ଛାତି ଭାରୀ ହେବା କିମ୍ବା ଥକ୍କାପଣ ଅଭୁଭବ ହେଉଛି ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ ଏବଂ ତୁରନ୍ତ ଡାକ୍ତରୀ ପରାମର୍ଶ ନିଅନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସରକାରୀ ନିର୍ଦ୍ଦେଶ ନା ବ୍ୟବସାୟିକ ରଣନୀତି

ଭାରତୀୟ ଅର୍ଥନୀତିର ବିଶାଳ ପୃଷ୍ଠଭୂମିରେ ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) କେବଳ ଏକ ବୀମା କମ୍ପାନୀ ନୁହେଁ, ବରଂ ଏହା କୋଟି କୋଟି ସାଧାରଣ ଭାରତୀୟଙ୍କ ଭରସା ଓ ଆର୍ଥିକ ସୁରକ୍ଷାର ପ୍ରତୀକ। ଏହି ଅନୁଷ୍ଠାନର ପ୍ରତ୍ୟେକ ନିବେଶଗତ ନିଷ୍ପତ୍ତି କେବଳ ଏହାର ଆର୍ଥିକ ସ୍ୱାସ୍ଥ୍ୟ ନୁହେଁ, ବରଂ ଦେଶର ୩୦ କୋଟିରୁ ଅଧିକ ପଲିସିଧାରୀଙ୍କ ସ୍ୱାର୍ଥ ସହ ଜଡ଼ିତ। ତେଣୁ, ଯେତେବେଳେ ଆମେରିକାର ପ୍ରତିଷ୍ଠିତ ସମ୍ବାଦପତ୍ର 'ୱାଶିଂଟନ୍ ପୋଷ୍ଟ' ଏକ ବିସ୍ଫୋରକ ରିପୋର୍ଟରେ ଦାବି କରେ ଯେ ଭାରତ ସରକାରଙ୍କ ଇଙ୍ଗିତରେ ଏଲଆଇସି ନିଜର ହଜାର ହଜାର କୋଟି ଟଙ୍କା ଆଦାନୀ ଗ୍ରୁପ୍‌ର କମ୍ପାନୀଗୁଡ଼ିକରେ ନିବେଶ କରିଛି, ସେତେବେଳେ କେବଳ ଆର୍ଥିକ ମହଲରେ ନୁହେଁ, ବରଂ ଦେଶର ପ୍ରତ୍ୟେକ ସଚେତନ ନାଗରିକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ଏହି ଘଟଣାକ୍ରମ କେବଳ ଏକ ନିବେଶ ବିବାଦ ନୁହେଁ, ବରଂ ଏହା ଦେଶର ସର୍ବବୃହତ ଆର୍ଥିକ ସଂସ୍ଥାର ସ୍ୱାୟତ୍ତତା, ପାରଦର୍ଶିତା ଏବଂ ସରକାରୀ ହସ୍ତକ୍ଷେପର ଗମ୍ଭୀର ପ୍ରସଙ୍ଗକୁ ସାମ୍ନାକୁ ଆଣିଛି।

ୱାଶିଂଟନ୍ ପୋଷ୍ଟର ରିପୋର୍ଟ ଅନୁଯାୟୀ, ୨୦୨୫ ମସିହା ମେ ମାସରେ ଭାରତ ସରକାରଙ୍କ ଅଧିକାରୀମାନେ ପ୍ରାୟ ୩.୯ ବିଲିୟନ ଡଲାର (ପାଖାପାଖି ୩୩,୦୦୦ କୋଟି ଟଙ୍କା) ଏଲଆଇସି ପାଣ୍ଠିରୁ ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକରେ ନିବେଶ ପାଇଁ ଏକ ପ୍ରସ୍ତାବ ପ୍ରସ୍ତୁତ କରିଥିଲେ। ରିପୋର୍ଟରେ ଆଭ୍ୟନ୍ତରୀଣ ଦସ୍ତାବିଜ ଏବଂ ଅଧିକାରୀଙ୍କ ସାକ୍ଷାତକାରକୁ ଉଦ୍ଧୃତ କରାଯାଇ ଦାବି କରାଯାଇଛି ଯେ ଯେତେବେଳେ ଆଦାନୀ ସମୂହ ଆର୍ଥିକ ଏବଂ ଆଇନଗତ ଆହ୍ୱାନର ସମ୍ମୁଖୀନ ହେଉଥିଲା, ସେତେବେଳେ ସରକାରୀ ସ୍ତରରେ ଏହି ଯୋଜନା କରାଯାଇଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା ସଙ୍କଟଗ୍ରସ୍ତ ବ୍ୟବସାୟିକ ସାମ୍ରାଜ୍ୟ ପ୍ରତି 'ଆତ୍ମବିଶ୍ୱାସର ସଙ୍କେତ' ଦେବା ଏବଂ ଅନ୍ୟ ନିବେଶକମାନଙ୍କୁ ଆକୃଷ୍ଟ କରିବା। ଏହି ରିପୋର୍ଟରେ ସବୁଠାରୁ ଚାଞ୍ଚଲ୍ୟକର ଦାବି ହେଉଛି ଯେ, ଏହି ଯୋଜନାର ଅଂଶସ୍ୱରୂପ ଆଦାନୀ ପୋର୍ଟସର ଏକ ବଣ୍ଡ ଇସ୍ୟୁରେ ସମ୍ପୂର୍ଣ୍ଣ ୫୮୫ ମିଲିୟନ ଡଲାର ଏକାକୀ ଏଲଆଇସି ଦ୍ୱାରା ନିବେଶ କରାଯାଇଥିଲା। ଏହି ଅଭିଯୋଗ ସିଧାସଳଖ ଭାବେ କେନ୍ଦ୍ର ସରକାର ଏବଂ ଏଲଆଇସିର ନିବେଶ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି।

ଏହି ଗୁରୁତର ଅଭିଯୋଗ ପରେ ଏଲଆଇସି ତରଫରୁ ତୁରନ୍ତ ଏକ ଦୃଢ଼ ପ୍ରତିକ୍ରିୟା ଆସିଥିଲା। ଏଲଆଇସି ଏହି ରିପୋର୍ଟକୁ 'ମିଥ୍ୟା, ଭିତ୍ତିହୀନ ଏବଂ ସତ୍ୟଠାରୁ ବହୁ ଦୂରରେ' ବୋଲି ଅଭିହିତ କରିଛି। ନିଗମ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ୱାଶିଂଟନ୍ ପୋଷ୍ଟ ରିପୋର୍ଟରେ ଦାବି କରାଯାଇଥିବା ଭଳି କୌଣସି ଯୋଜନା ବା ଦସ୍ତାବିଜ ଏଲଆଇସି ଦ୍ୱାରା ପ୍ରସ୍ତୁତ କରାଯାଇନାହିଁ। ଏଲଆଇସି ଜୋର ଦେଇ କହିଛି ଯେ ତା'ର ସମସ୍ତ ନିବେଶଗତ ନିଷ୍ପତ୍ତି ସ୍ୱାଧୀନ ଭାବରେ, ବୋର୍ଡ ଦ୍ୱାରା ଅନୁମୋଦିତ ନୀତି ଅନୁଯାୟୀ ଏବଂ ବିସ୍ତୃତ ଯାଞ୍ଚ ପରେ ହିଁ ନିଆଯାଇଥାଏ। ଏଥିରେ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ (DFS) କିମ୍ବା ଅନ୍ୟ କୌଣସି ବାହ୍ୟ ସଂସ୍ଥାର କୌଣସି ଭୂମିକା ନାହିଁ। ଏଲଆଇସି ଏହା ମଧ୍ୟ କହିଛି ଯେ ଏହି ରିପୋର୍ଟର ଉଦ୍ଦେଶ୍ୟ ହେଉଛି ଏଲଆଇସିର ସୁପ୍ରତିଷ୍ଠିତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ କ୍ଷତି ପହଞ୍ଚାଇବା ଏବଂ ଭାରତର ଆର୍ଥିକ କ୍ଷେତ୍ରର ମଜବୁତ ଭିତ୍ତିଭୂମି ଓ ନିଗମର ପ୍ରତିଷ୍ଠାକୁ କଳଙ୍କିତ କରିବା। ସେହିପରି ଆଦାନୀ ଗ୍ରୁପ୍ ମଧ୍ୟ ସରକାରୀ ଯୋଜନାରେ କୌଣସି ସମ୍ପୃକ୍ତିକୁ ଅସ୍ୱୀକାର କରିଛି ଏବଂ କହିଛି ଯେ ଏଲଆଇସି ଅନେକ କର୍ପୋରେଟ୍ ଗ୍ରୁପ୍‌ରେ ନିବେଶ କରିଥାଏ ଏବଂ ଆଦାନୀ ଗ୍ରୁପ୍‌କୁ କୌଣସି ପ୍ରାଧାନ୍ୟ ଦିଆଯିବା କଥା ଭ୍ରମାତ୍ମକ ଅଟେ।

ଏହି ଆରୋପ-ପ୍ରତ୍ୟାରୋପର ଧୂମ୍ରଜାଲ ମଧ୍ୟରେ କିଛି ତଥ୍ୟ ଓ ପରିସଂଖ୍ୟାନକୁ ବିଶ୍ଳେଷଣ କରିବା ନିତାନ୍ତ ଆବଶ୍ୟକ। ୨୦୨୩ ମସିହାରେ ହିଣ୍ଡେନବର୍ଗ ରିପୋର୍ଟ ପରେ ଆଦାନୀ ଗ୍ରୁପ୍‌ର ସେୟାର ମୂଲ୍ୟରେ ବ୍ୟାପକ ହ୍ରାସ ଘଟିଥିଲା, ଯାହା ଏଲଆଇସିର ନିବେଶ ଉପରେ ମଧ୍ୟ ପ୍ରଭାବ ପକାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଆଦାନୀ ସେୟାରଗୁଡ଼ିକର ମୂଲ୍ୟରେ ଯେଉଁ ଦ୍ରୁତ ବୃଦ୍ଧି ଘଟିଲା, ତାହା ଏଲଆଇସି ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି। ଷ୍ଟକ୍ ଏକ୍ସଚେଞ୍ଜ ତଥ୍ୟ ଅନୁଯାୟୀ, ୩୧ ମାର୍ଚ୍ଚ ୨୦୨୩ରେ ଆଦାନୀ ଗ୍ରୁପ୍‌ର ସାତୋଟି କମ୍ପାନୀରେ ଏଲଆଇସିର ନିବେଶର ମୂଲ୍ୟ ୩୮,୪୭୧ କୋଟି ଟଙ୍କା ଥିବାବେଳେ, ୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ଏହା ୫୯% ବୃଦ୍ଧି ପାଇ ୬୧,୨୧୦ କୋଟି ଟଙ୍କାରେ ପହଞ୍ଚିଥିଲା। ଏହା ୨୨,୩୭୮ କୋଟି ଟଙ୍କାର ଏକ ସୁସ୍ପଷ୍ଟ ବୃଦ୍ଧିକୁ ଦର୍ଶାଉଛି। ଏପରିକି, କିଛି ରିପୋର୍ଟ ଅନୁସାରେ ଜୁନ୍ ୨୦୨୪ ସୁଦ୍ଧା ଏହି ମୂଲ୍ୟ ୬୬,୩୮୮ କୋଟି ଟଙ୍କାକୁ ଛୁଇଁଥିଲା। ଏହି ତଥ୍ୟକୁ ଆଧାର କରି ଏଲଆଇସି ଏବଂ ସରକାରଙ୍କ ସମର୍ଥକମାନେ ଯୁକ୍ତି ବାଢ଼ିପାରନ୍ତି ଯେ ଏହି ନିବେଶ ଏକ ବ୍ୟବସାୟିକ ଦୃଷ୍ଟିକୋଣରୁ ସଠିକ୍ ଥିଲା ଏବଂ ଏହା ପଲିସିଧାରୀଙ୍କ ପାଇଁ ଲାଭ ଆଣିଦେଇଛି।

କିନ୍ତୁ ପ୍ରଶ୍ନ କେବଳ ଲାଭ ବା କ୍ଷତିର ନୁହେଁ, ପ୍ରଶ୍ନ ହେଉଛି ପ୍ରକ୍ରିୟାର। ଯଦି ୱାଶିଂଟନ୍ ପୋଷ୍ଟର ଦାବି ସତ୍ୟ ହୁଏ, ତେବେ ଏହା ଏକ ଅତ୍ୟନ୍ତ ଗମ୍ଭୀର ବିଷୟ। ଏଲଆଇସି କୌଣସି ବ୍ୟକ୍ତିଗତ କମ୍ପାନୀ ନୁହେଁ, ଏହା ଦେଶର କୋଟି କୋଟି ଲୋକଙ୍କ ସଞ୍ଚୟର ରକ୍ଷକ। ଏହାର ନିବେଶ ନିଷ୍ପତ୍ତି କେବଳ ବଜାରର ସ୍ଥିତି ଏବଂ କମ୍ପାନୀର ମୌଳିକ ଆଧାର ଉପରେ ନିର୍ଭର କରିବା ଉଚିତ୍, କୌଣସି ରାଜନୈତିକ ବା ସରକାରୀ ଚାପରେ ନୁହେଁ। ଯଦି ସରକାର ନିଜର ପସନ୍ଦର କୌଣସି କର୍ପୋରେଟ୍ ସଂସ୍ଥାକୁ ସହାୟତା କରିବା ପାଇଁ ଏଲଆଇସି ଭଳି ଅନୁଷ୍ଠାନକୁ ଏକ 'ବେଲଆଉଟ୍' ପ୍ୟାକେଜ୍ ଯୋଗାଣକାରୀ ଭାବେ ବ୍ୟବହାର କରନ୍ତି, ତେବେ ଏହା ଏହାର ମୂଳ ଉଦ୍ଦେଶ୍ୟ ଏବଂ ବିଶ୍ୱସନୀୟତାକୁ ନଷ୍ଟ କରିଦେବ। ଏହା ଏକ ଭୁଲ ପରମ୍ପରା ସୃଷ୍ଟି କରିବ, ଯେଉଁଠି ଭବିଷ୍ୟତରେ ମଧ୍ୟ ଜନସାଧାରଣଙ୍କ ପାଣ୍ଠିକୁ ବ୍ୟକ୍ତିଗତ କମ୍ପାନୀଗୁଡ଼ିକର ସ୍ୱାର୍ଥ ପାଇଁ ବ୍ୟବହାର କରାଯିବାର ଆଶଙ୍କା ରହିବ। ଏହି ପ୍ରସଙ୍ଗରେ ବିରୋଧୀ ଦଳ, ବିଶେଷକରି କଂଗ୍ରେସ, ସଂସଦର ଲୋକ ଲେଖା କମିଟି (PAC) ଦ୍ୱାରା ତଦନ୍ତ ଦାବି କରିଛି, ଯାହା ଏହି ପ୍ରସଙ୍ଗର ରାଜନୈତିକ ଗୁରୁତ୍ୱକୁ ଦର୍ଶାଉଛି।

ଅନ୍ୟପଟେ, ଏଲଆଇସିର ପ୍ରତିରକ୍ଷାକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ। ଏଲଆଇସି ଏକ ବିଶାଳ ନିବେଶକ ଏବଂ ଏହାର ପୋର୍ଟଫୋଲିଓ ବହୁତ ବଡ଼। ଆଦାନୀ ଗ୍ରୁପରେ ଏହାର ନିବେଶ, ମୋଟ ପରିଚାଳନାଧୀନ ସମ୍ପତ୍ତି (AUM)ର ଏକ କ୍ଷୁଦ୍ର ଅଂଶ ମାତ୍ର। ହିଣ୍ଡେନବର୍ଗ ରିପୋର୍ଟ ପରେ ଯେତେବେଳେ ବଜାରରେ ଆତଙ୍କ ଖେଳିଯାଇଥିଲା, ସେତେବେଳେ ଏକ ଦୀର୍ଘକାଳୀନ ନିବେଶକ ଭାବରେ ଏଲଆଇସି ବଜାରର ଅସ୍ଥିରତାର ସୁଯୋଗ ନେଇ କମ୍ ମୂଲ୍ୟରେ ନିବେଶ କରିବା ଏକ ସ୍ୱାଭାବିକ ବ୍ୟବସାୟିକ ରଣନୀତି ହୋଇପାରେ। ଅନେକ ସମୟରେ ଦେଖାଯାଏ ଯେ ଯେତେବେଳେ ଅନ୍ୟମାନେ ଭୟଭୀତ ହୋଇ ବିକ୍ରି କରନ୍ତି, ସେତେବେଳେ ବୁଦ୍ଧିମାନ ନିବେଶକମାନେ କ୍ରୟ କରିଥାନ୍ତି। ଏଲଆଇସିର ପରବର୍ତ୍ତୀ ଲାଭ ଏହି ଯୁକ୍ତିକୁ କିଛି ମାତ୍ରାରେ ସମର୍ଥନ କରେ। ଏହା ମଧ୍ୟ ସତ୍ୟ ଯେ ଆମେରିକାର ଏଥୀନ ଇନସୁରାନ୍ସ ଭଳି ଅନ୍ୟ ଅନ୍ତର୍ଜାତୀୟ ନିବେଶକମାନେ ମଧ୍ୟ ଆଦାନୀ ଗ୍ରୁପରେ ବଡ଼ ଧରଣର ନିବେଶ କରିଛନ୍ତି।

ତେବେ, ଏହି ସମଗ୍ର ବିବାଦର ମୂଳକେନ୍ଦ୍ର ହେଉଛି ସ୍ୱାୟତ୍ତତା ଏବଂ ପାରଦର୍ଶିତାର ପ୍ରଶ୍ନ। ଏଲଆଇସି ଲାଭ କଲା କି ନାହିଁ, ତାହା ଗୌଣ। ମୁଖ୍ୟ ପ୍ରସଙ୍ଗ ହେଉଛି, ଏହି ନିବେଶର ନିଷ୍ପତ୍ତି କିପରି ଏବଂ କାହାର ନିର୍ଦ୍ଦେଶରେ ନିଆଗଲା ? ଯଦି ସରକାରୀ ସ୍ତରରେ ଏଥିପାଇଁ ଯୋଜନା ହୋଇଥିଲା, ତେବେ ଏହା ନିଶ୍ଚିତ ଭାବରେ ଏକ ସାଂସ୍ଥାନିକ ବିଫଳତା ଏବଂ କ୍ଷମତାର ଅପବ୍ୟବହାରର ନମୁନା। ଏହା ପଲିସିଧାରୀଙ୍କ ସ୍ୱାର୍ଥ ପ୍ରତି ଏକ ପ୍ରତାରଣା। ଆଜି ଯଦି ଏକ ନିବେଶ ଲାଭଦାୟକ ହୋଇଛି, କାଲି ଅନ୍ୟ ଏକ ଚାପଗ୍ରସ୍ତ ନିବେଶ କ୍ଷତିକାରକ ମଧ୍ୟ ହୋଇପାରେ। ସରକାରୀ ସଂସ୍ଥାଗୁଡ଼ିକ ଯଦି ସରକାରଙ୍କ ରାଜନୈତିକ ଏବଂ ଅର୍ଥନୈତିକ ଏଜେଣ୍ଡାର ସାଧନ ପାଲଟିଯାଆନ୍ତି, ତେବେ ତାହା ଦେଶର ଆର୍ଥିକ ସ୍ୱାସ୍ଥ୍ୟ ପାଇଁ ଶୁଭଙ୍କର ନୁହେଁ।

ଏହି ବିବାଦ ଏକ ସୁଯୋଗ ଆଣିଦେଇଛି ଯେଉଁଠି ଏଲଆଇସି ଭଳି ଜନସାଧାରଣଙ୍କ ଅର୍ଥ ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକର ନିବେଶ ପ୍ରକ୍ରିୟାକୁ ଅଧିକ ପାରଦର୍ଶୀ ଏବଂ ସୁଦୃଢ଼ କରାଯିବାର ଆବଶ୍ୟକତା ରହିଛି। ସେମାନଙ୍କର ନିଷ୍ପତ୍ତିଗୁଡ଼ିକ କେବଳ ବୋର୍ଡରୁମରେ ସୀମିତ ନ ରହି, ଏହାର କାରଣ ଏବଂ ଯୁକ୍ତିଯୁକ୍ତତା ଜନସାଧାରଣଙ୍କ ନିକଟରେ ସ୍ପଷ୍ଟ ହେବା ଉଚିତ୍। ୱାଶିଂଟନ୍ ପୋଷ୍ଟର ରିପୋର୍ଟ କେବଳ ଏକ ଅଭିଯୋଗ ହୋଇପାରେ, କିନ୍ତୁ ଏହା ଯେଉଁ ସନ୍ଦେହର ବୀଜ ବପନ କରିଛି, ତାହା ଦୂର କରିବାର ଦାୟିତ୍ୱ ସରକାର ଏବଂ ଏଲଆଇସି ଉଭୟଙ୍କର। ଏକ ନିରପେକ୍ଷ ଏବଂ ବିଶ୍ୱସନୀୟ ତଦନ୍ତ ମାଧ୍ୟମରେ ହିଁ ସତ୍ୟ ସାମ୍ନାକୁ ଆସିପାରିବ ଏବଂ କୋଟି କୋଟି ପଲିସିଧାରୀଙ୍କ ମନରେ ଥିବା ଆଶଙ୍କାର ମେଘ ଦୂର ହୋଇପାରିବ। ଯେପର୍ଯ୍ୟନ୍ତ ତାହା ନ ହୋଇଛି, ସେପର୍ଯ୍ୟନ୍ତ ଏହି ପ୍ରଶ୍ନ ଉଙ୍କି ମାରୁଥିବ – ଏଲଆଇସିର ଆଦାନୀ ନିବେଶ କ'ଣ ପ୍ରକୃତରେ ଏକ ସ୍ୱାଧୀନ ବ୍ୟବସାୟିକ ନିଷ୍ପତ୍ତି ଥିଲା, ନା ଏହା ସରକାରୀ ଇଙ୍ଗିତରେ ପରିଚାଳିତ ଏକ 'ସଙ୍କେତ' ମାତ୍ର ଥିଲା ? ଏହାର ଉତ୍ତର ହିଁ ଭାରତର ଆର୍ଥିକ ସଂସ୍ଥାଗୁଡ଼ିକର ଭବିଷ୍ୟତର ସ୍ୱାଧୀନତାକୁ ନିର୍ଦ୍ଧାରଣ କରିବ।

## ଲୋକଙ୍କ ସହ ସଂଯୋଗର ସେତୁ : ଆରମ୍ଭ ହେଲା 'ଆମ ଶାସନ' ବ୍ୟବସ୍ଥା



**ହୃଷିକେଶ ପୁହାଣ**

ସୁଶାସନର ମୁଖ୍ୟ ଉପାଦାନ ହେଉଛି ଲୋକଙ୍କ ମତାମତ ଏବଂ ପରାମର୍ଶ। ସରକାରୀ ଯୋଜନା, କାର୍ଯ୍ୟକ୍ରମର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିବା ଏବଂ ଲୋକେ ଏହାର ସୁବିଧା କିପରି ପାଇବେ ତା'ର ଦାୟିତ୍ୱ ହେଉଛି ସରକାରଙ୍କର। ଲୋକଙ୍କ ମତାମତ ବିନା କୌଣସି ଯୋଜନା ସଫଳ ହୋଇପାରିବ ନାହିଁ। ତେଣୁ ମତାମତ ଏବଂ ପରାମର୍ଶକୁ ଆଧାରି କରି ସରକାର ଆଗକୁ ବଢୁଛନ୍ତି ଏବଂ ଶାସନ ବ୍ୟବସ୍ଥାକୁ ଆହୁରି ମଜଭୁତ କରିବାର ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେବା ପରେ ରାଜ୍ୟରେ ସୁଶାସନ ବ୍ୟାପକ ହୋଇଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବଭାରତର ବିକାଶର ସ୍ଥଳୀ ଓଡ଼ିଶା ହୋଇଥିବାବେଳେ ଓଡ଼ିଶା ଏବେ ପ୍ରଭୂତ ଉନ୍ନତିରେ ଅନ୍ୟ ରାଜ୍ୟଙ୍କ ତୁଳନାରେ ଯଥେଷ୍ଟ ଆଗୁଆ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ 'ଆମ ଶାସନ' ବ୍ୟବସ୍ଥା କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଏହା କହିଛନ୍ତି। ଓଡ଼ିଶାରେ ଲୋକପ୍ରିୟ ବିଜେପି ସରକାର ସରକାରକୁ ଆସିବାର ପ୍ରଥମ ଦିନରୁ ଜନତାଙ୍କ ସେବା କରିବା ପାଇଁ ପ୍ରତିବଦ୍ଧ ହୋଇ କାର୍ଯ୍ୟ କରୁଛି। ଆଗରୁ ଯେଉଁଠି ଲୋକଙ୍କ ପାଇଁ ଶାସନ ଓ ପ୍ରଶାସନ ଅପହଞ୍ଚ ଥିଲା। ଆଜି ସେଠାରେ ସରକାର ନିଜେ ପହଞ୍ଚିଛନ୍ତି। ଲୋକଙ୍କର ମତାମତ ଅନୁସରଣ କରି ସରକାର ପ୍ରତ୍ୟେକ ନାଗରିକଙ୍କ ସେବା ସୁବିଧା ଓ ଅଧିକାରକୁ ସୁନିଶ୍ଚିତ କରୁଛନ୍ତି। ଜନତାଙ୍କ ସହ ଯୋଡ଼ି ହେବାର ଏହି ପ୍ରୟାସକୁ ଆଉ ଏକ ପାଦ ଆଗକୁ ନେବା ପାଇଁ ରାଜ୍ୟ ସରକାର ଆମ ଶାସନ ବ୍ୟବସ୍ଥା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ବାସ୍ତବରେ ଆମ ଶାସନ କେବଳ ଯୋଜନା ନୁହେଁ ଏହାକୁ ଗାଁ ଗାଁରେ ପହଞ୍ଚାଇବା ଉପରେ ପ୍ରାଥମିକତା ଦେଉଛନ୍ତି। ଆମ ଶାସନ ବ୍ୟବସ୍ଥା କାର୍ଯ୍ୟକ୍ରମରେ ୨୦ ବିଭାଗର ଦେଢ଼ଶହରୁ ଅଧିକ ସେବା ଉପଲବ୍ଧ ହୋଇପାରିବ। ଏବେ ୮ଟି ବିଭାଗର ୧୬ଟି ସେବା ଉପଲବ୍ଧ ହେବ। ଯଦି କୌଣସି ଅଧିକାରୀ ସେବା ଯୋଗାଇବାରେ ବିଫଳ ହୁଅନ୍ତି କିମ୍ବା ଲାଞ୍ଚ ନିଅନ୍ତି, ଅଥବା ଖରାପ ବ୍ୟବହାର କରନ୍ତି, ଏସବୁ ଅଭିଯୋଗ ଉପରେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ପୂର୍ବ ସରକାରଙ୍କ ସମୟରେ ଯେପରି ଫାଇଭ-ଟି, ମୋର ସରକାର ଚାଲୁଥିଲା, ସେହି ଢ଼ାଞ୍ଚାରେ ଆମ ଶାସନ ବ୍ୟବସ୍ଥା ଚାଲିବ। ମାତ୍ର ଏଥିରେ ଅଧକ୍ଷ କିମ୍ବା ସଚିବ ରହିବେ ନାହିଁ। ଏହାର ଅଭିଯୋଗ ସିଧାସଳଖ ମୁଖ୍ୟମନ୍ତ୍ରୀ ଓ ପ୍ରଶାସନ ଶୁଣିବେ।

ଆମ ଶାସନ ବ୍ୟବସ୍ଥା କାର୍ଯ୍ୟକ୍ରମ ଅନୁଯାୟୀ ପ୍ରଥମେ ଲୋକଙ୍କ ନିକଟକୁ ଗୋଟିଏ କଲ ଆସିବ। ଏହି କଲରେ ତାଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପ୍ରଶ୍ନ କରାଯିବ। ଏହି ପ୍ରଶ୍ନର ଉତ୍ତର ଗୁଡ଼ିକ ଏକକାଳୀନ ରେକର୍ଡ଼ିଂ କରାଯିବ। ଜନସାଧାରଣରୁ ଯେଉଁ ସେବା ମିଳୁଛି ତାହା ଠିକ ଭାବରେ ଉପଲବ୍ଧ ହେଉଛି କି ନାହିଁ ସେ ସମ୍ପର୍କରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ କଲ ଯିବ। ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ କଲ କରି ଲୋକଙ୍କ ଫିଡ଼ବ୍ୟାଗ ସଂଗ୍ରହ କରିବେ। ଆମ ସରକାର ଲୋକଙ୍କ ପାଖରେ ସବୁ ସମୟରେ ପହଞ୍ଚିବାକୁ ପ୍ରଚେଷ୍ଟା କରୁଛନ୍ତି। ମୋଦୀ ସରକାର ନୂଆଦିଲ୍ଲୀରୁ ଯେଉଁ ଟଙ୍କାଟିଏ ପଠାଉଛନ୍ତି, ତାହା ବାଟମାରଣ ନ ହୋଇ ଡିବିଟି ଜରିଆରେ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁଛି। ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କକୁ ଅତି ନିକଟତର କରାଯିବା ସହିତ କିଭଳି ସମସ୍ତଙ୍କୁ ସରକାରୀ ସେବା ସୁବିଧା ଯୋଗାଇ ଦିଆଯିବ ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। କାର୍ଯ୍ୟକ୍ରମ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ସାଧାରଣ ଜନତା, ସ୍କୁଲ ଛାତ୍ରଛାତ୍ରୀ, ମହିଳାମାନଙ୍କ ସହ ଫୋନ କରି ଡାକ୍ତରଖାନାରେ ଆୟୁଷ୍ମାନ ସୁବିଧା ମିଳୁଛି କି ନାହିଁ, ଏବଂ ଡାକ୍ତର କର୍ମଚାରୀମାନେ ରୋଗୀଙ୍କୁ ଭଲ ବ୍ୟବହାର କରୁଛନ୍ତି କି ନାହିଁ, ତାହା ପଚାରି ବୁଝିଥିଲେ। ସୁଭଦ୍ରା ଯୋଜନାରେ ମହିଳାମାନେ କିଭଳି ଟଙ୍କା ଖର୍ଚ୍ଚ କଲେ ସେ ନେଇ ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସେଠାରେ କିଭଳି ପାଠପଢ଼ା ଚାଲିଛି, ମୁଖ୍ୟମନ୍ତ୍ରୀ ତାହା ପିଲାଙ୍କ ଠାରୁ ବୁଝିଥିଲେ। ବାସ୍ତବରେ ଓଡ଼ିଶାରେ ଏକ ଦୃଢ଼ ନେତୃତ୍ୱର ସରକାର ପରିଚାଳିତ ହେଉଥିବାବେଳେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରୁଛନ୍ତି। ନିଶ୍ଚିନ୍ତ ଭାବେ କୁହାଯାଇପାରେ ଯେ ଓଡ଼ିଶାରେ ଲୋକଙ୍କ ସହ ଯୋଡ଼ି ହେବା ପାଇଁ ଏକ ଲୋକକଲ୍ୟାଣ ଓ ଗୁରୁତ୍ୱପୂର୍ଣ୍ଣ ବଡ଼ ପଦକ୍ଷେପ ଭାବେ ଆମ ଶାସନ ବ୍ୟବସ୍ଥା ନିଶ୍ଚିତ ଏକ ସ୍ୱର୍ଣ୍ଣିମ ସଫଳତାର ଚିତ୍ର କହିଲେ ଅତ୍ୟୁକ୍ତି ହେବନାହିଁ।


ଥାଇଲୋ, ଅଲିକଣ୍ଡା, ବାଲିକୁଦା,
ଜଗତସିଂହପୁର-୭୫୪୧୦୮,
ମୋ: ୭୦୦୮୪୩୮୯୫୯


## ଓଡ଼ିଶାର ପ୍ରଗତିରେ ଜନଜାତିଙ୍କ ପ୍ରତିନିଧିତ୍ୱ



**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

ଓଡ଼ିଶାରେ ଜନଜାତିଙ୍କ ଜନସଂଖ୍ୟା ଭାରତରେ ତୃତୀୟ ସର୍ବବୃହତ। ୨୦୧୧ ଜନଗଣନା ଅନୁଯାୟୀ, ରାଜ୍ୟର ଜନଜାତି ଜନସଂଖ୍ୟା ୯୫.୯୦ ଲକ୍ଷ ଥିଲା, ଯାହା ରାଜ୍ୟର ମୋଟ ଜନସଂଖ୍ୟାର ୨୨.୮୫ ପ୍ରତିଶତ ଏବଂ ଦେଶର ମୋଟ ଜନଜାତି ଜନସଂଖ୍ୟାର ୯.୧୭ ପ୍ରତିଶତ। ରାଜ୍ୟରେ ୬୪ ଗୋଟି ଜନଜାତି ସମ୍ପ୍ରଦାୟ ବାସ କରନ୍ତି, ଯେଉଁଥିରେ ୧୩ଟି ବିଶେଷ ଭାବରେ ଦୁର୍ବଳ ଜନଜାତି ଗୋଷ୍ଠୀ ଅନ୍ତର୍ଭୁକ୍ତ। ରାଜ୍ୟର ପ୍ରାୟ ଉତ୍ତର ଓ ଦକ୍ଷିଣ ଭାଗର ଜଙ୍ଗଲ ଓ ଦୁର୍ଗମ ପାହାଡ଼ ଅଞ୍ଚଳରେ ଓଡ଼ିଶାର ଅନୁସୂଚୀତ ଜନଜାତି ପ୍ରାୟତଃ ଅବସ୍ଥାନ କରୁଛନ୍ତି। ସେମାନଙ୍କ ସ୍ୱାକ୍ଷରତା ହାର ବଢ଼ାଇବା ସହ ସେମାନେ କିପରି କୃଷି ଓ ଜଙ୍ଗଲ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ପାରମ୍ପରିକ ବୃତ୍ତି କ୍ଷେତ୍ର ଉପରେ ସରକାରୀ ସହାୟତାରେ ସ୍ୱାବଲମ୍ବୀ ହେବେ ଓ ସ୍ଥାନୀୟ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇବେ ସେ ନେଇ ଅନେକ ଯୋଜନା ଏହି ଜନଜାତିଙ୍କ ପାଇଁ କାର୍ଯ୍ୟକାରୀ ହେଉଛି। ଓଡ଼ିଶାର ଏକ ବଡ଼ ଭାଗର ପ୍ରତିନିଧିତ୍ୱ କରୁଥିବା ଜନଜାତି ମାନଙ୍କର ବିକାଶ ସହ ସେମାନଙ୍କର ଜୀବନ ଧାରଣ ମାନ କିପରି ବଢ଼ିବ ଓ ପିଲାମାନେ ଉଚ୍ଚତର ଗବେଷଣା ପାଇବା ସହ ଡ୍ରପଆଉଟ ବ୍ୟବସ୍ଥାରୁ କିପରି ସେମାନେ ମୁକୁଳି ସାମାଜିକ ଶିକ୍ଷା ସ୍ରୋତରେ ସାମିଲ ହେବେ ସେଥିପାଇଁ ସରକାର ଅନେକ ପ୍ରକଳ୍ପ ଓ ଯୋଜନା ହାତକୁ ନେଇଛନ୍ତି। ଯାହା ଭିତରୁ ଅଧିକାଂଶ ବାସ୍ତବିକ ଠାରୁ ପ୍ରଚାରଧର୍ମୀ ଅଧିକ।

ଓଡ଼ିଶା ସରକାର ମାଧୋ ସିଂହ ହାତଖର୍ଚ୍ଚ ନାମରେ ନୂଆ ଯୋଜନା ହାତକୁ ନେଇଛନ୍ତି ଯେଉଁଥିରେ ଜନଜାତି ଛାତ୍ରଛାତ୍ରୀ ମାନେ ମାଧମିକ ଓ ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ପଢ଼ିବା ପାଇଁ ପାଞ୍ଚ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପାଇବେ। ଇତିମଧ୍ୟରେ ରାଜ୍ୟର ୧,୭୨,୩୫୬ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିଛନ୍ତି। ଆଗାମୀ ବର୍ଷରେ ୩ଲକ୍ଷ ଜନଜାତି ବର୍ଗର ଛାତ୍ର ଛାତ୍ରୀଙ୍କ ବୃହତ୍ ପ୍ରଗତି ନିମିତ୍ତ ଯୋଜନା ତ୍ୱରାନ୍ୱିତର ସଂକଳ୍ପ ପ୍ରସ୍ତୁତ ହୋଇଛି। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ୨୪,୧୦୪ କୋଟି ଟଙ୍କା ବ୍ୟୟବରାଦସହିତ ଦେଶର ୧୮ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନଭେମ୍ବର ୨୦୨୩ ଠାରୁ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଅନ୍ତର୍ଗତ 'ଆବାସ ଯୋଜନା' ଦ୍ୱାରା ଭାରତର ୪୯୦ ଲକ୍ଷ ପି.ଭି.ଟି.ଜି. ପରିବାର ପାଇଁ ସୁରକ୍ଷିତ ବାସ ଉପଯୋଗୀ ଗୃହ ଯୋଗାଇବା ଲକ୍ଷ୍ୟ ରଖିଛି। ଏହି ବର୍ଷ ମଧ୍ୟରେ ଓଡ଼ିଶା ସରକାର ମଧ୍ୟ ବିଶେଷ ଭାବରେ ଦୁର୍ବଳ ଜନଜାତି ଗୋଷ୍ଠୀ ମାନଙ୍କର ଉନ୍ନତି ପାଇଁ ପିଏ ଜନମନ ଅଧୀନରେ ୨୦୦ କୋଟି ଟଙ୍କା ପିଏମଏୱାଇ ପାଇଁ ଅତିରିକ୍ତ ପରିମାଣ ବ୍ୟୟ ବରାଦ କରିଛନ୍ତି।

ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ୧୪ଟି ଜିଲ୍ଲାର ୧୭୫୧ଟି ଗାଁରେ ପ୍ରଣୟନ କରାଯାଉଛି, ଯାହାଦ୍ୱାରା ୧୩ ପ୍ରକାରର ବିଶେଷ ଭାବେ ଅନୁନ୍ନତ ଜନଜାତି ବର୍ଗର ଅଧିବାସୀମାନେ ଉପକୃତ ହେଉଛନ୍ତି। ଆଗାମୀ ୩ ବର୍ଷ ମଧ୍ୟରେ ଏହିସବୁ ଗାଁଗୁଡ଼ିକରେ ଅନୁନ୍ନତ ଜନଜାତି ସମୁଦାୟର ଲୋକମାନେ ଯେପରି ୯ଟି ବିଭାଗ ଦ୍ୱାରା ପରିଚାଳିତ ୧୧ଟି ବିଶେଷ କାର୍ଯ୍ୟକ୍ରମର ସୁବିଧା ନେଇପାରିବେ ସେ ଦିଗରେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଏଥିସହିତ ଜନଜାତି ମାନଙ୍କ ପାଇଁ ଶତପ୍ରତିଶତ ଆଧାର କାର୍ଡ଼, ପିଏମ କିଷାନ କାର୍ଡ଼, ଜଙ୍ଗଲ ଜମିର ସତ୍ତ୍ୱାଧିକାର, ବିଭିନ୍ନ ଭତ୍ତା, ଜାତିଗତ ପ୍ରମାଣପତ୍ର ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଯୋଜନା ଅଧୀନରେ ରାଜ୍ୟର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ୪୦୪୦୨ ପରିବାରକୁ ପ୍ରଧାମନ୍ତ୍ରୀ ଆବାସ ଯୋଜନାରେ ଗୃହ ଅନୁମୋଦନ କରାଯିବା ସହିତ ୧୬୪୬ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ନେଇ ବର୍ତ୍ତମାନ ସୁଦ୍ଧା ୧୪୩୭ ଗ୍ରାମରେ ପାନୀୟ ଜଳ ଉପଲବ୍ଧ କରାଯାଇଛି। ସେହିପରି ୬୭ ଗ୍ରାମ ପାଇଁ ସବୁ ଦିନିଆ ରାସ୍ତା, ୧୦୫୫ଟି ଗ୍ରାମକୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ମାଧମରେ ସ୍ୱାସ୍ଥ୍ୟସେବା ପ୍ରଦାନ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପୁଷ୍ଟିସେବା ପ୍ରଦାନ, ଗ୍ରାମ ପଡ଼ାକୁ ମୋବାଇଲ ନେଟୱାର୍କ ପ୍ରଦାନ କରିବା ପାଇଁ ମୋବାଇଲ ଟାୱାର ସ୍ଥାପନ, ବହୁମୁଖୀ କେନ୍ଦ୍ର ସ୍ଥାପନ, ବନଧନ ବିକାଶ କେନ୍ଦ୍ର ସ୍ଥାପନ ପ୍ରଭୃତି ଅନେକ ପଦକ୍ଷେପ ନିଆଯାଇଛି। ଓଡ଼ିଶା ଆଦିବାସୀ ସଶକ୍ତିକରଣ ଏବଂ ଜୀବିକା କାର୍ଯ୍ୟକ୍ରମ (ଓଟିଇଏଲପି) ସ୍ଥାୟୀ ପ୍ରାକୃତିକ ସମ୍ପଦ ପରିଚାଳନା ଏବଂ ଉଦ୍ୟୋଗ ବିକାଶ ମାଧ୍ୟମରେ ଆଦିବାସୀ ପରିବାରର ଜୀବିକା ଏବଂ ଖାଦ୍ୟ ସୁରକ୍ଷାରେ ଉନ୍ନତି ଆଣିବା ଉପରେ ଧ୍ୟାନ ଦେଇଥାଏ। ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ୫ଟି ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବାସ୍ଥଳେ ୨୦୨୫-୨୦୨୬ ଆର୍ଥିକ ବର୍ଷରେ ଏହି କାର୍ଯ୍ୟକ୍ରମକୁ ୧୫ଆଇଟିଡିଏ ଏବଂ ୨୧୩୩ଟି ଗ୍ରାମରେ କାର୍ଯ୍ୟକ୍ଷମ କରି ୧୦ ଟି ଜିଲ୍ଲାକୁ ବିସ୍ତାର କରିବାକୁ ରାଜ୍ୟ ସରକାର ପ୍ରସ୍ତାବ ରଖିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ୭୦ କୋଟି ଟଙ୍କା ବ୍ୟୟ ବରାଦ ରଖିଛନ୍ତି। ଜନଜାତି ଗବେଷଣାକୁ ତୃଣମୂଳ ସ୍ତରକୁ ନେଇ ଅଧିକ ବିକାଶ ଆଭିମୁଖୀ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶାର ମୟୂରଭଞ୍ଜ ଠାରେ ଏକ ଜନଜାତି ଗବେଷଣା ଓ ବିକାଶ କେନ୍ଦ୍ର ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରିଛନ୍ତି।

ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ୧୪ଟି ଜିଲ୍ଲାର ୧୭୫୧ଟି ଗାଁ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି ଯେଉଁଥିରେ ୧୩ ପ୍ରକାରର ବିଭିନ୍ନ ବର୍ଗର ଅନୁନ୍ନତ ଜନଜାତି ଆଦିବାସୀମାନେ ଆଗାମୀ ତିନି ବର୍ଷ ଭିତରେ ସରକାରଙ୍କ ୯ଟି ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋନାର ସୁଫଳ ମିଳିବ। ଏ ସବୁ ହେଉଛି ପିଏମ କିଶାନ କାର୍ଡ଼, ବିଭିନ୍ନ ଭତ୍ତା, ଜାତିଗତ ପ୍ରମାଣ ପତ୍ର, ଜଙ୍ଗଲ ଜମିର ଅଧିକାର ଏବଂ ଜନଜାତି ମାନଙ୍କ ପାଇଁ ଶତପ୍ରତିଶତ ଅଧାରକାର୍ଡ଼ ପ୍ରମୁଖ। ରାଜ୍ୟର ଲୋକପ୍ରିୟ ସରକାର ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪୦,୪୦୨ ଘରକୁ ଅନୁମୋଦନ ଦେବା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୧୬୪୬ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହାସହ ୬୭ଟି ଗ୍ରାମ ପାଇଁ ନିତିଦିନିଆ ରାସ୍ତା, ୧୦୫୫ଟି ଗ୍ରାମକୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ସୁବିଧା, ଅଙ୍ଗନବାଡ଼ିରେ ଉତ୍ତମ ମାନର ପୁଷ୍ଟିସେବା ପ୍ରଦାନ, ନିଜ ଅଞ୍ଚଳରେ ମୋବାଇଲ ନେଟୱାର୍କ ପ୍ରତିଷ୍ଠା, ବନଧନ ବିକାଶ କେନ୍ଦ୍ର ଓ ବହୁମୁଖୀ କେନ୍ଦ୍ର ସ୍ଥାପନ ହୋଇ ସେମାନଙ୍କ ଜୀବନ ଧାରଣାର ମାନ ବଢ଼ାଇବା ପାଇଁ ଅନେକ ନକ୍ସା ପ୍ରସ୍ତୁତ ହୋଇଛି। ଓଡ଼ିଶା ସରକାର ରାଜ୍ୟର ଜନଜାତିଙ୍କ ସାମାଜିକ, ରାଜନୈତିକ ଓ ଧାର୍ମିକ ଦୃଶ୍ୟପଟକୁ ଦୃଷ୍ଟିରେ ରଖି ରାଜ୍ୟର ଅଭିବୃଦ୍ଧି ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବଞ୍ଚାଇ ରଖିବାରେ ସେମାନଙ୍କ ପ୍ରୋତ୍ସାହନ ଓ ଗୁରୁତ୍ୱକୁ ଉପଲବ୍ଧି କରି ସରକାର ଚଳିତ ବର୍ଷ ଜନଜାତି ଐତିହ୍ୟ ଏବଂ ସ୍ୱାଭିମାନ ଭବନ ପାଇଁ ୧୦୦ କୋଟି ଟଙ୍କା ଓ ଜନଜାତି ଭାଷା, ସଂସ୍କୃତି ପ୍ରତିଷ୍ଠାନ ନିର୍ମାଣ ପାଇଁ ୫୦ କୋଟି ଟଙ୍କାର ବ୍ୟୟ ବରାଦ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି। ଓଡ଼ିଶା ସରକାରଙ୍କ ଏହି ସୃଜନଶୀଳ ଓ ଦୃଢ଼ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ରାଜ୍ୟର ଜନଜାତି ବର୍ଗଙ୍କୁ ପ୍ରଗତି ପଥରେ ସାମିଲ କରି ସେମାନଙ୍କ ବ୍ୟାପକ ବିକାଶ କରିପାରିବ।


ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ


## କ୍ଷମତା, ଅର୍ଥ ଏବଂ ନିଶା ଏମାନେ ଅତି ଘନିଷ୍ଠ



**ସୁବ୍ରତ କର**

କେହି କାହାରିକୁ ଛାଡ଼ି ରହି ପାରିବେ ନାହିଁ । ସମାଜ ଏମାନଙ୍କ ଦ୍ୱାରା ପ୍ରଭାବିତ କବଳିତ । ଜଣେ ଅନ୍ୟଜଣ ଉପରେ ନିର୍ଭରଶୀଳ । କ୍ଷମତା ଆସିଲେ ନିଶ୍ଚୟ ଅର୍ଥ ଆପେ ଆପେ ଆସିବ ଏବଂ ଅର୍ଥ ପାଖରେ ଥିଲେ ବିଭିନ୍ନ ପ୍ରକାରର ନିଶା ଆଡ଼କୁ ଟଣା ହୋଇଯିବ । ନିଶାପୁଣି ବହୁତ ପ୍ରକାରର ଅଛି । ଗୀତ ଶୁଣିବା ହୋଇପାରେ, ନାଟ ଦେଖିବା, ମୋବାଇଲ ଘାଣ୍ଟିବା, ଟି.ଭି ଦେଖିବା ଏପରିକି ବହି ପଢ଼ିବା ପର୍ଯ୍ୟନ୍ତ । ଭଲ ନିଶା ହେଲେ ସବୁ କିଛି ଭଲ କିନ୍ତୁ ନିଶା ଯଦି ଖରାପ ହେଲା ଯେମିତି ମଦ, ସିଗାରେଟ, ଗଞ୍ଜେଇ ଧଳାଜହର ଏବେ ଏବେ କଫସିରାଫ ମଧ୍ୟ ନିଶା ହେଉଛି ମଦ । ମଦ ନିଶା ଯଦି ଆପଣ ଆରମ୍ଭ କରି ନଥିବେ ବା ଅଭିଜ୍ଞତା ନଥିବ ତେବେ ଆପଣଙ୍କ ଏବେକାର ସମାଜ ଗ୍ରହଣ କରିବ ନାହିଁ । ଏହି ପ୍ରକ୍ରିୟାରର କଂଶା ଗୁଡ଼ିକ ଅତି ଗରିବ ଶ୍ରେଣୀ ଲୋକଙ୍କ ଦ୍ୱାରା ଆଦୃତ ଏବଂ ଅତି ପଇସା ବାଲାଙ୍କ ପାଖରେ ଅତି ଗର୍ବର ଏବଂ ସମ୍ମାନର ବ୍ୟସ୍ତୁ । ଗରିବ ନିଶା କରେ ତାର ଦୁଃଖ ଭୁଲିବା ପାଇଁ ପଇସାବାଲା ନିଶା କରେ ମଜା କରିବା ଏବଂ ଆନନ୍ଦରେ ସମୟ କଟାଇବା ପାଇଁ ଏବେ ଆସିବା ବାସ୍ତବ ଦୁନିଆକୁ । ଏବେ ଏବେ ପଞ୍ଜାବ ସରକାରଙ୍କ ପୋଲିସ ବିଭାଗର ଜଣେ ବରିଷ୍ଠ ଅଫିସରଙ୍କ ପାଖରେ କ୍ଷମତା ଥିଲା, ପ୍ରଚୁର ଟଙ୍କା ଏବଂ ମଦ ବୋତଲ ମଧ୍ୟ ପ୍ରଚୁର ପରିମାଣରେ ଘରୁ ବାହାରିଲା । ସାଧାରଣତଃ ବଡ଼ ପୋଲିସ ଅଫିସରର ପ୍ରଚୁର କ୍ଷମତା ଏବଂ ସେ କେବେ ଭାବି ନଥିବେ ଯେ ତାଙ୍କ ଘର ରେଡ୍ ହେବ ଘରୁ ନଗଦ ସାଢ଼େ ସାତ କୋଟି ଟଙ୍କା ବାହାରିବ ଏବଂ ଆହୁରି ବାହାରିଲା ୨୦୯ ବୋତଲ ବିଦେଶୀ ମଦ ବୋତଲ । ସାଧାରଣ ଯେ କୌଣସି ସରକାରୀ ଅଫିସର ଘରୁ ଆୟ ବହିର୍ଭୁତ ଟଙ୍କା ନିଶ୍ଚୟ ବାହାରିବ ସେ ପୁଅ ହେଉ ବା ଝିଅ । କିନ୍ତୁ କେହି ଭାବି ନଥିବେ ୨୦୯ ବୋତଲ ବିଦେଶୀ ମଦ ବାହାରିବ । ଏତେ ବୋତଲ ମଦ ସେ କଣ ପାଇଁ ରଖିଥିଲେ, କାହାକୁ ଦେବାର ଥିଲା ବା ନିଜେ ସବୁ ପିଇବା ପାଇଁପ୍ରସ୍ତୁତ ଥିଲେ ! ଏ ବିଷୟରେ ଠିକ୍ ଭାବରେ ଅନୁସନ୍ଧାନ ଜାରି ରହେ ତେବେ ଖୁବ୍‌ଶୀଘ୍ର ଲୋକଲୋଚନକୁ ଆସିବ ।ଏବେ ପ୍ରଶ୍ନ ଉଠୁଛି ଯଦି ରକ୍ଷକ ଭକ୍ଷକ ହୁଏ ତେବେ କିଏ କାହାର କଣ କରିପାରିବ ବା ସରକାର କଣ କରିବେ ? ଏବେ ବଡ଼ ବଡ଼ ଅଫିସର ହୁଅନ୍ତୁ ବା ବଡ଼ ବଡ଼ ବ୍ୟବସାୟୀ ହୁଅନ୍ତୁ ସମସ୍ତଙ୍କ ପରେ ମଦ ବୋତଲ ପ୍ରାୟ ମିଳିବ । ହୁଏତ ଏତେ ବୋତଲ ନ ହୋଇପାରେ କିନ୍ତୁ ମିଳିବାଟା ନିଶ୍ଚୟ । କାରଣ ବଡ଼ ବଡ଼ିଆଙ୍କ ଘରେ ଚାହା, କଫି ବଦଳରେ ମଦ ପିଇବା ଏକ ଷ୍ଟାଇଲରେ ପରିଣତ ହୋଇଛି । ଏପରି ନ ହେଲେ ଆମେ କେମିତି ଗର୍ବ କରିବା ଯେ ଆମ ଦେଶ ତୃତୀୟ କ୍ଷମତାବାନ ହେବାକୁ ଯାଉଛି ଆମେରିକା ଏବଂ ରୁଷିଆ ପରେ । ମୋ ମତରେ ଆମ ସଭ୍ୟତା ଆମ ପାଖରେ ଯଥେଷ୍ଟ ଥିଲା ।

### କବିତା କୋଣାର୍କ

### ତୁମ ପାଇଁ

**ନୀଳମଣି ଚାନ୍ଦ**



ତୁମ ପାଇଁ ଲେଖେ ଯେତେ
ଭାବେ ସତେ ଆରମ୍ଭ କି ଲେଖାର
ତୁମକୁ ମୁଁ ଦେଖେ ଯେତେ
ଭାବେ ଇଏ ଆରମ୍ଭ ତ ଦେଖାର ।

ତୁମକୁ ମୁଁ ଦେଇଥିଲି
ଯେତେ ହାତ ଲେଖା ଚିଠି ଆଗରୁ
ପୀରତିର ସେ ବାହକ
ଜାଣିନେବ ମୋ ଲେଖାର ଭାବରୁ
ତୁମେ ମୋର ଆପଣାର
ତୁମ କଥା ତୋଳେ ମନେ ଝଙ୍କାର ।

ତୁମକୁ ନେଇ ସପନ
ଆଗରୁ ମୁଁ ଦେଖିଥିଲି ଯେତେରେ
ସିଏ ସବୁ ସତ ହେଲା
ତୃପ୍ତି ଆଣି ଦେଇଥିଲା ମୋତେରେ
ସିଏ ପ୍ରଣୟ ପ୍ରଣବ
ମୋ ହୃଦୟ ଘୋଷେ ମନ୍ତ୍ର ଓଁ କାର ।


+ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


### ଅନେଇ ରହେଁ

**ଗଜାନନ ମିଶ୍ର**

ମାର୍ଗଶୀର ଆସେ ଆଗ
ଧନଧାନ୍ୟ ଧରି ଆଉ ତାପରେ
ଚାଲେ ପୌଷ ପୂର୍ଣ୍ଣିମା ମହୋତ୍ସବ।
ହୁଏ କଂସର ଅନ୍ତ ଆଉ ହୁଏ
ନୂତନ ଯୁଗ ଆରମ୍ଭ।

ମାର୍ଗଶୀର ପୂର୍ବରୁ
କାର୍ତ୍ତିକରେ ସଜାଥାଏ ମଂଚ,
ମଂଚରେ ଫୁଲ ଫଳର ସମ୍ଭାର।
କେହି ଜଣେ ବି ନ ଥାନ୍ତି
କହିବାକୁ ନିଜକୁ ଦରିଦ୍ର।

କାର୍ତ୍ତିକ-ମାର୍ଗଶିରରେ ସମୁଦ୍ର
ନଚାଡେଗାରେ ବ୍ୟସ୍ତ, ଆଉ ମୁଁ
ଅନେଇ ରହେଁ ସମୁଦ୍ରଆଡେ।
ଖସେଇବ ଆକାଶକୁ, ଉଠାପକା
ଖେଳରେ ସମୁଦ୍ରର ଚେଷ୍ଟା ଅବିରତ।


+ତପୋବନ,
ଟିଟିଲାଗଡ, ବଲାଙ୍ଗିର
ମୋ: ୯୪୩୭୩୬୬୬୪୪

ଗଳ୍ପ ମାଳା
ସାପ୍ତାହିକ ଗଳ୍ପ ଫର୍ଦ୍ଦ



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୭ ଅକ୍ଟୋବର ସୋମବାର, ୨୦୨୫

# ହଳେ ଚପଲ

ନିର୍ବିକାର ପ୍ରଭାତ

ବାହାରେ ସାଣ୍ଡାଲ ହଳକ ରଖି ମନ୍ଦିର ଭିତରକୁ ପ୍ରବେଶ କଲା ସୁତପା । ଅନେକ ଦିନ ପରେ ଖୁସିରେ ଆସିଛି ମା'ଙ୍କୁ ପ୍ରଣାମ କରିବ । ଆଗରୁ ସେ ଦୁଃଖ ଜଣାଇବାକୁ ଆସୁଥିଲା ହେଲେ ଏବେ ଆସିଛି ସୁଖ ଜଣାଇବାକୁ । ଭଲ ପ୍ରସ୍ତାବରେ ଦୁଇ ପରିବାର ରାଜି ହୋଇଛନ୍ତି । ଅନେକଥର ଝିଅ ଦେଖାକୁ ସାମ୍ନା କରି କରି ସୁତପା ହାଲିଆ ହୋଇ ଯାଇଥିଲା । କେଉଁଠି ପୁଅ ପସନ୍ଦ ନହେଲେ କେଉଁଠି ଝିଅ ମନନିତ୍ୟ ହୁଏ ନାହିଁ । କେତେବେଳେ ପୁଅ ଗେଡା ହୁଏ ତ କେତେବେଳେ ଝିଅ କଳା । କେଉଁଠି ପୁଅ ଘର ଦୂର ତ କେଉଁଠି ଝିଅ ଘର ବଡ । କେବେ କେମିତି ଇଣ୍ଟରଭ୍ୟୁ ଦେଇ ଚାକିରି ପାଇ ପାରୁନଥିବା ସୁତପା ବାରମ୍ବାର ବରଘର ପରିବାର ସାମ୍ନାରେ ସାକ୍ଷାତକାର ଦେଇ ଦେଇ ଅଣନିଶ୍ୱାସୀ ହୋଇ ଯାଇଥିଲା । ତାପରେ ଅତି ବିରକ୍ତ ହୋଇ ବାପା ମାଆ ଝିଅ ଦେଖା ପରମ୍ପରାକୁ କିଛି ବର୍ଷ ପାଇଁ ସ୍ଥଗିତ ରଖିଥିଲେ ।

ଘରପାଖରେ ପବ୍ଲିକ ସ୍କୁଲଟିଏ ଖୋଲା ହେଲା । ଘରେ ବସି ବୋର୍ ହେଉଥିଲା ସୁତପା । କେତୋଟି ସାଙ୍ଗଙ୍କ ପ୍ରେରଣାରେ ସେ ସେଠାକୁ ଯିବାକୁ ବାହାରିଲା । ଅନିଚ୍ଛାକୃତ ମାଆ ପ୍ରତିକ୍ରିୟା ଦେଲେ, 'ଘରେ ରନ୍ଧା ବଢାରେ ସହଯୋଗ କରୁଥିଲୁ, ଏବେ ସେଠି କେତେଟଙ୍କା ଦେବେ ଯେ ତୁ ପାଠ ପଢାଇବାକୁ ଯିବୁ ?' ସୁତପା ଉତ୍ତର ଦେଲା, 'ମୁଁ ଟଙ୍କା ଆଶାରେ ଯାଉନି । କିଛି ଟିଚିଙ୍ଗ୍ ଏକ୍ସପେରିଏନ୍ସ ପାଇଁ ମୁଁ ଜଏନ୍ କରିବି । ସେଠୁ ଫେରିବା ପରେ ରୁଟି ତରକାରୀ କରିବା ଦାୟିତ୍ୱ ମୋର । ତୋ କାମ ମୁଁ ସାରିଦେବି । ତୁ ବ୍ୟସ୍ତ ହୁଅନା ।' ଚୁପ୍ ହୋଇ ଯାଇଥିଲେ ମାଆ ।

କିଛିମାସ ପରେ ପ୍ରସ୍ତାବଟେ ଆସିଲା । ବ୍ଲକଗ୍ରାଣ୍ଟ ସ୍କୁଲରେ ପୁଅ ଶିକ୍ଷକ । ସେପରି ସ୍କୁଲରେ ତିନି-ଚାରିମାସରେ ଥରେ ଦରମା ଆସେ । ସେଥିପାଇଁ ଶିକ୍ଷକମାନେ ସାଇଡ୍ ବିଜିନେସ କରି ଚଳିଥାନ୍ତି । ଆଖିରେ ଆଉ କୌଣସି ପୁଅ ପ୍ରସ୍ତାବ ନଥିବାରୁ ବାପା ବହୁ କଷ୍ଟରେ ରାଜି ହେଲେ । ସ୍ୱେଚ୍ଛାସେବୀ ଶିକ୍ଷିକା ଭାବେ କାମ କରୁଥିବା ଅବୈତନିକ ସୁତପାକୁ ପୁଅ ପସନ୍ଦ କଲା । ଅନେକ ସ୍ଥାନରୁ ସମ୍ପର୍କ ଭାଙ୍ଗିଯିବା ପରେ ସୁତପା ମଧ୍ୟ କମ୍ପରମାଇଜ୍ କରିବାକୁ ବାଧ୍ୟ ହେଲା । ସେ ମନେମନେ ସ୍ଥିରକରି ନେଲା, ବିବାହ ପରେ ପବ୍ଲିକ ସ୍କୁଲ ପିଲାଙ୍କୁ ଟିଉସନ କରି ସ୍ୱାମୀଙ୍କୁ ଆର୍ଥିକ ସାହାଯ୍ୟ କରିବ । ନିଜର ହାତଖର୍ଚ୍ଚ ପାଇଁ କାହାକୁ ହାତ ପାତିବାକୁ ପଡିବନି । ବାପା ମାଆ ସୁତପା କଥାରେ ରାଜି ହୋଇଗଲେ ।

ମାଆଙ୍କ ନିର୍ଦ୍ଦେଶରେ ସେ ଠାକୁରାଣୀଙ୍କ ପାଖକୁ ଆସିଛି । ଖରା ହେଉଥିବାରୁ ସଫ୍ଟ ସାଣ୍ଡାଲ ହଳକ ପିନ୍ଧି ମନ୍ଦିରକୁ ଆସିଥିଲା । ମନ୍ଦିର ସାମ୍ନାରେ ଥୋଇ ଦେବୀ ଦର୍ଶନ କଲା । କେତେଟା ମୁହୂର୍ତ୍ତ ପରେ ବାହାରକୁ ଆସି ଦେଖେ ତ ତାର ନୂଆ ସାଣ୍ଡାଲ ହଳକ ନାହିଁ । ସେ ଚପଲ ଖୋଜି ଖୋଜି ନୟାନ୍ତ ହେଲା । ଚପଲ ହଳକୁ କିଏ ଜାଣତରେ କି ଅଜାଣତରେ ନେଇ ଯାଇଛି । ମନ ଦୁଃଖ କଲା ସୁତପା । ବାନ୍ଧବୀ ବତାଇଥିବା ସୂତ୍ର ଆପଣାଇ ଥିଲେ ହୁଏତ ଚପଲ ଚୋରି ହୋଇ ନଥାନ୍ତା । ସାଙ୍ଗ କଥାରେ ଚପଲ ହଳକରୁ ପଟେ ଠାଏ ରଖି ଆରପଟଟା ଅନ୍ୟ ଦୂର ସ୍ଥାନରେ ରଖିଥିଲେ ଚପଲ ସୁରକ୍ଷିତ ରହି ପାରିଥାନ୍ତା ।



ଗ୍ରୀଷ୍ମକାଳୀନ ଖରାରେ ଉତ୍ତପ୍ତ ରାସ୍ତା । ଗାଢ କଳା ରଙ୍ଗର ପିଚୁ ଉପରେ ଚାଲିବା କଷ୍ଟକର । ମଝିରେ ମଝିରେ କଂକ୍ରିଟ ଢଳେଇ ପାଦତଳକୁ ସିଝେଇ ଦବ । ସୁତପାର କୋମଳ ପାଦ ଝାଞ୍ଜି ଖରାର ହୁତାଶନକୁ ସହି ପାରିବନି । ଘରକୁ ଫୋନ କରି ଡାକିଲେ ବାପା ଗାଡି ନେଇ ଆସି ପାରିଥାନ୍ତେ କିନ୍ତୁ ଦୁର୍ଘଟଣାରେ ତାଙ୍କର ଗୋଡ ଗୋଟେ ଅକର୍ମଣ୍ୟ । ତାଙ୍କର ସାହାରା ନ ଖୋଜି ସିଏ କୌଣସି ମତେ ଘରକୁ ଫେରିଗଲା ।

ବିଳମ୍ବରେ ପହଞ୍ଚିଥିବାରୁ ମାଆ ବିରକ୍ତ ହେଲେ, କିନ୍ତୁ ଚୁପ୍ ରହିଲେ । ଆଉ କେତେଦିନ ଭୁଆଷୁଣୀ ଝିଅଟିକୁ ଆଘାତ ଦେବେ ? ବାରମ୍ବାର ଇଣ୍ଟରଭିଉରେ ଫେଲ୍ ହେବା ପରେ ଏବେ ଦୂର ସ୍ଥାନରେ ବିଭାଘର ସ୍ଥିର ହୋଇଛି । ଖାଲି ବନ୍ଧୁବାନ୍ଧବଙ୍କ ଆଗରେ ମୁଦି ପିନ୍ଧା ସରିଲେ ଶୁଭ ବିବାହ ଅନୁଷ୍ଠିତ ହେବ । ଝିଅକୁ ଦୂରେଇ ଦବା ଦୁଃଖ ମାଆଙ୍କୁ ବିବ୍ରତ କରୁଥିଲା ।

ସନ୍ଧ୍ୟାର ଦୀପ ପ୍ରଜ୍ୱଳନ କରି ସୁତପା ମାଆଙ୍କ ପାଖରେ ବସି ପ୍ରାର୍ଥନା କଲା । ଯାହା ଭଲ ହେବ ତାହା ହିଁ ହେଉ । ଏତିକି ମାଗୁଣି କରି ସୁତପା ଉଠିଲା ।

ମଧ୍ୟସ୍ଥି ସେତେବେଳେ ଫୋନ କଲେ । ପୁଅଘର ଆସନ୍ତା ସପ୍ତାହରେ ମୁଦି ପିନ୍ଧାଇବାକୁ ଆସି ପାରିବେନି ! ଏଥିରେ ବ୍ୟସ୍ତ ହେଲେ ସୁତପା ପରିବାର । 'ଯାହାକୁ ସାପ କାମୁଡେ, ତା' ମାଆ ପାଳ ଦଉଡି ଦେଖିଲେ ଡରେ' । ମନକୁ ତାଙ୍କର ଅନେକ ଅଶୁଭ କଥା ମାଡି ଆସିଲା । ଈଶ୍ୱରଙ୍କୁ ଡାକି ଡାକି ସେ ଧୈର୍ଯ୍ୟ ସଂଗ୍ରହ କରୁଥିଲେ ।

ସପ୍ତାହ ପରେ ବାପା ମଧ୍ୟସ୍ତି ପାଖକୁ ଫୋନ ଲଗାଇଲେ । ସେ ଉତ୍ତର ଦେଲେ, 'ପୁଅର ଚାକିରିରେ କଣ ଗୋଟେ ସମସ୍ୟା ସୃଷ୍ଟି ହୋଇଛି । ସେମାନେ ଏ ପ୍ରସ୍ତାବରେ ରାଜି ନୁହଁନ୍ତି । ଆପଣ ଅଲଗା ପ୍ରସ୍ତାବ ଦେଖନ୍ତୁ ।' ବାପାଙ୍କ ମୁଣ୍ଡ ବୁଲାଇ ଦେଲା । ମାଆ ହେଙ୍କା ଉଠାଇ କାନ୍ଦିଲେ । ସାନଭାଇ କହିଲା, 'କିଏ କେତେ ଲଭ୍ ମ୍ୟାରେଜ କରୁଛି । ସୁତପାଦି ସେତକ ହେଲେ କରିଥାନ୍ତା ! ଆମେ ଏ ବାହାଘର ଝିନଝଟରେ ପଡି ନଥାନ୍ତୁ । ତାଠାରୁ ସାନ ଝିଅମାନେ ନିଜ ଇଚ୍ଛାରେ ଜାତି ଅଜାତି ନମାନି ପର ଘରକୁ ଚାଲି ଯାଇଛନ୍ତି । ଦେଇର ସେ ସାହସ ନାହିଁ ।' ସୁତପାକୁ ବାଧିଲା । ପରିବାରର ସମ୍ମାନ ହାନି ନକରି ସେ ଉଚ୍ଛୃଙ୍ଖଳ ହୋଇ ନାହିଁ । ଅନ୍ୟ କେହି ବାଡ ଡେଇଁ ଫସଲ ଖାଇଲା ବୋଲି ସେ ତା ଭାଇ ଆଖିରେ ଅପାରଗ । ସେ ଭାଗ୍ୟବାଦୀ ସହିତ ଆଶାବାଦୀ । ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ଦେବା ଜଣେ ସମଝଦାର ଯୁବତୀର ଲକ୍ଷଣ ନୁହେଁ । ଯେତେ କଷ୍ଟ ହେଲେ ବି ସେ ବାସ୍ତବତାକୁ ଗ୍ରହଣ କରିବ ।

ସୁତପା ସ୍କୁଲରେ କର୍ତ୍ତବ୍ୟ ସମ୍ପାଦନ କଲା । ଘରୋଇ ବିଦ୍ୟାଳୟ ପରିଚାଳନା କମିଟିର ରୋଜଗାର ଯେତେ ଥିଲେ ବି ସେମାନେ ସୁତପାକୁ ପାରିଶ୍ରମିକ ଦେବାକୁ କୁଣ୍ଠାବୋଧ କରୁଥିଲେ । ଅନ୍ୟ କର୍ମଚାରୀମାନଙ୍କୁ ଅଧକ୍ଷ କିଛି କିଛି ଟଙ୍କା ଦେବାରୁ ଲାଜ ସରମ ପରିତ୍ୟାଗ କରି ସେ ମାଗିବାରୁ ତାକୁ କିଛି ଅନୁକମ୍ପା ପ୍ରଦାନ କରାଗଲା ।

କିଛିଦିନ ପରେ ଜଣେ ଗୁରୁଦେବଙ୍କ ପାଖରେ ସୁତପାକୁ ନେଇ ବାପା ପହଞ୍ଚିଲେ । ସେ ଭାଗ୍ୟ ଭବିଷ୍ୟତ ଉପରେ କିଛି କିଛି ମନ୍ତବ୍ୟ ଦେଇ ପ୍ରତିକାର ବ୍ୟବସ୍ଥା କରୁଥିଲେ । ଗୁରୁଦେବ ପଚାରିଲେ, 'ଝିଅଟି ବୋଧହୁଏ କୋଉଠି କିଛି ଭୁଲ୍ କରି ଦେଇଛି କି ? ଯାହାଦ୍ୱାରା ଅନ୍ୟର ଦୁର୍ଭାଗ୍ୟକୁ ଭୁଲରେ ଆପଣାଇଛି ....।' ଗୁରୁଙ୍କ କଥା ଶେଷ ହେବା ପୂର୍ବରୁ ସୁତପା ସ୍ୱୀକାର କଲା । ଗ୍ରୀଷ୍ମ ଋତୁର ତପ୍ତ ମଧ୍ୟାହ୍ନରେ ନିଜ ସାଣ୍ଡାଲ ହରାଇ ଆଉ ହଳେ ଚପଲ ପିନ୍ଧି ମନ୍ଦିରରୁ ଘରକୁ ଫେରିଥିଲା । ସେଇଟା ହିଁ ଥିଲା ତାର ଭୁଲ୍ । ତାହା ହିଁ ଥିଲା ତାର ଦୁର୍ଭାଗ୍ୟର ଆମନ୍ତ୍ରଣ । କଷ୍ଟ ସହି ଖାଲିପାଦରେ ସେ ଫେରିଥିଲେ ବିଭାଘର ଭାଙ୍ଗି ନଥାନ୍ତା । କିନ୍ତୁ ଠାକୁରାଣୀଙ୍କ ଇଚ୍ଛାରେ ସୁତପା ଭୁଲ୍ କରି ବସିଲା । ଏପରିକି ତାର ଦୁର୍ଭାଗ୍ୟଟାକୁ ସୌଭାଗ୍ୟରେ ପରିଣତ କରିବାକୁ ଠାକୁରାଣୀଙ୍କ ଉଦ୍ଦେଶ୍ୟ ହୋଇପାରେ । କେବେବି କାହାକୁ ନିଜର ପିନ୍ଧା ପାଣ୍ଡୋଇ ପ୍ରଦାନ କରିବା ଉଚିତ ନୁହେଁ କି କାହାର ବ୍ୟବହୃତ ବସନ ପିନ୍ଧିବା ଉଚିତ ନୁହେଁ । ଏଥିରେ ଉଭୟଙ୍କର ଅମଙ୍ଗଳ ହେବାର ଆଶଙ୍କା ଥାଏ । କଳା ରଙ୍ଗର ନୂଆ ଚପଲ ହଳେ କେଉଁ ଏକ ନିମ୍ନ ସ୍ତରର ମଣିଷକୁ ପିନ୍ଧାଇ ନବଗ୍ରହ ପୂଜା କଲେ ଭଲ ସମୟ ଆସିବ । ବିଶ୍ୱାସ ଓ ଭରସାର ଭକ୍ତି ଶୁଭଫଳ ପ୍ରଦାନ କରିଥାଏ ।'

ଆଉ ଅଧିକ ବିଳମ୍ବ ନକରି ସୁତପା ପବ୍ଲିକ ସ୍କୁଲରୁ ଛୁଟି ନେଇ ପିତା ମାତାଙ୍କ ସହିତ ନବଗ୍ରହ ପୂଜା ଶେଷ କଲେ । ହଳେ କଳା ରଙ୍ଗର ନୂଆ ଚପଲ କିଣି ସୁତପା ଜଣେ ଭିକ୍ଷୁକକୁ ଦେଇ ଘରକୁ ଫେରିଲା ।

ଦୁଇ ମାସ ପରେ ପୂର୍ବର ସେହି ମଧ୍ୟସ୍ଥି ଫୋନ କଲେ । ବାପା ଗୁରୁତ୍ୱ ଦେଲେ ନାହିଁ । ନିଜର ବଡିଲା ଝିଅଠାରୁ ସାନମାନେ ଘର ସଂସାର କଲେଣି । ମାଆ ବ୍ୟସ୍ତ ହେଉଥାନ୍ତି । ଝିଅ ଅଧିକ ପାଠୋଇ ହେଲେ କି ଅଧିକ ବୟସ୍କା ହେଲେ ଜ୍ୱାଇଁ ମିଳିବା କଷ୍ଟକର କଥା । ମାଆ କଲ୍ ବ୍ୟାକ କଲେ ।

-' ରିହାବିଲେସନ ସ୍କିମରେ ବାପା ପୋଷ୍ଟ ପାଇ ପିଅନ ଚାକିରି କରିଥିବା ଗୋଟେ ପ୍ରସ୍ତାବ ଅଛି । ଅନୁମତି ଦେଲେ ସେ ଆସିବେ ।' ସେପଟୁ ସମ୍ବାଦ ଆସିଲା । ମାଆ ବାପାଙ୍କ ବିନାନୁମତିରେ ସମ୍ମତି ଦେଲେ ।

ନିର୍ଦ୍ଧାରିତ ଦିନ କୁଣିଆ ଆସିଲେ । ଜ୍ୱାଇଁ ପ୍ରାର୍ଥୀଙ୍କ ଶାରୀରିକ ଗଠନ ସେତେଟା ଆକର୍ଷଣୀୟ ନଥିଲେ ବି କଦାକାର ନଥିଲା । ସୁତପା ସାକ୍ଷାତକାରରେ ଅନେକ ପ୍ରଶ୍ନର ସାମ୍ନା କଲା । ହେଲେ ମୁହଁଟେକି କାହାକୁ ଚାହିଁ ନଥିଲା କାରଣ ଏ ପ୍ରସ୍ତାରେ କୌଣସି ଗ୍ୟାରେଣ୍ଟି ନାହିଁ । ହବା ନହବା ବିଧିର ବିଧାନ । ଈଶ୍ୱରଙ୍କ ଆଶୀର୍ବାଦ । ଆବଶ୍ୟକଠାରୁ ଅଧିକ ବଡ ସ୍ୱପ୍ନରେ ବୁଡିଯିବା ଏଣିକି ହାସ୍ୟାସ୍ପଦ କଥା ହେବ । ସେ ଉଚ୍ଚ ଶିକ୍ଷିତା, ପରିପକ୍ୱ ମସ୍ତିସ୍କର ଯୁବତୀ । ସଂସାରର ଭଲମନ୍ଦ ଜାଣିବାର ଦକ୍ଷତା ତାର ଅଛି । ଘରର ଭଲ ପାଇଁ କାହା ସହିତ ତାର କମ୍ପରମାଇଜ୍ କରିବାକୁ ପଡିବ । ଝିଅଦେଖା କିଛି ଟଙ୍କା ପାଇ ଘର ଭିତରକୁ ଗଲା ସୁତପା । ଅତିଥି ଚର୍ଚ୍ଚା ପରେ ନୂଆବନ୍ଧୁ ଘରୁ ବିଦାୟ ନେଲେ ।

ଅନେକ ଦିନ ପର୍ଯ୍ୟନ୍ତ ସେପାଖରୁ କୌଣସି ଶୁଭ ସୂଚନା ଆସିଲା ନାହିଁ । କିଛି ଗୋଟେ ଖରାପ ବାର୍ତ୍ତା ଆସିବା ଆଶଙ୍କାରେ ମଧ୍ୟସ୍ଥି ପାଖକୁ ସୁତପା ବାପା ଫୋନ କଲେ ନାହିଁ ।

ଦିନେ ଦିଦିନ ପରେ ଭାରାକ୍ରାନ୍ତ ପରିବାର ପାଖକୁ ଫୋନ ଆସିଲା । ପୁଅଘର ସୁତପାକୁ ପସନ୍ଦ କରିଛନ୍ତି । ଖୁସିରେ ବାପା କଥାବାର୍ତ୍ତା ଲମ୍ବାଇ ଦେଲେ । ମଧ୍ୟସ୍ଥି ଜଣକ ଘଟସୂତ୍ର କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା । ତାଙ୍କ ସହିତ ଅଧିକ ଘନିଷ୍ଠ ହେବାକୁ ଆଲୋଚନାକୁ କ୍ରମଶଃ ବୃଦ୍ଧି କଲେ । ଅନେକ ସମୟ କଥାବାର୍ତ୍ତା ପରେ ମଧ୍ୟସ୍ଥି କହିଲେ, 'ଆଗ ପ୍ରସ୍ତାବର ବ୍ଲକଗ୍ରାଣ୍ଟ ଶିକ୍ଷକ ଜଣକ ସ୍କୁଲ ସେକ୍ରେଟାରୀକୁ ପୋଷ୍ଟ ଆପୃଭ୍ ପାଇଁ ଲକ୍ଷେ ଟଙ୍କା ନଦେବାରୁ ସେ ଆଉ ଜଣକୁ ତା ପୋଷ୍ଟରେ ଭର୍ତ୍ତୀ କରିଦେଲା । ପୁଅ ଏବେ ଘରେ ବେକାର ହୋଇ ବସିଛି ।' ସୁତପା ସବୁ ଶୁଣି କୌଣସି ପ୍ରତିକ୍ରିୟା ପ୍ରକାଶ କଲାନାହିଁ । ଠାକୁରାଣୀଙ୍କୁ ସୁମରଣା କରି ଯାହା ତାଙ୍କରି ଇଚ୍ଛା ଭାବି ନୂତନ ସୂର୍ଯ୍ୟର ଆଭା ଦେଖିବାକୁ ସୁତପା ନୀରବ ରହିଲା ।

ପରଦିନ ଠାକୁରାଣୀଙ୍କ ପାଖକୁ ସୁତପା ଗଲା । ମନ୍ଦିରରେ ମାଆଙ୍କୁ ଦର୍ଶନ କରି ଫେରିବା ବେଳେ ସେଦିନର ସେହି ପୁରୁଣା ଚପଲ ହଳକୁ ଦେଖିଲା । କିଏ ଜଣେ ସେହି ଅପରିଷ୍କାର ଚପଲ ହଳକୁ ଆଣି ମନ୍ଦିର ବେଢାରେ ଫିଙ୍ଗି ଦେଇଛି । ଦଶଟା ଦୋକାନ ବୁଲି ପସନ୍ଦ କରି କିଣିଥିବା ଦାମିକା ସାଣ୍ଡାଲ ପ୍ରତି ସୁତପାର ସାମାନ୍ୟ ମୋହ ଆସିଥିଲା । ପୂର୍ବର ସବୁ ପ୍ରସ୍ତାବଗୁଡିକୁ ଭୁଲିଯିବା ଭଳି ସୁତପା ନିଜର ପ୍ରଥମ ରୋଜଗାରରେ କିଣିଥିବା ହୃତ ଚପଲକୁ ଭୁଲିବାକୁ ଚେଷ୍ଟା କଲା ।

+ହାପି କଲୋନୀ, ଗୋପ, ପୁରୀ
ମୋ: ୭୯୭୮୬୩୫୨୭୬

# ଭାବିବାକୁ ପଡ଼େ

ପ୍ରତିଭା ଦାଶ



ଆଜିର ସମାଜରେ ସତ୍ୟ ଓ ଅସତ୍ୟ ମଧରେ ବହୁତ ଫରକ୍ ରହୁଛି । ଅସତ୍ୟ ପଛରେ ବହୁତ୍ ଲମ୍ବା ଲାଇନ୍ । ସତ୍ୟକୁ କେହି ଚିହ୍ନି ନାହାନ୍ତି କି ଚିହ୍ନିବାକୁ ଚେଷ୍ଟା ମଧ କରୁ ନାହାନ୍ତି । ଅସତ୍ୟ ଦୁନିଆରେ କାହାକୁ କ'ଣ କହିବାକୁ ପଡ଼ିବ ଭାବିବାକୁ ପଡୁଛି । ଏଠି ସତ୍ୟର ମୂଲ୍ୟ ନାହିଁ । ଅସତ୍ୟର ଚେର ଯେପରି ଭାବେ ଲମ୍ବିଛି ରୋକିବା ପାଇଁ କୌଣସି ଅସ୍ତ୍ର ନାହିଁ । ସତ କହିବାକୁ ଗଲେ କୌଣସି ଅସ୍ତ୍ର କିମ୍ବା ନିୟମ କିଛି କରି ପାରିବ ନାହିଁ, ଯେ ପର୍ଯ୍ୟନ୍ତ ମଣିଷର ମନ ଓ ବିବେକ ପ୍ରତିରୋଧ ନ କରିଛି । ମଣିଷ ଚାହିଁଲେ ବହୁତ କିଛି କରିପାରିବ । ଆମ ଜୀବନରେ ଯାହା ବି ଘଟୁଛି ସବୁ ମଣିଷର ନିୟନ୍ତ୍ରଣରେ ରହିପାରିବ ଯଦି ମନକୁ ସଂଯମ କରି ରଖେ ଓ ମାତ୍ର ଆଜିର ଯୁବପିଢ଼ିକୁ ମନ ନିୟନ୍ତ୍ରଣ କରି ଆସେନା । ସେମାନଙ୍କ ମଧରେ ଈର୍ଷା, ଅହଂକାର, କଳି ଝଗଡ଼ା ଲାଗି ରହିଛି । ଟିକିଏ ଟିକିଏ କଥାରେ ରାଗି ହତ୍ୟା କରିବାକୁ ମଧ ପଛାଉ ନାହାନ୍ତି । ଆଜିକାଲି ବାପ ପୁଅକୁ, ଶିକ୍ଷକ ଛାତ୍ରଛାତ୍ରୀଙ୍କୁ କିଛି କହିବାକୁ ଚାହୁଁ ନାହାନ୍ତି । କହି କି ମଧ କିଛି ସୁଫଳ ନାହିଁ । ନା ସେମାନେ ମାନୁଛନ୍ତି ନା ମାନିବାର ଯୋଗ୍ୟ ଅଟନ୍ତି ।

ବିଦ୍ୟାଳୟଟି ଦଣ୍ଡମୁକ୍ତ ଅଞ୍ଚଳ ହେବା ଦିନଠୁ ଶିକ୍ଷାର୍ଥୀ ଶିକ୍ଷକଙ୍କୁ ମାନୁ ନାହାନ୍ତି । ଶିକ୍ଷକ ଟିକିଏ କିଛି କହି ନ ଥିବେ ଅଭିଭାବକ ଅଭିଯୋଗ ଧରି ପଳେଇ ଆସୁଛନ୍ତି । ସେହି ଛାତ୍ରଛାତ୍ରୀଙ୍କ ଅବସ୍ଥା କ'ଣ ହେବ ? କ'ଣ ସେହି ଛାତ୍ରଛାତ୍ରୀ ତାଙ୍କ ପିତାମାତାଙ୍କୁ ମାନିବେ ? ତାଙ୍କଠାରୁ ସେମାନେ କ'ଣ ଶିଖିବେ ? ଭୁଲ ତ ସମସ୍ତଙ୍କର ଅଛି । ମାତ୍ର ମା ବାପାଙ୍କର ଦାୟିତ୍ୱ ରହିଛି ନିଜ ଶିଶୁକୁ ଠିକ୍ ମାର୍ଗରେ ନେବେ । ଭଲ ମଣିଷଟିଏ ଗଢିବେ ।



ସୁବ୍ରତ ଓ ଅନୁଜ ଦୁଇ ଜଣ ଭଲ ବନ୍ଧୁ ଥିଲେ । ଏକା ସାଙ୍ଗରେ ଗୋଟିଏ ଶ୍ରେଣୀରେ ପଢୁଥିଲେ । ସୁବ୍ରତ ଗୋଟିଏ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲା । ଯିଏ କି ଅଭାବ କି ଅସୁବିଧା କିଛି ଜାଣି ନ ଥାଏ । ଅତି ଗେଲ ବସରରେ ବଢୁଥାଏ । ଭାଷା ବ୍ୟବହାର ସେ ଶିଖି ପାରି ନ ଥିଲା । ଅପର ପକ୍ଷେ ଅନୁଜ ଗୋଟିଏ ଗରିବ ଘରର ପୁଅ ଥିଲା । ଯେଉଁଠି ଅଭାବ ବଡ଼ ସମ୍ପତ୍ତି ଥିଲା । ସୁଖ ସ୍ୱାଚ୍ଛନ୍ଦ୍ୟ କ'ଣ ସେ ଜାଣି ନ ଥିଲା । ଭଲ ପୋଷାକ କି ଭଲ ଖାଦ୍ୟ ତା' ପାଇଁ ସ୍ୱପ୍ନ ଥିଲା । ମାତ୍ର ଶିକ୍ଷା, ସଂସ୍କାର ଭଲ ଭାବେ ତାକୁ ଜଣା ଥିଲା କ୍ଷ କାହା ସହ କେମିତି କଥା ହେବେ, କାହା ସହ କେମିତି ବ୍ୟବହାର କରାଯାଏ ତାହାକୁ ଖୁବ୍ ଭଲଭାବେ ଜଣାଥାଏ । ସେଥିପାଇଁ ଅନୁଜ ସମସ୍ତଙ୍କର ପ୍ରିୟପାତ୍ର ହୋଇଥିଲା । ଅନୁଜ ଓ ସୁବ୍ରତ ଯଦିଓ ସାଙ୍ଗ ଥିଲେ, ଦୁହିଁଙ୍କର ମଧରେ ଆକାଶ ପାତାଳ ଫରକ୍ ଥିଲା । ସବୁଦିନ ସମାନ ଯାଏନି । ଯେହେତୁ ସୁବ୍ରତର ବ୍ୟବହାର ଖରାପ ଥିଲା ଶିକ୍ଷକମାନେ ତାକୁ ବହୁତ କଥା କହିବା ସହ ତାଗିଦ୍ କରୁଥିଲେ । ସେହି ସମୟରେ ଅନୁଜ ସମସ୍ତଙ୍କ ପ୍ରିୟପାତ୍ର ଥିଲା । ଏହା ସୁବ୍ରତକୁ ସହ୍ୟ ହେଲାନି । ଧୀରେ ଧୀରେ ଅନୁଜକୁ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରେ ଦୋଷାରୋପ କଲା, ଛୋଟ ଛୋଟ କଥାରେ ସମସ୍ତଙ୍କ ଆଗରେ ଅପମାନିତ କଲା । ଏହା ଦେଖି ଅନୁଜକୁ ଅଡୁଆ ଲାଗିଲା । ବହୁଥର ତାକୁ ଏ ବାବଦରେ ପଚାରିଲା ମାତ୍ର ସୁବ୍ରତର ସବୁବେଳେ ଓଲଟା ଉତ୍ତର ଆସିଲା ।

ଦିନକର ଘଟଣା ଖେଳ ପିରିୟଡ଼ରେ ସମସ୍ତେ ଖେଳୁଥିବା ସମୟରେ ଜାଣିଶୁଣି ସୁବ୍ରତ ଅନୁଜକୁ ଧକ୍କା ଦେଇଦେଲା । ଯାହା ଫଳରେ ଅନୁଜର ମୁଣ୍ଡଫାଟି ରକ୍ତ ବୋହିଲା । ଶିକ୍ଷକ ଏହା ଜାଣି ସୁବ୍ରତକୁ ବହୁତ ଗାଳି କଲେ । ତା' ପରଦିନ ସୁବ୍ରତର ବାପା ବିଦ୍ୟାଳୟରେ ପହଞ୍ଚି ସେହି ଶିକ୍ଷକଙ୍କୁ କହିଲେ, ' ଆପଣଙ୍କର ସାହସ କେମିତି ହେଲା ମୋ ପୁଅକୁ ଗାଳି କରିବାକୁ । ତାହାର ଯାହା ଇଚ୍ଛା ତାହା କରିବ । ମୋ ପୁଅକୁ ମୁଁ କେବେ କିଛି କହିନି । ଏମିତି ଭୁଲ୍ ଯେମିତି କେବେ ନ ହୁଏ ।' ଅନୁଜ ପାଖକୁ ଯାଇ କହିଲେ , ' ତୁ ତ ଗୋଟିଏ ଗରିବ ଛୁଆ । ତୁ କେମିତି ମୋ ପୁଅ ସାଙ୍ଗରେ ସାଙ୍ଗ ହେଉଛୁ । ତୁ ମୋ ପୁଅର ଛିଣ୍ଡା ଚପଲ ପିନ୍ଧିବାର ଯୋଗ୍ୟ ନୁହେଁ । ଆଜିଠୁ ମୋ ପୁଅର ଛାଇଠୁ ବି ଦୂରେ ରହିବୁ ।' ଏମିତି କେତେ କ'ଣ କହି ସେଇଠୁ ଚାଲି ଗଲେ । ବାପାର ଏମିତି ସହଯୋଗରେ ସୁବ୍ରତ ଦିନକୁ ଦିନ ବିଗିଡିବାକୁ ଲାଗିଲା । ଏମିତି ଦିନ ନ ଥିଲା ଯେ ସେ କାହା ସଙ୍ଗେ ଝଗଡ଼ା କରି ନ ଥିବ । ଦୁଃଖସୁଖ, ଭଲମନ୍ଦ ଯାହା ହେଉ ଦିନ କାହାକୁ ଅପେକ୍ଷା କରେ ନାହିଁ । ବିଦ୍ୟାଳୟ ଶିକ୍ଷା ଶେଷ କରି ଉଚ୍ଚ ଶିକ୍ଷା ପାଇଁ ସମସ୍ତେ ଅନ୍ୟତ୍ର ଗଲେ । ବହୁ କଷ୍ଟରେ ଶିକ୍ଷା ସମାପନ କଲା ଅନୁଜ । ଆଜି ସେ ତାହାର ଭଲ ଶିକ୍ଷା ଓ ସଂସ୍କାର ଯୋଗୁ ଗୋଟିଏ ସରକାରୀ ବିଦ୍ୟାଳୟରେ ଆଦର୍ଶ ଶିକ୍ଷକ ଭାବେ ଶିକ୍ଷକତା କରୁଛି । ତାହାର ଗୁଣ ଜ୍ଞାନ ତାହାକୁ ଉଚ୍ଚ ସ୍ଥାନରେ ନେଇ ରଖିଛି । କିନ୍ତୁ ଆଜି ସୁବ୍ରତ ଗୋଟିଏ ଅସମାଜିକ ବ୍ୟକ୍ତି ଭାବେ ଖୁବ୍ ଜଣାଶୁଣା । ପୃଥିବୀରେ ଯାହା ବି ମନ୍ଦ ଅଭ୍ୟାସ ଅଛି ସବୁ ତାହାଠାରେ ପୂରିକି ଅଛି । ଦୁଇଥର ଜେଲରୁ ଆସି ସାରିଲାଣି । କେତେଥର ଲୋକମାନଙ୍କ ଠାରୁ ମାଡ଼ ଖାଇଲାଣି । ଯେମିତି କର୍ମ କରିବ ସେମିତି ଫଳ ପାଇବ ।

ସେଦିନ ଯଦି ସୁବ୍ରତର ବାପା ତାଙ୍କ ପୁଅକୁ ସମର୍ଥନ କରି ନ ଥାନ୍ତେ ଆଜି ଏତେ ତଳକୁ ସେ ଯାଇ ନ ଥାନ୍ତା । ନିଜ ଛୁଆର ଭୁଲକୁ ସମର୍ଥନ ନ କରି ତାକୁ ସୁଧୁରାଇବା ପାଇଁ ଚେଷ୍ଟା କରିବେ ତାହାହେଲେ ଯାଇ ଆମର ଭବିଷ୍ୟତ ପିଢ଼ି ସଂସ୍କାରକ ହୋଇ ବାହାରିବେ । ସେମାନେ ସଂସ୍କାରକ ହେଲେ ମା'ବାପା, ଗ୍ରାମ, ଜିଲ୍ଲା, ଓଡ଼ିଶା ପାଇଁ ବହୁତ ଗର୍ବର କଥା । ଯାହାକୁ ନେଇ ଆମେ ଗର୍ବର ସହ ମୁଣ୍ଡ ଟେକି ରାସ୍ତାରେ ଚାଲିବା । ଆମ ଭବିଷ୍ୟତ ଆମ ହାତରେ ।

+ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ:-୭୮୯୪୫୨୮୪୯୩

# ଅସହିଷ୍ଣୁତା

ଘନଶ୍ୟାମ ପଲେଇ



ନରେଶବାବୁ ସହରରେ ରହିଲେ ବି ଗାଁକୁ ଭଲ ପାଆନ୍ତି । ସେଇଥି ପାଇଁ ତ ଭାଇଭାଗ ପାଇ ଥିବା ଜମିଜମାକୁ ବିକି ପାରି ନାହାଁନ୍ତି । ତା'କୁ ଭାଗରେ ଚାଷ କରିବାକୁ ଆର ସାହିର ଜଣେ ପରିଶ୍ରମୀ ଗରିବ ଲୋକକୁ ଚାଷ କରିବାକୁ ଦେଇଛନ୍ତି । ବର୍ଷକୁ ଧାନ ବିରି ଅମଳ ହେଲେ ମାପିଲା ବେଳକୁ ପହଞ୍ଚି ଯାଇ ତାଙ୍କ ପ୍ରାପ୍ୟ ନେଇ ଆସନ୍ତି ।

ଏଥର ହରଡ ବୁଣିଥିଲା ଲୋକଟି । ତା'ଠୁ ଅମଳ କଥା ଫୋନରେ ଶୁଣିଲା ଗତ କାଲି । ସେଇଠୁ ତ ନିଦ ନାଇଁ... ସକାଳୁ ସକାଳୁ ଗାଡି ନେଇ ଆସିଛନ୍ତି ନରେଶବାବୁ । ହରଡ ଡାଲି ତାଙ୍କର ଆଉ ତାଙ୍କ ପିଲାମାନଙ୍କର ଭାରି ପସନ୍ଦ । ଏଥର ନିଜଭାଗକୁ ଛାଡି... ତା'ଠୁ ଅଧିକ କିଛି ଡାଲି କିଣି ଆଣିବେ ବୋଲି ମନେ ମନେ ସ୍ଥିର କରି ସାରିଥିଲେ ।

ହରଡ ଡାଲି ସଂଗ୍ରହ କରି ନିଜ କାରରେ ଭର୍ତ୍ତି କରି ସାରିଲା ପରେ ବାହାରିଥିଲେ ସହରକୁ । ହେଲେ କ'ଣ ମନେ ହେଲା କେଜାଣି ମନେମନେ ଚିନ୍ତା କଲେ- ତାଙ୍କ ବଡଭାଇକୁ ଟିକିଏ ଦେଖି ଦେଇଯିବେ । ବଡଭାଇ ବୁଢା ହେଲେଣି । ଆଉ ବେଶି ଚାଲିବୁଲି ପାରୁନାହାନ୍ତି । ଦାଣ୍ଡପିଣ୍ଡାରେ ବସିବସି ବେଶି ସମୟ କାଟୁଛନ୍ତି ।

ନରେଶବାବୁଙ୍କ କାରଟି ଛିଡାହେଲା... ବଡଭାଇଙ୍କ ଘର ସାମ୍ନାରେ । ବଡଭାଇ ଶୀତ ସନ୍ଧ୍ୟାରେ ଚାଦରଟେ ଘୋଡିଘାଡି ହେଇ ବସିଥିଲେ ପିଣ୍ଡାରେ । ବଡଭାଇଙ୍କୁ ପ୍ରଣାମ କଲେ ନରେଶବାବୁ । ବଡଭାଇ ଖୁସି ହେଇଗଲେ । ଏକ ପ୍ରକାର ଭାବ ବିହ୍ୱଳ ହେଇ ଉଠିଲେ । ଥରିଲା ଥରିଲା ଓଠରେ କୋହ ଭରା କଣ୍ଠରେ କହିଲେ – ବାବୁରେ ! ଆଜି ଯାଇ ଆମ କଥା ମନେ ପଡିଲା । ମୁଁ ଶୁଣେ ଅନେକ ଥର- ଆମ ନରୁ( ନରେଶ୍) ଆସିଥିଲା ଆର ସାହିକୁ... ହେଲେ ମୁଁ ଦେଖିବାକୁ ଯାଇପାରେ ନାହିଁରେ । ଗୋଡ ହାତରେ ଆଉ ବଳ ନାହିଁ...ଏତେବାଟ ଚାଲିବାକୁ । ଏତକ କହିଲା ବେଳେକୁ ତାଙ୍କ ଆଖିରୁ ଲୁହ ଖସଖସ୍ ହେଇ ଖସି ପଡୁଥିଲା ତଳକୁ ଲୁଚାକୁଚା ଗାଲ ଦେଇ ।

ନରେଶବାବୁ ଭାଇକୁ ଶାନ୍ତ୍ୱନା ଦେବା ଆଳରେ ନଜର କରୁଥିଲେ ଘର ଆଡିକୁ... ଦେଖୁଥିଲେ



ବଡଭାଇ ଘରର ପରିବର୍ତ୍ତିତ ରୂପରେଖକୁ । ଆଉ ଦିଶୁ ନଥିଲା ମାଟି ଟାଇଲ୍ କି ଖପରା ଘର । ତା' ବଦଳରେ ଦମ୍ଭ ହେଇ ଛିଡା ହୋଇଛି ଏକ ବିରାଟ ଛାତ ଘର । ମନେ ମନେ ଭାବୁଥିଲେ- ପୁତୁରା ରୋହିତ'ର କିଛି ଚାକିରିବାକିରୀ ଲାଗିଲା ବୋଧେ... କେଉଁଠି ? ବଡଭାଇକୁ କଥା ଛଳରେ ପଚାରିଲେ- ନୂଆଘର କେବେଠୁ କଲଣି... ମୁଁ ତ ଆର ସାହିରୁ ସେପଟୁ ସେପଟୁ ହିଁ ଚାଲି ଯାଏ... ଢେର ବର୍ଷ ହେଲାଣି ଆଉ ଏପଟେ ଆସି ନାହିଁ ।

ପୁଣି ନରେଶବାବୁ କହିଲେ- ରୋହିତ ଘରେ ଅଛି କି... ଘରଟା ଟିକିଏ ପଶି ଦେଖିଥାନ୍ତି ।

ବଡଭାଇ କହିଲେ- ବାବୁ! ପୁଅବୋହୁ ଯାଇଛନ୍ତି ତା' ଶଶୁରଘରକୁ । ଖୋଲା ଅଛି । ତୁ ଯାଆ ଭିତରକୁ ବୁଲି ଦେଇ ଆ... ମୁଁ ବାହାରେ ଏଇଠି ବସିଛି... ।

ସନ୍ଧ୍ୟା ହେଇ ଆସିଲାଣି । ଶିଘ୍ର ବାହାରିବାକୁ ପଡିବ । ଶିତ ଦିନ । କାଲୁଆ ପବନ ଦିହହାତକୁ ଥରେଇ ଦେଉଥିଲା । ମୋଟା ଜ୍ୟାକେଟ ପିନ୍ଧିଲେ ବି କାଲୁଆ ପବନ ବାଜିଲେ ଶିହରି ଉଠୁଛି ଦେହ ହାତ । ନରେଶବାବୁ କାନରେ ବାନ୍ଧିଥିବା ମଫୁଲରକୁ ଆଉ ଥରେ ଖୋଲି ମୁଣ୍ଡରେ ବାନ୍ଧିଲେ... ଯେମିତି କାନରେ କାଲୁଆ ପବନ ନ ବାଜେ । ପଶିଲେ ଧିରେ ଧିରେ... ବଡଭାଇର ଘର ଭିତରକୁ ।

ନରେଶବାବୁ ପଶି ଦେଖିଲେ ଘର । ବଡ ବଡ କୋଠୋରୀ ସବୁ ହେଇଛି । ରୋଷେଇ ଘର... ଗାଧୁଆ ଘର ... ଠିକ ବ୍ୟବସ୍ଥିତ ଢଙ୍ଗରେ । ମନେ ପଡିଗଲା ତାଙ୍କ ସହରର ଘର କଥା ... ଛୋଟ ଘର ଖଣ୍ଡେ । ଏହା ଭଳି ଏତେ ସୁନ୍ଦର ବି ନାହିଁ । ଆଉ ଦେଖିପାରିଲେ ନାହିଁ । ସହିଲା ନାହିଁ ତାଙ୍କ ଦେହମନ । ଅସହିଷ୍ଣ ହେଇ ପଡିଲେ । ଅହଙ୍କାରରେ ମୁଣ୍ଡଟା ଗରମ ହେଇଗଲା । ଚାକିରିବାକାରି କରି ବି ଭାଇଠୁ କମଜୋର ପଡ଼ିଯିବେ.. ? ଏତେ ଥଣ୍ଡାରେ ବି ଦେହହାତ ଝାଳେଇ ଉଠିଲା । ଭାବି ନ ଥିଲେ ଭାଇ ଗାଁ'ରେ ରହିବି ଏଡେ ସୁନ୍ଦର ଚଳିବ... ଏଡେ ସୁନ୍ଦର ଘର କରି ରହିବ । ମୁହଁଟା ଆମ୍ବିଲା ଆମ୍ବିଲା ଦିଶିଲା । ଏଡେ ଶୀତରେ ବି ଝାଳୁଆ ଝାଳୁଆ ଲାଗିଲା । ବାପରେ...କି ଗରମ - କହି ବାହାରି ଆସିଲେ ଘରୁ ବାହାରକୁ ।

ବଡଭାଇକୁ ଆଉ କିଛି ନ କହି ସିଧା ଚାଲିଲେ ଗାଡି ଆଡକୁ । ଏଣେ ବଡଭାଇ ବଡ ଆଶ୍ଚର୍ଯ୍ୟ । -ଏଇନେ ଥଣ୍ଡା ଲାଗୁଛି କହି ଥରୁଥିବା ମଣିଷଟା.... ଝାଳରେ ଭିଜି ଗଲାଣି... ।

ବଡଭାଇ ଜୋରରେ ପଛରୁ ଡାକୁଥିଲେ - ନରୁରେ... ବାବୁରେ... କଣ ହେଲା ? ଚାଲି ଯାଉଛୁ ଯେ...!!!

ଏଡେ ଶୀତରେ ବି ନରେଶବାବୁ ନିଜ କାର୍ ଭିତରଟା ଥଣ୍ଡା କରିବାକୁ ଯାଇ ଏସି ବଢେଇ ଦେଲେ ଆଉ ଗାଡି ଛୁଟେଇଲେ ସିଧା ସହର ମୁହାଁ ।

+ଟେନସା, ସୁନ୍ଦରଗଡ୍-୪୨,
ମୋ- ୯୪୩୭୭୧୮୫୦୦

# ରାଜନଗରରେ ଚଳଚଞ୍ଚଳ : ବୋଇତ ବନ୍ଦାଣ ଉତ୍ସବ ପାଇଁ ଜୋରଦାର ପ୍ରସ୍ତୁତି

କେନ୍ଦୁଝର, ୨୬/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଐତିହାସିକ ରାଜନଗର ଗ୍ରାମରେ ଆଗକୁ ଆସୁଥିବା ପାରମ୍ପରିକ 'ବୋଇତ ବନ୍ଦାଣ ଉତ୍ସବ' ଏବଂ 'ବାଲିଯାତ୍ରା ପାଇଁ ଏବେ ଠାରୁ ପ୍ରସ୍ତୁତି ପର୍ବ ଜୋରଦାର ହୋଇଛି। ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏହି ଉତ୍ସବ ପାଳିତ ହେଉଥିବା ବେଳେ, ଏହି ଅଂଚଳର ଏ ପ୍ରମୁଖ ଗଣପର୍ବ ଭାବେ ଜଣାଶୁଣା। ଏହି ଦୁଇଟି ଉତ୍ସବକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ପ୍ରାଚୀନ କାଳର ସାଧବ ପୁଅମାନଙ୍କ ସମୁଦ୍ର ଯାତ୍ରା ଏବଂ ଓଡ଼ିଶା ଶାର ଗୌରବମୟ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇବା ପାଇଁ ରାଜନଗର ଗ୍ରାମବାସୀମାନେ ବର୍ତ୍ତମାନଠାରୁ ଛୋଟ ଛୋଟ ବୋଇତ ତିଆରି କରିବାରେ ଲାଗିଛନ୍ତି। ଏହି ବୋଇତଗୁଡ଼ିକୁ ରଙ୍ଗୀନ କାଗଜ, କଦଳୀ ପଟୁଆ ଏବଂ ଅନ୍ୟାନ୍ୟ ସାଜସଜ୍ଜା ସାମଗ୍ରୀରେ ସୁନ୍ଦର ଭାବରେ ସଜାଯିବ। ବୋଇତ ବନ୍ଦାଣ ନ୍ଦାଣ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ପୂଣ୍ୟତୋୟା ବୈତରଣୀ ନଦୀ ଘାଟରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଉତ୍ସବ ସମୟରେ ଘାଟ ଏବଂ ଆଖପାଖ ଅଂଚଳକୁ ଆକର୍ଷଣୀୟ ଆଲୋକମାଳାରେ ସଜାଇବା ପାଇଁ ମଧ୍ୟ ଯୋଜନା କରାଯାଉଛି। ବୋଇତ ବନ୍ଦାଣ ସହିତ ଅନୁଷ୍ଠିତ ହେବାକୁ ଥିବା ବାଲିଯାତ୍ରା। ପାଇଁ ବିଶାଳ ପଡ଼ିଆ ପ୍ରସ୍ତୁତ କରାଯାଉଛି। ଏହି ପଡ଼ିଆରେ ଅସ୍ଥାୟୀ ଦୋକାନ, ମିନାବଜାର, ବିଭିନ୍ନ ପ୍ରକାରର ଖାଦ୍ୟ ଷ୍ଟଲ୍ ଏବଂ ସାଂସ୍କୃତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଂଚ ନିର୍ମାଣ ହେବ। ଦୂରଦୂରାନ୍ତରୁ ବ୍ୟବସାୟୀମାନେ ଆସି ନିଜର ଦୋକାନ ଖୋଲିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଉତ୍ସବକୁ ଅଧିକ ଆକର୍ଷଣ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଲୋକନୃତ୍ୟ ଏବଂ ସଙ୍ଗୀତ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ସ୍ଥାନୀୟ କଳାକାରମାନଙ୍କ ସ ସମେତ ବାହାରୁ ଆସୁଥିବା କଳାକାରମାନେ ମଧ୍ୟ ନିଜର କଳା ପ୍ରଦର୍ଶନ କରିବେ। ରାଜନଗରର ବୋଇତ ବନ୍ଦାଣ ଉତ୍ସବ କେବଳ ଏକ ମେଳା ନୁହେଁ, ଏହା ଓଡ଼ିଶାର ପ୍ରାଚୀନ ଇତିହାସ ଏବଂ ସମୃଦ୍ଧ ସାମୁଦ୍ରିକ ପରମ୍ପରାର ପ୍ରତୀକ। କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ଲୋକମାନେ ଛୋଟ ଛୋଟ ବୋଇତକୁ ପାଣିରେ ଭସାଇ ପୂଜାର୍ଚ୍ଚନା କରିବେ। ଏହା ସହିତ ଏହି ଅବସରରେ ବାଲିଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହା। ଏକ ମିଳିତ ଉତ୍ସବର ରୂପ ନେଇଥାଏ। ଏହି ଦିନକୁ ବେଶ୍ ଉତ୍ସାହ ଓ ଆନନ୍ଦର ସହିତ ପାଳନ କରିବାକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ଗ୍ରାମ୍ୟ କମିଟି ସହିତ ସ୍ଥାନୀୟ ପ୍ରଶାସନ ମଧ୍ୟ ଉତ୍ସବର ସୁପରିଚାଳନା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା, ଭିଡ଼ ନିୟନ୍ତ୍ରଣ କରିବା ବଂ ପରିମଳ ବ୍ୟବସ୍ଥାକୁ ସୁଧାରିବା ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ଘାଟରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବାକୁ ନିଷ୍ପତି ନିଆଯାଇଛି। ମୋଟାମୋଟି ଭାବେ କହିବାକୁ ଗଲେ, କେନ୍ଦୁଝର ଜିଲ୍ଲାର ରାଜନଗର ଗ୍ରାମ ବର୍ତ୍ତମାନ ଏକ ଉତ୍ସବମୁଖର ପରିବେଶକୁ ସ୍ୱାଗତ କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ। ସମସ୍ତଙ୍କ ମନରେ ଏକ ନିଆରା ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି।

# ବନ୍ଦେ ଉତ୍କଳ ଜନନୀର ବୋଇତ ବନ୍ଦାଣ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଧର୍ମଶାଳା, ୨୬/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ଅନ୍ତର୍ଗତ ଅରଙ୍ଗାବାଦ ସ୍ଥିତ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ୪୧ ତମ ବୋଇତ ବନ୍ଦାଣ ଉତ୍ସବ ଓ ସାଂସ୍କୃତିକ ମିଳନ ସଭା ଆସନ୍ତା ନଭେମ୍ବର ୫ ତାରିଖ ହେବା ପାଇଁ ସ୍ଥିରିକୃତ ହୋଇଛି। ଏହି ଅବସରରେ ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅପରାହ୍ନରେ ଅରଙ୍ଗାବାଦ ସ୍ଥିତ ଶ୍ୟାମସୁନ୍ଦର ଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ବନ୍ଦେ ଉତ୍କଳ ଜନନୀ ର ପ୍ରତିଷ୍ଠାତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ସଭାପତି ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବୋଇତ ବନ୍ଦାଣର ସଫଳ ଆୟୋଜନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଡଃ. ଜଗନ୍ନାଥ ଜେନା, ବୋଧିବାମନ ପଣ୍ଡା, ଭରତ ଚନ୍ଦ୍ର ଦାସ, ବସନ୍ତ ସୁନ୍ଦରା ପ୍ରମୁଖ ମଂଚାସୀନ ଥିଲେ। ବୈଠକରେ ବୋଇତ ନିର୍ମାଣ, ମଂଚ ସଜ୍ଜା, ସାଂସ୍କୃତିକ ଶୋଭାଯାତ୍ରା, ଆଇନ ଶୃଙ୍ଖଳା, ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଭ୍ୟର୍ଥନା କମିଟି, ଉପଦେଷ୍ଟା କମିଟି, ଶୃଙ୍ଖଳା କମିଟି ଆଦି ଗଠନ କରାଯାଇ ଦାୟୀତ୍ୱ ବଂଟନ କରାଯାଇଥିଲା। ସର୍ବଶ୍ରୀ କରୁଣାକର ପଣ୍ଡା, ରବିନ୍ଦ୍ର ସେଠୀ, ଧନେଶ୍ୱର ସାହୁ, ସୁବାଶ ଦାସ, ଜଗବନ୍ଧୁ ମହାନ୍ତି, ରମାକାନ୍ତ ବାରିକ, ପ୍ରମୋଦ ଜେନା, ନିତ୍ୟାନନ୍ଦ ବେହେରା, ବ୍ରଜକିଶୋର ମହାନ୍ତି, ପ୍ରଭାତ କୁମାର ପଣ୍ଡା, ନରେନ୍ଦ୍ର ଜେନା, ମହେଶ୍ୱର ବିଶ୍ୱାଳ, ଦୟାନିଧି ଦାଶ, ନବକୁମାର ଜେନା, ରାଜେନ୍ଦ୍ର ଦାଶ, ଦୀପ୍ତିରଞ୍ଜନ ଜେନା, ମାଗୁଣି ବେହେରା, ପ୍ରଦ୍ୟୁମ୍ନ ପଣ୍ଡା, ପ୍ରଶାନ୍ତ ଶତପଥୀ, କିଶୋର କୁମାର ଜେନା, ଭୀମସେନ ସାହୁ, ମନୋଜ ପଲାଇ, ଅମର ଜେନା, ଗିରିଧାରି ବାରିକ, ଧିରେନ୍ଦ୍ର ଦାସ, ଚି ରଞ୍ଜନ ବେହେରା, ଅନିରୁଦ୍ଧ ଦାସ, ତପନ କୁମାର ଦାସ, ସରୋଜ ଜେନା, ଲକ୍ଷ୍ମୀଧର ବେହେରା ଙ୍କ ସମେତ ଶତାଧିକ ଗ୍ରାମବାସୀ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ

ଧର୍ମଶାଳା, ୨୬/୧୦ (ନି.ପ୍ର): ଯାଜ୍ପୁର ଗଜିଲା ବଡଚଣା ବ୍ଲକ ବଡପଡିଆ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ପ୍ରତିମୂର୍ତ୍ତି ଅନାରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ସମିତିର ରାଜ୍ୟ ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବାଚସ୍ପତି ଶ୍ରୀମତି ପାଢୀଙ୍କ ସମେତ ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା,ବଡଚଣା ବିଧାୟକ ଅମର ନାୟକ ଓ ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ ଓ ବରିଷ୍ଠ ସାମ୍ବାଦିକ ତଥା ସଂଗ୍ରାମୀଙ୍କ ଦାୟଦ ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ସଂଗ୍ରାମୀ ମାଟି ବାଲିପଡିଆର ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପରିଥିଲେ। ଏହି ଅବସରରେ ଅତିଥିମାନେ 'ଧୂଳି ମାଟିର ସନ୍ଥ ବିପ୍ଳବୀ ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର' ପୁସ୍ତକକୁ ଲୋକାର୍ପିତ କରିଥିଲେ। ଏଥିସହ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦ ଯାଜପୁର,କେନ୍ଦ୍ରାପଡା ସମେତ ବିଭିନ୍ନ ଅଂଚଳରୁ ବହୁ ସଂଗ୍ରାମୀ ଦାୟଦ ଓ ସ୍ଥାନୀୟ ଜନସାରଣ ଯୋଗ ଦେଇଥିଲେ। ସଂଗ୍ରାମୀ ସମିତି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ୨ ନାବାଳିକା ଅପହରଣକୁ ନେଇ ଯୁବକକୁ ମରଣାନ୍ତକ ଆକ୍ରମଣ ଘଟଣା : ୯ ଜଣ ଗିରଫ ହୋଇ କୋର୍ଟ ଚାଲାଣ

ମାଲକାନଗିରି, ୨୬/୧୦ (ନି.ପ୍ର): ଦୁଇ ଜଣ ନାବାଳିକା ଅପହରଣକୁ ନେଇ ଗ୍ରାମବାସୀ ଅଭିଯୁକ୍ତକୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କାଲିମେଲା ପୋଲିସ୍। ସୂଚନା ମୁତାବକ ଗତ ୧ ତାରିଖରେ ଏମପିଭି-୩୩ ଗାଁର ବିକ୍ରମ ରାୟ (୨୪) ଓ ବିକ୍ରମ ହାଲଦାର (୨୨) ପଟେରୁ ଫାଣ୍ଡି ବଦଳି ପାୟତର ଏକ ଗାଁର ୨ ଜଣ ନାବାଳିକାଙ୍କୁ ଫୋନ୍‌ରେ ଯୋଗାଯୋଗ କରି ଗାଁରୁ କେଉଁଆଡକୁ ନେଇଯାଇଥିଲେ। ପରେ ଝିଅ ଓ ପୁଅମାନେ ନିଖୋଜ ହୋଇ ଯାଇଥିବା ସମ୍ପର୍କରେ ଉଭୟ ଗାଁର ପରିବାର ଲୋକେ ଖବର ପାଇ ଖୋଜାଖୋଜି କରିଥିଲେ। ତେବେ ପୁଅଙ୍କ ପରିବାର ସନ୍ଧାନ ପାଇ ପଡୋଶୀ ଛତିଶଗଡର ଜଗଦଲପୁରରୁ ଏକ ଗାଡିରେ ସମସ୍ତଙ୍କୁ ଗାଁକୁ ନେଇ ଆସିଥିଲେ। ଏହାପରେ ଗତ ୪ ତାରିଖରେ ଏହି ଘଟଣାର ସମାଧାନ ପାଇଁ ଉଭୟ ଗାଁର ଲୋକେ ଏକ ବୈଠକ ଆୟୋଜନ କରିଥିଲେ। ଝିଅ ଗାଁର ୩୦ ଜଣ ଏମପିଭି-୩୩ ଗାଁରେ ପହଂଚି ଅପରହଣ କରିଥିବା ୨ ଯୁବକକୁ ବୈଠକକୁ ଡାକିବାକୁ କହିଥିଲେ। ତେବେ ଉଭୟ ଯୁବକ ବୈଠକକୁ ଆସିବା ପରେ ଝିଅ ଗାଁର ଲୋକେ ସେମାନଙ୍କୁ ନିସ୍ଥୁକ ମାଡ ମାରିଥିଲେ। ଗ୍ରାମବାସୀଙ୍କ ମାଡରେ ବିକ୍ରମ ହାଲଦାର ଗୁରୁତର ହୋଇପଡ଼ିଥିଲେ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ପୁଲିସ ପହଂଚି ଗୁରୁତର ଯୁବକଙ୍କୁ ଉଦ୍ଧାର କରି ପ୍ରଥମେ ଏମଭି-୫୫ ସ୍ୱାସ୍ଥ୍ୟକେନ୍ଦ୍ର ପରେ ମାଲକାନଗିରି, କୋରାପୁଟ, ବ୍ରହ୍ମପୁର ଓ ଶେଷରେ ବିଶାଖାପାଟଣା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଯୁବକଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କ ମା' ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତିକରି କାଲିମେଳା ପୋଲିସ୍ ପ୍ରଥମେ ୭ ଜଣ ଏବଂ ବର୍ତ୍ତମାନ ପୁଣି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି।

# ଲିଖିତ ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ଅତିଥି ଅଧ୍ୟାପକ

ଜୟପୁର, ୨୬/୧୦ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଫାଟକରେ ତାଲା ପକାଇ ଅତିଥି ଅଧ୍ୟାପକ ମାନେ ଯେଉଁ ଧାରଣା ଦେଇଥିଲେ ବିଶ୍ୱବିଦ୍ୟାଳୟ କୁଳସଚିବ ଲିଖିତ ପ୍ରତିଶୃତି ଦେବା ପରେ ଆଜି ସମସ୍ତ ଅତିଥି ଅଧ୍ୟାପକ ମାନେ ଧାରଣାରୁ ଓହରିଛନ୍ତି। ଗତକାଲି ସାଢେ ୧୦ଟାରୁ ଅତିଥି ଅଧ୍ୟାପକ ମାନେ ଧାରଣାରେ ବସିଥିବା ବେଳେ ସନ୍ଧ୍ୟା ହୋଇଯାଇଥିବା ଯୋଗୁଁ ଗତକାଲି ୬ଟାରୁ ଧାରଣାରୁ ଉଠି ଚାଲିଯାଇଥିଲେ। ଆଜି ସକାଳୁ ପୁଣି ସମସ୍ତେ ମୁଖ୍ୟ ଫାଟକ ସମ୍ମୁଖରେ ତାଲା ପକାଇ ଧାରଣାରେ ବସିଥିଲେ। ଦିନ ୧୨ଟା ସମୟରେ କୁଳସଚୀବ ଦେବୀ ପ୍ରସାଦ ମିଶ୍ର ହ୍ୱାଟ୍ସଆପ ଗୃପରେ ଲିଖିତ ଭାବେ ଆପଣଙ୍କ ସମସ୍ୟାରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଇ ଦିଆଯାଇଛି। ଖୁବଶିଘ୍ର ଆପଣମାନଙ୍କ ବର୍ଦ୍ଧିତ ଦରମା ମିଳିବ ବୋଲି ମେସେଜ ଛାଡିବା ପରେ ସମସ୍ତ ଅତିଥି ଅଧ୍ୟାପକ ଧାରଣାରୁ ଓହରିଥିଲେ। ପ୍ରକାଶ ଥାଉକି ଗତକାଲି ଆନ୍ଦୋଳନକାରୀଙ୍କୁ କୁଳସଚୀବ ଦେବୀ ପ୍ରସାଦ ମିଶ୍ର ଉଚ୍ଚ ବିଭାଗରୁ ଚିଠି ଆସିଛି ତେଣୁ ସେଦିନ ସମାଧାନ ହେବାର ସମ୍ଭାବନା ରହିଛି। ତେଣୁ ଆନ୍ଦୋଳନ ନକରିବାକୁ ଅନୁରୋଧ କରିଥିଲେ। କିନ୍ତୁ ସେହି ଚିଠିକୁ ଅତିଥି ଅଧ୍ୟାପକ ମାନେ କଲେଜ ଗୃପରେ ଛାଡିବାକୁ କହିଥିଲେ କିନ୍ତୁ କୁଳସଚିବ ଛାଡିନଥିଲେ। ତେଣୁ ଆଜି ସେ କଲେଜ ହ୍ୱାଟ୍ସଅପ ଗୃପରେ ଆଜି ଛାଡିବା ପରେ ଅତିଥି ଅଧ୍ୟାପକ ମାନେ ମାନିଥିଲେ। ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ମାତ୍ର ୨୪ ଜଣ ସ୍ଥାୟୀ ଅଧ୍ୟାପକ ଅଧ୍ୟାପିକା ଥିବା ବେଳେ ୭୦ ଜଣ ଅତିଥି ଅଧ୍ୟାପକ ଅଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଙ୍ଗୀକାର ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ

ପୁରୀ, ୨୬/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ ରେ ଅଙ୍ଗୀକାର ଗୃହ ପ୍ରବେଶ ଉତ୍ସବ ଆଜି ଅନୁଷ୍ଠିତ ହୋଇଥିଲା। ଆଜି ଅପରାହ୍ନ ରେ ସଦଭାବନା ସଭାଗୃହ ଠାରେ ପୁରୀ ପୌରପାଳିକା ପକ୍ଷରୁ ପ୍ରଦତ କାର୍ଯ୍ୟାଦେଶ ଆଧାର ରେ ନିର୍ମାଣ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ମାଧ୍ୟମରେ ୧୦ ଜଣ ହିତାଧିକାରୀଙ୍କୁ ଗୃହ ପ୍ରବେଶ ପାଇଁ ଚାବି କାଠି ହସ୍ତାନ୍ତର କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗ ଦେଇ ନିଜର ଘରଟିଏ ସମସ୍ତଙ୍କ ସ୍ୱପ୍ନ ଥାଏ। ଏଥିରେ ସରକାର ସହଯୋଗ କରୁଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀରେ କାର୍ଯ୍ୟାଦେଶ ପାଉଥିବା ହିତାଧିକାରୀ ମାନେ ନିଷ୍ଠା ଓ ପରିଶ୍ରମ ର ସହ ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବାକୁ ଆହ୍ୱାନ ଦେଇଥିଲେ। ଯେଉଁ ମାନେ ଗୃହ ପ୍ରବେଶ କରୁଛନ୍ତି ସେମାନେ ତାହାର ଯତ୍ନ ନେବା ସହ ସ୍ୱଚ୍ଛ ରଖିବାକୁ ଶ୍ରୀ ମହାନ୍ତି ପରାମର୍ଶ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏଥିରେ ଅଧକ୍ଷତା କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ର ରୂପରେଖ ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ମାନେ ନିର୍ଦ୍ଧାରିତ ସମୟ ରେ ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ କରି ପ୍ରୋତ୍ସାହନ ରାଶି ହାସଲ ପାଇଁ ଲକ୍ଷ୍ୟ ରଖିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମ ରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ଉପସ୍ଥିତ ଥିଲେ। ଗୋଷ୍ଠୀ ସଂଗଠକ ରେଶମା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥି ମାନେ ୱାର୍ଡ ନମ୍ବର ୧ ର ଗୋବିନ୍ଦ ଜେନା,୧୮ନମ୍ବର ୱାର୍ଡ ର କଲ୍ୟାଣୀ ମୈତ୍ର,୨୫ ନମ୍ବର ୱାର୍ଡ ର ଚନ୍ଦନ ନାୟକ ଓ ରଶ୍ମିବାଳା ନାୟକ,୨୬ ନମ୍ବର ୱାର୍ଡ ର ଆର ଶ୍ରିନୁ ସେଠୀ, ଭଗବତୀ ବେହେରା, ୟୁ ରମେଶ, ୟୁ ଲକ୍ଷ୍ମୀ, ବି ଜଗନ୍ନାଥ ରେଡ୍ଡୀ ଓ ଲକ୍ଷ୍ମୀ ମାଳୀ ଙ୍କୁ ଗୃହ ଗୁଡିକ ପୂର୍ଣ୍ଣାଙ୍ଗ କରି ସାରିଥିବାରୁ ଗୃହ ପ୍ରବେଶର ଚାବିକାଠି ହସ୍ତାନ୍ତର କରିଥିଲେ। ଶେଷରେ ସାବିତ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ : ସଫଳ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ

କନ୍ଧମାଳ , ୨୬/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲାପାଳ, ବେଦଭୂଷଣଙ୍କ ସଭାପତିତ୍ୱରେ ଆଜି ଦୁର୍ନୀତି ନିବାରଣ ସପ୍ତାହ-୨୦୨୫ର ସଫଳ ଆୟୋଜନ ପାଇଁ ଗୁଗୁଲ୍ ମିଟ୍ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ଆଗାମୀ ୨୭ ଅକ୍ଟୋବର ଠାରୁ ୨ ନଭେମ୍ବର ୨୦୨୫ ପଯ୍ୟନ୍ତ ହେବାକୁଥିବା ଏହି ସପ୍ତାହ ଅବସରରେ ଆୟୋଜିତ ହେବାକୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଯେପରି ସୁରୁଖୁରୁରେ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ ଏବଂ ସାଧାରଣ ଜନତାଙ୍କୁ କିପରି ଭାବରେ ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି ସହ ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ କରାଯିବ ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ୨୭ ଅକ୍ଟୋବର (ସୋମବାର) ଦିନ ଜିଲ୍ଲାର ସମସ୍ତ ବ୍ଲକରେ ସରକାରୀ/ ବେସରକାରୀ ଅନୁଷ୍ଠାନ ଏବଂ ନାଗରିକମାନଙ୍କ ଦ୍ୱାରା ସାଧୁତାର ଶପଥ ପାଠ କରାଯିବ ଏବଂ ୩୧ ଅକ୍ଟୋବର ଦିନ ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ନିଷ୍ପତି ନିଆଯାଇଛି। ଏହି ବୈଠକକୁ ଜିଲ୍ଲା ସାଂସ୍କୃତିକ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ- ତଥା- ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଶ୍ରୀ ଗଦାଧର ପାତ୍ର ପରିଚାଳନା କରିଥିଲେ।

# ସାଂସ୍କୃତିକ ଚେତନା ସହ ବାଣିଜ୍ୟିକ ପରମ୍ପରା ଭଦ୍ରକ କାଳୀପୂଜାର ମୁଖ୍ୟ ଆକର୍ଷଣ

ଭଦ୍ରକ, ୨୬/୧୦ (ନି.ପ୍ର): ଭଦ୍ରକର ସାଂସ୍କୃତିକ ପରମ୍ପରା ରେ କାଳୀପୂଜା ଏକ ବିଶିଷ୍ଟ ଅଙ୍ଗ। ପ୍ରାୟ ଶତାଧିକ ତଳୁ ଏହି କାଳୀପୂଜା ଭଦ୍ରକ ତଥା ଆଖପାଖ ଜିଲ୍ଲାର ଲୋକଙ୍କ ଏକ ଆକର୍ଷଣୀୟ ପର୍ବର ମାନ୍ୟତା ପାଇ ଆସିଛି। ଦୀପାବଳି ଅମାବାସ୍ୟା ଠାରୁ ୭/୯ଦିନ ପର୍ଯ୍ୟନ୍ତ ଚରମ୍ପା ଅଂଚଳରେ ଏହି ସାଂସ୍କୃତିକ ସମାରୋହରେ ନାଂହି ନଥିବା ଭିଡ଼ ଲାଗି ରହେ। ଅମାବାସ୍ୟାର ଦୁଇଦିନ ପରେ ଭକ୍ତଙ୍କ ଭିଡ଼ ଲାଗିରହେ। ବିଶେଷ କରି ସନ୍ଧ୍ୟା ପର ଠାରୁ ଅର୍ଦ୍ଧରାତି ଜାଂଏ ଜନଗହଳି ନିଅନ୍ତ୍ରଣ ବାହାରକୁ ଚାଲିଯାଏ। ତେବେ ଓଡିଶା ପ୍ରସିଦ୍ଧ ଏହି କାଳୀପୂଜା ର ସମାରୋହ ଟି ମୁଖ୍ୟତଃ ଏକ ବିପଣୀ ର ମେଳା। ଭଦ୍ରକ ରେଳଷ୍ଟେସନ ନିକଟରେ ଏହି ଉତ୍ସବ ଟି ପାଳିତ ହେଉଥିବାରୁ ରେଳପଥରେ ସୁବିଧାରେ ରାଜ୍ୟ ଓ ରାଜ୍ୟ ବାହାରୁ ବ୍ୟବସାୟୀ ମାନେ ଏହି ମେଳାରେ ନିଜର ବିପଣୀ ଖୋଲନ୍ତି। ପଶ୍ଚିମବଙ୍ଗ, ଝାରଖଣ୍ଡ ବିହାର ଅଂଚଳର କେତକ ବ୍ୟବସାୟୀ ବଂସାନୁକ୍ରମିକ ଭାବେ ଏକ ନିର୍ଦ୍ଦିଷ୍ଟ ବ୍ୟବସାୟ ନେଇ ଆସିଥାନ୍ତି। କାଳୀପୂଜାରେ ଦିଅଁ ଦେଖା ହୁଏ କିଣାବିକା ବି ହୁଏ। ସାଂସ୍କୃତିକ ଚେତନା ସହ ବାଣିଜ୍ୟକ ପରମ୍ପରା ଏହି ମେଳା ସହ ଜଡିତ। ବିଶେଷକରି ବିଭିନ୍ନ ପ୍ରକାର ଘରକରଣା ଜିନିଷ ଏହି ଯାତ୍ରାର ମୁଖ୍ୟ ଆକର୍ଷଣ। ସମୟ ଥିଲା ଯେଉଁ ଦୁଷ୍ପାପ୍ୟ ଭଦ୍ରକରେ ମିଳୁନଥିଲା ତାହା ଲୋକମାନେ ଏହି ଯାତ୍ରାରୁ କିଣି ନେଉଥିଲେ। ଘରକରଣା ଠାରୁ ଆରମ୍ଭକରି ବିବାହ ବ୍ରତ ପର୍ଯ୍ୟନ୍ତ ଆବଶକ୍ୟୟ ସମସ୍ତ ଜିନିଷ ଏହି ଯାତ୍ରାରୁ କିଣା ଯାଉଥିଲା। ଶିଳ ଶିଳପୁଆ, ପେଣା, ପନିକି, ଦା କତା, କରେଇ ଖଡ଼ିକା ଭଳି ଲୁହା ଲକଡ଼ ସହ ଠାକୁରଙ୍କ ଘଂଟି ଘଂଟା ନୋଟା ଆଦି ପିତଳ ର ପୂଜା ଉପକରଣ ଓ କଂସା ବାସନ, ଶଙ୍ଖ ପଥର ତିଆରି ସାମଗ୍ରୀ ଏହି ମେଳା ରୁ ସହଜରେ ମିଳେ। ଏହାଛଡା ମହିଳା ମାନଙ୍କ ପାଇଁ ମନୋହାରୀ ସାମଗ୍ରୀ ର ଏକ କାଳୀନ ଲମ୍ବାଧାଡି ମେଳାକୁ ବେଶ ଆକର୍ଷିତ କରିଥାଏ। ଗୋଟିଏ ଜାଗାରୁ ଏତେ ଗୁଡ଼ାଏ ଜିନଷ ଏକ ସାଙ୍ଗରେ କିଣିବାରେ ଗ୍ରାହକ ଆଗ୍ରହ ମାନେ ଖୁସି ହେଇଥାନ୍ତି। ଏହି କାଳୀପୂଜାର ମାହୋଲକୁ ରଂଗାରଙ୍ଗ କରିଥାଏ ଶିଶୁ ଓ କିଶୋରମାନଙ୍କ ମନୋରଂଜନ ପାଇଁ ଚିଡିଆଖାନା, ଛୋଟ ଛୋଟ ସର୍କସ, ରାମଦୋଳି, ଯାଦୁ, ଉଡାଜାହାଜ, ପାଣିଜାହାଜ, ଘୋଡା ଗାଡି ଭିନ୍ନ ଭିନ୍ନ ଅତ୍ୟାଧୁନିକ ଖେଳ କସରତ। ପୁଣି ଏହି ମେଳାରେ ମିଳୁଥିବା ଭିନ୍ନ ରୁଚିର ଫାଷ୍ଟଫୁଡ୍ ସହ କଟକ ଠୁଙ୍କା ପୁରୀ, ଆଲୁଦମ୍ ଚାର୍ଟ ଅନ୍ୟ ଏକ ଆକର୍ଷଣ। ସମୟ ବଦଳିଛି। ଗମନାଗମନ ର ସୁଭିଦା ପରେ ଏବେ କିନ୍ତୁ ଏସବୁ ବେପାର ମାନ୍ଦା ହୋଇପଡିଛି। ଭଦ୍ରକ ସହର ସମେତ ଜିଲ୍ଲାର ଛୋଟ ବଡ଼ ସହରାଂଚଳରେ ଏବେ ସବୁ ଜିନିଷ ମିଳୁଥିବାରୁ କାଳୀପୁଜାରେ ଏହି ପାରମ୍ପରିକ ଜିନିଷର ଚାହିଦା କମିଯାଇଛି ବୋଲି କୁହନ୍ତି ଭଦ୍ରକ ବାଣିଜ୍ୟ ସଙ୍ଘର ପ୍ରମୁଖ ଗୌରାଙ୍ଗ ପଣ୍ଡା। ବିଗତ ବର୍ଷମାନଙ୍କ ଭଳି ଏହି ଦୂର ଦୂରାନ୍ତରୁ ବ୍ୟବସାୟୀମାନେ ଭଦ୍ରକ କାଳୀପୂଜାକୁ ଆସିଛନ୍ତି। ଏହି କାଳୀପୂଜାରେ ବିପଣୀ ଖୋଲିଥିବା କଲିକତା ଦୀଘା ଅଂଚଳର ବ୍ୟବସାୟୀ ଜୟନ୍ତ ଦତ, ଅନୁପ ନନ୍ଦୀ କହନ୍ତି ପ୍ରାୟ ୨୦ ବର୍ଷରୁ ଉର୍ଦ୍ଧ୍ୱ ଶଙ୍ଖ ବ୍ୟବସାୟ ଏହି କାଳୀପୂଜାରେ ଶଙ୍ଖ ଓ ଶାମୁକାରେ ନିର୍ମିତ ଲକେଟ୍, ଅଙ୍ଗୁଠି, କାନଫୁଲ ଓ ଅନ୍ୟାନ୍ୟ ଘର ସାଜସଜ୍ଜା ସାମଗ୍ରୀ ନେଇ ଆସିଛି।

# ବିଜେପି ରାଜ୍ୟର ଆଦିବାସୀ,ଅନୁସୂଚିତ ଜାତି ବିରୋଧି : କଂଗ୍ରେସ

ଭୁବନେଶ୍ୱର, ୨୬/୧୦ (ନି.ପ୍ର): ରାଜ୍ୟରେ ବିଜେପି ସରକାର ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ହେଲେ ଏପରିକି ମହାମହୀମ ରାଷ୍ଟ୍ରପତି ମହୋଦୟା ମଧ୍ୟ ଓଡ଼ିଶାରୁ ଏବଂ ଏହି ଜନଜାତି ବର୍ଗର କିନ୍ତୁ ରାଜ୍ୟରେ ଏହି ୧୬ ମାସ ମଧ୍ୟରେ ଆଦିବାସୀ ବର୍ଗଙ୍କ ଉପରେ ଅଧିକ ଅତ୍ୟାଚାର ଓ ଆକ୍ରମଣ ବୃଦ୍ଧି ଘଟିବା ସହିତ ଆଦିବାସୀ ଓ ଅନୁସୂଚିତ ଜାତି ବର୍ଗଙ୍କୁ କିଭଳି ମହାତ୍ମା ଗାନ୍ଧୀ ଜାତୀୟ ନିର୍ଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ ମିଳିବ ନାହିଁ ସେଥିପାଇଁ ଏକ ଷଡଯନ୍ତ୍ର କରିଛନ୍ତି ବୋଲି ଆଜି ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ସମସ୍ତ ତଥ୍ୟ ସହ ଏ ସରକାରର ଆଦିବାସୀ ବିରୋଧି ନୀତି ଓ ନିଷ୍ପତ୍ତିର ଖୁଲାସା କରିଛନ୍ତି।

କଂଗ୍ରେସ ଅଭିଯୋଗ କରିଛି ଯେ ନୂଆପଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଆଦିବାସୀ ମାନଙ୍କର ବିକାଶ ପାଇଁ ଏପର୍ଯ୍ୟନ୍ତ ଆଇଟିଡିଏ ଅଫିସଟିଏ ଖୋଲାଯାଇ ପାରିଲା ନାହିଁ। ରାଜ୍ୟ କଂଗ୍ରେସର ପ୍ରତିଶ୍ରୁତି ନୂଆପଡ଼ା ଉପନିର୍ବାଚନ ସରିଲେ ନୂଆପଡ଼ା ଅଞ୍ଚଳରେ ଆଇଟିଡିଏ ଅଫିସ ଖୋଲିବାପାଇଁ କଂଗ୍ରେସ ଦଳ ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବା ସହିତ ସମସ୍ତ ଚାପ ପ୍ରୟୋଗ କରି ଏ କାର୍ଯ୍ୟ କରିବ। ଶ୍ରୀ ମହାନ୍ତି କହିଥିଲେ ଯେ ଓଡ଼ିଶାରେ ବିଜେପି ଦଳ ଓସରକାର ରାଜ୍ୟର ଆଦିବାସୀ ଓ ଅନୁସୂଚିତ ଜାତିବର୍ଗଙ୍କର ଘୋର ବିରୋଧି। ରାଜ୍ୟରେ ୩୧୪ ବ୍ଲକ ଓ ୬୭୯୪ ଗ୍ରାମ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିର୍ଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏ ପର୍ଯ୍ୟନ୍ତ ୬୭ଲକ୍ଷ ୨୪ ହଜାର ଲୋକଙ୍କୁ ଜବକାର୍ଡ ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ମାତ୍ର ୪୪ଲକ୍ଷ ୭୦ ହଜାର ଆକ୍ଟିବ ଜବକାର୍ଡ ଅଟେ। ଏହି ସମସ୍ତ ଜବକାର୍ଡଧାରୀଙ୍କ ମଧ୍ୟରୁ ଆଦିବାସୀ ବର୍ଗର ସଂଖ୍ୟା ୩୭ ପ୍ରତିଶତ ହୋଇଥିଲା ବେଳେ ଅନୁସୂଚିତ ଜାତିବର୍ଗର ଜବକାର୍ଡଧାରୀ ମାତ୍ର ୧୪.୭ ପ୍ରତିଶତ। ରାଜ୍ୟରେ ଲକ୍ଷ ଲକ୍ଷ ଆଦିବାସୀ ଓ ଅନୁସୂଚିତ ଜାତିର ପରିବାର ଗ୍ରାମାଞ୍ଚଳରେ କାମପାଇବା ପରିବର୍ତ୍ତେ ବେରୋଜଗାର ହୋଇ ନିଜ ଅଞ୍ଚଳ ଛାଡ଼ି ଦେଶର ବିଭିନ୍ନ ରାଜ୍ୟକୁ ଦାଦନ ଶ୍ରମିକ ଭାବରେ ଚାଲିଯାଉଛନ୍ତି।

ଏହି ୧୬ ମାସ ଭିତରେ ୧୯ ଜବକାର୍ଡ ଧାରୀ ପରିବାରକୁ ୧୦୦ ଦିନର କାମ ଦିଆଯିବାର ଯେଉଁ ଆଇନ ରହିଛି ତାହାର ଖୋଲା ଉଲ୍ଲଙ୍ଘନ କାହିଁକି ହେଉଛି। ଯଦି ଆଦିବାସୀ ଓ ଅନୁସୂଚିତ ଜାତିବର୍ଗ ସମୁଦାୟ ଜବକାର୍ଡଧାରୀଙ୍କ ଭିତରୁ ୫୨ ପ୍ରତିଶତରୁ ଅଧିକ ତାହାଲେ ଯେତେବେଳେ ମନରେଗାର ଅର୍ଥରାଶିକୁ କମାଇ ଦିଆଯାଉଛି ଏବଂ ୬୩ ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଉ ନାହିଁ ତାହାଲେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଆଦିବାସୀ ଓ ଅନୁସୂଚିତ ଜାତିବର୍ଗ ହେଉଛନ୍ତି କି ନାହିଁ ଏହାର ଉତ୍ତର ରାଜ୍ୟ ସରକାର ରଖନ୍ତୁ। ରାଜ୍ୟ କଂଗ୍ରେସର ଅନ୍ୟତମ ମୁଖପାତ୍ର ଆଡଭୋକେଟ ଜୟଶ୍ରୀ ପାତ୍ର ନୂଆପଡ଼ା ଜିଲ୍ଲାରେ ଆଦିବାସୀ ମାନଙ୍କ ବିକାଶ ପାଇଁ ତୁରନ୍ତ ଆଇଟିଡିଏ ଖୋଲାଯାଉ ର ଦାବି ରଖିବା ସହିତ ରାଜ୍ୟ କଂଗ୍ରେସ ଏ କାର୍ଯ୍ୟକୁ ସଂପୂର୍ଣ୍ଣ କରିବାପାଇଁ ସଭାପତିଙ୍କ ନେତୃତ୍ୱରେ ଦୁର୍ବାର ଆନ୍ଦୋଳନ କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସର ଅନ୍ୟତମ ମୁଖପାତ୍ର ନଳିନୀକାନ୍ତ ନାୟକ ଓ ମିଡିଆ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# କେସିଭିଏମ୍‌ରେ ଖେଳକୁଦ ପ୍ରତିଯୋଗିତା : ଭାଗନେଲେ ୩ ଶହ ଛାତ୍ରଛାତ୍ରୀ

ଭଦ୍ରକ, ୨୬/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ଐତିହାସିକ ଆଗରପଡା କୃଷ୍ଣ ଚରଣ ବିଦ୍ୟାମନ୍ଦିରରେ ଆଜି ୩ ଶହ ଛାତ୍ରଛାତ୍ରୀଙ୍କୁ ନେଇ ୨ ଦିନିଆ ଖେଳ, କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୯ ଟି ଉଚ୍ଚ ବିଦ୍ୟାଳୟ ଓ ୨୦ ଟି ନୋଡାଲ୍ ବିଦ୍ୟାଳୟର ୧୭ ଏବଂ ୧୪ ବର୍ଷରୁ କମ୍ ବାଳକ ବାଳିକା ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଆୟୋଜିତ ଉଦ୍‌ଘାଟନି ଉତ୍ସବକୁ କୃଷ୍ଣଚରଣ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ଶରତ କୁମାର ଜେନା ସଭାପତିତ୍ୱ କରିଥିଲେ। ଏଥିରେ ଆଗରପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତରଞ୍ଜନ ମହାନ୍ତି, ବନ୍ତ ଜୋନ୍ କ୍ରୀଡା ସମ୍ପାଦକ ମନୋଜ ଶଙ୍ଖୁଆ ଅତିଥି ଭାବେ ଯୋଗଦେଇ ଖେଳ,କୁଦ ପ୍ରତିଯୋଗିତା ମାଧ୍ୟମରେ ବ୍ଲକର ଗୌରବ ବୃଦ୍ଧି କରିବା ସହ ଭବିଷ୍ୟତରେ ଦୂତି ଚାନ୍ଦ ଓ ନିରୋଜ ଚୋପ୍ରାଙ୍କ ଭଳି ହୋଇ ଦେଶ ତଥା ରାଜ୍ୟର ଗୌରବ ବୃଦ୍ଧି ନେଇ ମତ ରଖିଥିଲେ। ଶିକ୍ଷକ ରତିକାନ୍ତ ପଣ୍ଡା ଅତିଥି ପରିଚୟ ଓ ଜଗନ୍ନାଥ ଦ୍ୱିବେଦୀ ବେଦପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ଶିକ୍ଷକ ଧିରେନ୍ଦ୍ର ଷଡଙ୍ଗୀ,ଶୁଭଦ କୁମାର ପାତ୍ର, ଉପମନ୍ୟୁ ଖୁଟିଂଆ, ବିରଭଦ୍ର ପଣ୍ଡା, ବଳଭଦ୍ର କିଙ୍କର ଜେନା,ଯଶୋବନ୍ତ ସିଂହ, ସେକ୍ ଆଜାରୁଦ୍ଦିନ୍,ଜନ୍ମଜୟ ନାୟକ, ନିରଞ୍ଜନ ଜେନା, ସୋମନାଥ ମହାନ୍ତି, ଗଙ୍ଗାଧର ରାଉତ, ଡଳିରାଣୀ ଦାସ, ସଙ୍ଗିତା ବେହେରା, ବିଦ୍ୟୁତ୍ ଲତା ଦାସ ପ୍ରମୁଖ କ୍ରୀଡା କାର୍ଯ୍ୟକୁ ସମ୍ପାଦନ କରିଥିଲେ। ସଟ୍ ଫୁଟ୍ ଥ୍ରୋ, ଲଙ୍ଗ ଜମ୍ପ, ହାଇ ଜମ୍ପ, ଡିସ୍କୋସ୍ ଥ୍ରୋ, ଦୌଡ ଆଦି ପ୍ରତିଯୋଗିତା କରାଯାଇଥିଲା। ସେଥିମଧ୍ୟରୁ ଦୌଡକୁଦରେ ୨୦ ଜଣ ଓ କ୍ରିକେଟ୍ ରେ ୧୨ ଜଣ ଜିଲ୍ଲା ସ୍ତରକୁ ମନୋନୀତ ହେବେ। ବିଦ୍ୟାମନ୍ଦିରର ଶିକ୍ଷକ ଅଶୋକ କୁମାର ଖିଲାର, ମିନତୀ ସାହୁ, ପ୍ରଜ୍ଞା ପରମିତା ଦାସ, ରଞ୍ଜିତା ନାୟକ, ମନୋଜ ବେହେରା, ଧନେଶ୍ୱର ଜେନା, ଗୋକୁଳା ନନ୍ଦ ବେହେରା, ତୁରାମ୍ ସିଂ, ସାନ୍ତନୁ ସାହୁ, ସଞ୍ଜୟ କେତନ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜୁଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା




ବସ୍ତା , ୨୬/୧୦ (ନି.ପ୍ର): ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜୁ ଜନତା ଦଳ ପକ୍ଷରୁ ପ୍ରତିବର୍ଷ ଭଳି ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେଉଥିବା ଜନ ସମ୍ପର୍କ ପଦଯାତ୍ରା ଚଳିତ ବର୍ଷ ସମଗ୍ର ରାଜ୍ୟର ପ୍ରତି ନିର୍ବାଚନ ମଣ୍ଡଳୀରେ ଗତ ଅକ୍ଟୋବର ୯ରୁ ଆରମ୍ଭ ହୋଇ ନଭେମ୍ବର ୯ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ବସ୍ତା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ରବିବାର ଦିନ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଜନ ସମ୍ପର୍କ ପଦଯାତ୍ରା ପ୍ରଥମେ ଦରଡା ଛକଠାରୁ ବାହାରି ଏକ ବିଶାଳ ଶୋଭାଯାତ୍ରାରେ ଚାଲି ଚାଲି ମୁକୁଳିଶି ଚନ୍ଦନ ପଡିଆ ଠାରେ ପହଞ୍ଚିଥିଲା। ସେଠାରେ ବସ୍ତା ବ୍ଲକ ବିଜେଡ଼ି ସଭାପତି ଅନିଲ କୁମାର ମହାନ୍ତିଙ୍କ ସଭାପତିତ୍ୱ ରେ ଏକ ସଭା ଅନୁଷ୍ଠିତ ହେଇଥିଲା । ଏଥିରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଗତ ନିର୍ବାଚନରେ ତାଙ୍କ ପ୍ରତି ଆଶୀର୍ବାଦ କରିଥିବା ବସ୍ତା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ଏବଂ ଦଳୀୟ କର୍ମୀ ମାନଙ୍କୁ ସାଧୁବାଦ୍ ଦେବା ସହିତ ଜୀବନର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ବସ୍ତା ଜନସାଧାରଣଙ୍କ ସେବା ଜାରୀ ରଖିବି ବୋଲି କହିଥିଲେ। ଏଥି ସହିତ ନିଜ ଅଞ୍ଚଳର ସାଧାରଣ ଲୋକଟିଏ ଯେପରି ନ୍ୟାୟ ପାଇପାରିବ ସେଥିପାଇଁ ଲଢ଼ାଇ ଜାରୀ ରଖିବାର ବଜ୍ର ଶପଥ ନେବାକୁ ବା ପଣ କରିବାକୁ ସମସ୍ତ କର୍ମୀ ମାନଙ୍କୁ ଆହ୍ୱାନ କରିଥିଲେ। ସେହିପରି ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଉପସ୍ଥିତ ସମସ୍ତ ନେତୃ ମଣ୍ଡଳୀ ଏବଂ କର୍ମୀ ମାନଙ୍କୁ ଆହ୍ୱାନ କରି କହିଥିଲେ ଆସନ୍ତୁ, ଆଜିର ଦିନରେ ସମସ୍ତେ ସଂକଳ୍ପ ନେବା ଓ ସମସ୍ତେ ମିଳିମିଶି କାମକରିବା ଏବଂ ନବୀନ ବାବୁଙ୍କ ନେତୃତ୍ୱରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଉଭୟ ବସ୍ତା ଓ ବାଲିଆପାଳ ପଞ୍ଚାୟତ ସମିତି ଏବଂ ତତ୍ ସହିତ ନୂତନ ଭାବେ ଘୋଷଣା ହୋଇଥିବା ବସ୍ତା ଏନ.ଏ.ସି. କୁ ବିଜୁ ଜନତା ଦଳ କିପରି ଦଖଲ କରିବ ସେଥିପ୍ରତି ଚେଷ୍ଟିତ ହେବା। ଆଜିର ଏହି କାର୍ଯ୍ୟକ୍ରମରେ ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ବିଜେଡ଼ି ବରିଷ୍ଠ ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ସଭାପତି ଗଣେଶ ମହାପାତ୍ର, ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ପରିଡ଼ା, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ନିଶାକର ସେଠୀ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ଦାସ, ପ୍ରଦୀପ ବିଶ୍ୱାଳ, ସୁବ୍ରତ ପଣ୍ଡା, ଅଜୟ ସାମଲ, ମହେଶ୍ୱର ଜେନା, ମହାଦେବ ଦାସ, ଶରତ ପ୍ରଧାନ, ଭଗବାନ ଗିରି, ଦେବ କୁମାର ଦେ, ଅଞ୍ଜନ ଦଣ୍ଡପାଟ, ଦେବୀ ପ୍ରସାଦ ଭଞ୍ଜ, ବ୍ଲକ ମହିଳା ବିଜେଡ଼ି ସଭାପତି ଲିପିକା ରାଉଳ, ମହିଳା ବିଜେଡି ନେତ୍ରୀ ଦିପେନ୍ଦୁବାଳା ବିଶ୍ୱାଳଙ୍କ ପ୍ରମୁଖ ଯୋଗଦେଇ ଦେଢ଼ ବର୍ଷର ବିଜେପି ସରକାର ବିଫଳତା ବିରୋଧରେ ବର୍ଷୀ ଥିଲେ। ଆଜିର କାର୍ଯ୍ୟକ୍ରମରେ ବହୁ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ଯୁବ ଛାତ୍ର ଓ ମହିଳା ବିଜେଡ଼ିର କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ସର୍ବଶେଷରେ ବିଜେଡ଼ି ନେତା ରଞ୍ଜନ କୁମାର ଧଳ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଭାରତ ଓ ଆସିଆନ୍ ...

ଆମର ଦୃଢ଼ ସହଭାଗୀତା ବିଶ୍ୱ ସ୍ଥିରତା ଏବଂ ବିକାଶ ପାଇଁ ଏକ ଦୃଢ଼ ଭିତ୍ତିଭୂମି ଭାବରେ ଉଭା ହେଉଛି। ଏହି ବର୍ଷର ଆସିଆନ୍ ଶିଖର ସମ୍ମିଳନୀର ବିଷୟବସ୍ତୁ ଅନ୍ତର୍ଭୁକ୍ତି ଏବଂ ସ୍ଥିରତା। ଏହି ବିଷୟବସ୍ତୁ ଆମର ମିଳିତ ପ୍ରୟାସରେ ସ୍ପଷ୍ଟ, ତାହା ଡିଜିଟାଲ୍ ଅନ୍ତର୍ଭୁକ୍ତି ହେଉ କିମ୍ବା ବର୍ତ୍ତମାନର ବିଶ୍ୱ ଚ୍ୟାଲେଞ୍ଜ ମଧ୍ୟରେ ଖାଦ୍ୟ ସୁରକ୍ଷା ଏବଂ ସ୍ଥିର ଯୋଗାଣ ଶୃଙ୍ଖଳା ସୁନିଶ୍ଚିତ କରିବା ହେଉ।

## ଭାରତର 'ତ୍ରିଶୂଳ' ପାଇଁ ...

ଏବେ ଭାରତର 'ତ୍ରିଶୂଳ' ପୂର୍ବରୁ ଭୟରେ ଥରୁଛି ପାକ୍, ତେବେ ଇସଲାମାବାଦ କଟକଣା ପଛର କାରଣ କହିନାହିଁ, କିନ୍ତୁ ପ୍ରତିରକ୍ଷା ବିଶେଷଜ୍ଞଙ୍କ କହିବା ଅନୁସାରେ, ଏହି ପଦକ୍ଷେପ କେ ?ଣସି ସାମରିକ ଅଭ୍ୟାସ କିମ୍ବା ହତିଆର ପରୀକ୍ଷଣ ସହ ଜଡିତ ହୋଇପାରେ ।

## ୪ ଲକ୍ଷ ଟଙ୍କାର ନକଲି ...

ଏସ୍‌ପି ନାରାୟଣ ନାୟକ କହିଛନ୍ତି, ନକଲି ଟଙ୍କା କାରବାର ନେଇ ଗତକାଲି ଆମ ପାଖକୁ ଏକ ବିଶେଷ ସୂଚନା ଆସିଥିଲା। ଜେରା ବେଳେ ଅଭିଯୁକ୍ତମାନେ କହିଥିଲେ ଯେ ସେମାନେ ଦେଢ଼ ମାସ ତଳେ ବରଗଡ଼ ଜିଲ୍ଲାର ଜଣେ ବ୍ୟକ୍ତିଙ୍କଠାରୁ ଏହି ନକଲି ନୋଟ୍ କିଣିଥିଲେ। ସେମାନେ ପ୍ରାୟ ୧ ଲକ୍ଷ ଟଙ୍କା ଦେଇ ୬ ଲକ୍ଷ ଟଙ୍କାର ନକଲି ନୋଟ୍ କିଣିଥିଲେ। ଏବେ ସେମାନଙ୍କଠାରୁ ୪ ଲକ୍ଷ ୧୫ ଶହ ଟଙ୍କାର ନକଲି ନୋଟ୍ ଜବତ କରାଯାଇଥିବା ବେଳେ ବାକି ୧ ଲକ୍ଷ ୯୮ ହଜାର ୫୦୦ ଟଙ୍କାର ନକଲି ନୋଟ୍ ମିଳିନାହିଁ। ଏହି ସୂଚନା ଆଧାରରେ ବିନିକା ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଅଭିଯୁକ୍ତଙ୍କ ମୋବାଇଲ ଫୋନ୍ ନମ୍ବର ଆମକୁ ମିଳିଥିଲା। ସେମାନଙ୍କ ମୋବାଇଲ ଫୋନ୍‌କୁ ଟ୍ରାକ୍ କରି ସେମାନଙ୍କ ଉପସ୍ଥିତି ଜାଣିବାକୁ ସକ୍ଷମ ହୋଇଥିଲା ତଦନ୍ତକାରୀ ଟିମ୍। ଏହା ପରେ ସେମାନେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ। ସେମାନଙ୍କୁ ଯାଞ୍ଚ କରାଯିବା ସହିତ ସେମାନଙ୍କ ଘରେ ଖୋଜାଖୋଜି କଲା ବେଳେ ନକଲି ନୋଟ୍ ଜବତ କରାଯାଇଥିଲା। ଏସ୍‌ପି କହିଛନ୍ତି, ୩ ଅଭିଯୁକ୍ତଙ୍କ ପାଖରୁ ୪ ଲକ୍ଷ ୧୫ ଶହ ଟଙ୍କାର ନକଲି ନୋଟ୍ ଜବତ କରାଯାଇଥିଲା। ଜେରା ବେଳେ ଅଭିଯୁକ୍ତମାନେ କହିଥିଲେ ଯେ ସେମାନେ ଦେଢ଼ ମାସ ତଳେ ବରଗଡ଼ ଜିଲ୍ଲାର ଜଣେ ବ୍ୟକ୍ତିଙ୍କଠାରୁ ଏହି ନକଲି ନୋଟ୍ କିଣିଥିଲେ। ସେମାନେ ପ୍ରାୟ ୧ ଲକ୍ଷ ଟଙ୍କା ଦେଇ ୬ ଲକ୍ଷ ଟଙ୍କାର ନକଲି ନୋଟ୍ କିଣିଥିଲେ। ଏବେ ସେମାନଙ୍କଠାରୁ ୪ ଲକ୍ଷ ୧୫ ଶହ ଟଙ୍କାର ନକଲି ନୋଟ୍ ଜବତ କରାଯାଇଥିବା ବେଳେ ବାକି ୧ ଲକ୍ଷ ୯୮ ହଜାର ୫୦୦ ଟଙ୍କାର ନକଲି ନୋଟ୍ ମିଳିନାହିଁ। ଆମେ ଭାବୁଛୁ, ସେମାନେ ଗତ ମାସେ ଭିତରେ ବିଭିନ୍ନ ଲୋକଙ୍କୁ ସେହି ନକଲି ନୋଟ୍ ଦେଇ ଦେଇଛନ୍ତି। ବରଗଡ଼ରୁ ଯେଉଁ ବ୍ୟକ୍ତିଙ୍କଠାରୁ ଏହି ଅଭିଯୁକ୍ତମାନେ ନକଲି ନୋଟ୍ କିଣିଥିଲେ, ତାଙ୍କ ବିଷୟରେ ସେମାନେ ବେଶୀ କିଛି ସୂଚନା ଦେଇ ନାହାନ୍ତି। ପୁଲିସ ଏ ଦିଗରେ ତଦନ୍ତ କରି ଏହି ନକଲି ନୋଟ୍ କାରବାରର ମୂଳରେ ପହଞ୍ଚିବାକୁ ଓ ବରଗଡ଼ର ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିବାକୁ ପ୍ରୟାସ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ନାୟକ କହିଛନ୍ତି।

## ଛତିଶଗଡ଼ରେ ଆତ୍ମସମର୍ପଣ ...

ଆତ୍ମସମର୍ପଣ କରିବା ସମୟରେ ଏହି କ୍ୟାଡର ନକ୍ସଲମାନେ ୧୮ଟି ଅସ୍ତ୍ରଶସ୍ତ୍ର ପୁଲିସକୁ ହସ୍ତାନ୍ତର କରିଛନ୍ତି। ଏହି ନକ୍ସଲଙ୍କ ମଧ୍ୟରେ ଜଣେ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ। ତାଙ୍କ ନାଁ ରୂପେଶ ଓରଫ ସତୀଶ। ଏକ ରିପୋର୍ଟ ଅନୁଯାୟୀ, ୨୦୨୫ରେ ବର୍ତ୍ତମାନ ସୁଦ୍ଧା ଛତିଶଗଡ଼ରେ ୧୨ ଶହରୁ ଅଧିକ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସେହି ଅସ୍ତ୍ରଶସ୍ତ୍ର ମଧ୍ୟରେ ଅଛି ୩ଟି ଏକେ-୪୭ ରାଇଫଲ, ୪ଟି ଏସ୍‌ଏଲଆର, ଦୁଇଟି ଇନ୍‌ସାସ୍ ରାଇଫଲ, ୬ଟି .୩୦୩ ରାଇଫଲ, ଦୁଇଟି ସିଙ୍ଗଲ-ଶଟ୍ ରାଇଫଲ ଓ ଗୋଟିଏ ବ୍ୟାରେଲ ଗ୍ରେନେଡ୍ ଲଞ୍ଚର । ବସ୍ତର ରେଞ୍ଜ ଆଇଜି ପି. ସୁନ୍ଦରରାଜ କହିଛନ୍ତି, ହିଂସା ନିରର୍ଥକ ବୋଲି ବୁଝିବା ପରେ ଏହି କ୍ୟାଡର ନକ୍ସଲମାନେ ସମାଜର ମୁଖ୍ୟସ୍ରୋତକୁ ଫେରି ନୂଆ ଜୀବନ ବଞ୍ଚିବାକୁ ନିଷ୍ପତ୍ତି ନେଇଛନ୍ତି। ସମାଜର ଧାରା ସହିତ ସେମାନେ କିପରି ସହଜରେ ଜଡ଼ିତ ହୋଇପାରିବେ, ସେ ନେଇ ବସ୍ତର ପୁଲିସ ତା'ର ଦାୟିତ୍ୱ ନିର୍ବାହ କରିବ। ଗତ ୧୭ ତାରିଖରେ ରାଜ୍ୟରେ ୨୧୦ ଜଣ ନକ୍ସଲ ଆତ୍ମସମର୍ପଣ କରିଥିଲେ। ଏହି ନକ୍ସଲଙ୍କ ମଧ୍ୟରେ ଜଣେ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ। ତାଙ୍କ ନାଁ ରୂପେଶ ଓରଫ ସତୀଶ। ଏକ ରିପୋର୍ଟ ଅନୁଯାୟୀ, ୨୦୨୫ରେ ବର୍ତ୍ତମାନ ସୁଦ୍ଧା ଛତିଶଗଡ଼ରେ ୧୨ ଶହରୁ ଅଧିକ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ୨୦୨୪ରେ ରାଜ୍ୟରେ ୮୮୧ ଜଣ ନକ୍ସଲ ଆତ୍ମସମର୍ପଣ କରିଥିବା ବେଳେ ୨୦୨୩ରେ ୪୧୪, ୨୦୨୨ରେ ୪୧୭ ଓ ୨୦୨୧ରେ ୫୪୪ ଜଣ ନକ୍ସଲ ଆତ୍ମସମର୍ପଣ କରିଥିଲେ। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବାକୁ କେନ୍ଦ୍ର ସରକାର ସଂକଳ୍ପ ନେଇଛନ୍ତି।

## କ୍ଷମତାକୁ ଆସିଲେ...

ଶନିବାର (୨୫ ଅକ୍ଟୋବର), ଆରଜେଡି ଏମ୍‌ଏଲସି ମହମ୍ମଦ କାରୀ ସୋହେବ ଏହା କହି ବିବାଦ ସୃଷ୍ଟି କରିଛନ୍ତି ଯେ ଯଦି ତେଜସ୍ୱୀ ଯାଦବ ବିହାରର ମୁଖ୍ୟମନ୍ତ୍ରୀ ହୁଅନ୍ତି, ତେବେ ଓ୍ୱାକଫ୍ ବିଲ୍ ସମେତ ସମସ୍ତ ବିଲ୍ ଚିରି ଦିଆଯିବ। ଯାହାକୁ ନେଇ ବିଜେପି ପ୍ରଶ୍ନ କରିଥିଲା ଯେ ଜଣେ ରାଜ୍ୟ ମୁଖ୍ୟମନ୍ତ୍ରୀ କିପରି ଏକ କେନ୍ଦ୍ରୀୟ ଆଇନକୁ ପରିବର୍ତ୍ତନ କରିପାରିବେ।

## ଜେଲ୍ ସୁରକ୍ଷାକୁ ନେଇ ...

ଭିତରକୁ ଯିବା ପାଇଁ ଯାଞ୍ଚ ହେଉଥିଲା ବେଳେ ବାହାରକୁ ଆସିବା ବେଳେ ଯାଞ୍ଚ ହେଉନଥିବା ଅନେକ ସମୟରେ ଦେଖିବାକୁ ମିଳୁଛି । ଜିଲ୍ଲାପାଳ ଓ ଏସ୍‌ପିମାନେ ଅଚାନକ ଜେଲ୍ ପରିଦର୍ଶନରେ ଯିବାକୁ ଜେଲ୍ ଡିଜି ନିର୍ଦ୍ଦେଶ ଦେଇଛନ୍ତି । ତେବେ ବ୍ରହ୍ମପୁର ସର୍କଲ୍ ଜେଲ୍ ସୁରକ୍ଷାକୁ ନେଇ କି ପଦକ୍ଷେପ ନିଆଯାଉଛି ତାହା ଦେଖିବାର କଥା ।

# ଜିଲ୍ଲାସ୍ତରୀୟ ରଗ୍‌ବୀ ଫୁଟବଲ ପ୍ରତିଯୋଗିତା



ବାରିପଦା, ୨୬/୧୦ (ନି.ପ୍ର): ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳ ପଡିଆରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ବାଳିକା ବିଭାଗର ରଗବୀ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସୌମ୍ୟ ଦାଶଙ୍କ ପୌରହିତରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଯୋଗ ଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ସିଂହ, ଓଷ୍ଟା ଶିକ୍ଷକ ସଙ୍ଘର ସଭାପତି ଚିତ୍ତରଞ୍ଜନ ପଳତା ଯୋଗ ଦେଇଥିବା ବେଳେ, ବିଚାରକ ଭାବେ ଦିବ୍ୟରଞ୍ଜନ ଦାସ, କ୍ରିଷ୍ଣା ଟୁଡୁ, ରାଇମୋହନ ନାଏକ, ପ୍ରକାଶ ଚନ୍ଦ୍ର ସୋଏ, ମାଲିନ ସୋଏ, ବୁକାଏ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ, ପ୍ରଦୀପ ଚୌଧୁରୀ ଯୋଗ ଦେଇଥିଲେ. ଜିଲ୍ଲା ସ୍ତରରୁ ଚୟନ ହୋଇଥିବା ୪୮ ଜଣ କ୍ରୀଡାବିତ ଭୂବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ରଗବୀ ଫୁଟବଲ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ। ୧୭ ବର୍ଷରୁ କମ ବାଳକ ବିଭାଗରେ ଶ୍ରୀକାନ୍ତ ସିଂ, କାଶୀନାଥ ଟୁଡୁ, ଦଶରଥ ମାଝୀ, ରାମଚନ୍ଦ୍ର ହେମ୍ବ୍ରମ, ବାଦଲ ନାୟକ, ରାମଚନ୍ଦ୍ର ହେମ୍ବ୍ରମ, ହୃଦାନନ୍ଦ ସିଂ, ଶରତ ଦେହୁରୀ, ସୁକୁଲ ବାସ୍କେ, ଯଦୁ ଗୋଡ଼ସାରା, ଫାଗୁ ମୁର୍ମୁ, ରହିଦାସ ସିଂ ସ୍ଥାନ ପାଇଥିବାବେଳେ ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ, ସୁଦସ୍ମା କ୍ରିଷ୍ଣା ନାଏକ, ଦୁଲାରୀ ହାଁସଦା, ଜୟନ୍ତୀ ବାସ୍କେ, ଶୁଭଦ୍ରା ସୋରେନ, ସାଲଗେ ମୁର୍ମୁ, ସବିତା ସୋରେନ, ପାଏଲ ହାଁସଦା, ସନ୍ଧ୍ୟା ସୋରେନ, ସୀତା ମାରାଣ୍ଡି, ସୁଲେନା ହେମ୍ବ୍ରମ ଓ ପଦ୍ମାବତୀ ସିଂ ସ୍ଥାନ ପାଇଛନ୍ତି। ୧୪ ବର୍ଷରୁ କମ ବାଳକ ବିଭାଗରେ ବିକ୍ରମ ଦାଶ, ସୂର୍ଯ୍ୟ ପ୍ରକାଶ ନାଏକ, ବିଜୁ ମାରାଣ୍ଡି, ସିମନ ମୁର୍ମୁ, ବିଷ୍ଣୁପଦ ମହାନ୍ତ, ରାଜେନ ହାଁସଦା, ମୁନା ସିଂ, ବାରିଶା ମାରାଣ୍ଡି, ଶଙ୍ଖଚରଣ ଟୁଡୁ, ସାଇବା ମାରାଣ୍ଡି, ଅତନୁ ପାଣି, ଆନନ୍ଦ କାରୁଆ ଓ ବାଳିକା ବିଭାଗରେ ହୀରା ମୁର୍ମୁ, ସୁଗି ହେମ୍ବ୍ରମ, ମିନାକ୍ଷୀ ଟୁଡୁ, ସଲମା ହେମ୍ବ୍ରମ, ମୀନା ମାରାଣ୍ଡି, ସାବିତ୍ରୀ ମାରାଣ୍ଡି, ବାଲେ ହୋ, ନମିତା ହୋ, ହିସି ମାଝୀ, ଲକ୍ଷ୍ମୀ ମାରାଣ୍ଡି, ଡୁଡୁ ମାରାଣ୍ଡି, ରଞ୍ଜିତା ସିଂ ସ୍ଥାନ ପାଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପିଇଟି ଅଭିଷେକ ବେହେରା,ଛାତ୍ର ନିବାସର ଓ୍ୱାର୍ଡେନ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଜରାୟନ୍ ଏବଂ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଓଡ଼ିଶାର ଶ୍ରୀ ଲୋକନାଥ ଷଡ଼ଙ୍ଗୀଙ୍କୁ ୨୦୨୫ ମସିହାର ପାଣିନି ସମ୍ମାନ



ଭୁବନେଶ୍ୱର, ୨୬/୧୦ (ନି.ପ୍ର):ଜେରିଆଟ୍ରିକ କେୟାର ଏଣ୍ଡ ରିସର୍ଚ୍ଚ ଅର୍ଗାନାଇଜେସନ (ଜରାୟନ୍ ଏବଂ ଗବେଷଣା ପ୍ରତିଷ୍ଠାନ, ଜେରିକେୟାର) ତରଫରୁ ୨୦୨୫ ମସିହାର ମର୍ଯ୍ୟାଦା ସମ୍ପନ୍ନ ପାଣିନି ସମ୍ମାନ ଶ୍ରୀ ଲୋକନାଥ ଷଡ଼ଙ୍ଗୀଙ୍କୁ ପ୍ରଦାନ କରାଯାଇଛି । ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଆନ୍ତର୍ଜାତିକ ଦିବସ ପାଳନ ଅବସରରେ, ସାମାଜିକ ସାଂସ୍କୃତିକ ପରିବେଶ ଉନ୍ନତ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଗୁଣୀ ବ୍ୟକ୍ତି ବିଶେଷଙ୍କୁ ଏ ସମ୍ମାନ ପ୍ରଦାନ କରାଯାଏ। ଅକ୍ଟୋବର ୧୨ ତାରିଖରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ଲୋକନାଥ ଷଡ଼ଙ୍ଗୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଯୋଜନା ଏବଂ ସଂଯୋଜନା ବିଭାଗର ପୂର୍ବତନ ନିର୍ଦ୍ଦେଶକ-ତଥା-ସ୍ୱତନ୍ତ୍ର ସାଶନ ସଚିବ ଶ୍ରୀ ଲୋକନାଥ ଷଡ଼ଙ୍ଗୀ ଜଣେ ସୁପରିଚିତ ଦୟାଳୁ ଏବଂ ପରୋପକାରୀ ବ୍ୟକ୍ତି । ଅବସର ପରେ, ସେ ଅନେକ ସାମାଜିକ ପ୍ରୟାସରେ ସକ୍ରିୟ ରହିଛନ୍ତି। ସେ ବିଭିନ୍ନ ଅନୁଷ୍ଠାନରେ ପରାମର୍ଶଦାତା ଭାବରେ ସହଯୋଗ କରୁଛନ୍ତି: ଯେପରିକି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟବାହିନୀର କୃଷି ଏବଂ ଗ୍ରାମୀଣ ବିକାଶ, ଭାରତ ଷ୍ଟାଟିଷ୍ଟିକାଲ ଉନ୍ନତିକରଣ, ଗ୍ରାମୀଣ ଭାରତର ଏନଜିଓମାନଙ୍କର ମହାସଂଘ, ଭିତ୍ତିଭୂମି ବୃତ୍ତିଗତ ଉଦ୍ୟୋଗ, ଓଡ଼ିଶା ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରକଳ୍ପ, ସହାୟିକା, ଆଶ୍ରୟ ଏବଂ ଆହୁରି ଅନେକ । ସେ ବିଭିନ୍ନ ଏନଜିଓ ମାଧ୍ୟମରେ ଅକ୍ଷମ ଏବଂ ବଞ୍ଚିତ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରନ୍ତି । ପାଠ ପଢିବାପାଇଁ ସୁଯୋଗ ପାଇନଥିବା ବୟସ୍କଙ୍କ ପାଇଁ ସେ ଏକ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ସେ ବସ୍ତିରେ ପିଲାମାନଙ୍କୁ ଶିକ୍ଷା ଦିଅନ୍ତି ଏବଂ ଅଟିଜିମ୍ ଥିବା ପିଲାମାନଙ୍କୁ ସାହାଯ୍ୟ ସହଯୋଗ କରନ୍ତି । ଜୀବନର ଅଶୀ ଦଶକରେ ମଧ, ସେ ସମାଜରେ ଅଭାବୀ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଅନେକ ଦାତବ୍ୟ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଜଡିତ ଅଛନ୍ତି। ତାଙ୍କର ଅବସରପ୍ରାପ୍ତ ପୂର୍ବତନ ସହକର୍ମୀଙ୍କ ସାମାଜିକୀକରଣ ପାଇଁ ସେ ପ୍ରାୟ ତିନି ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ ସୁଯୋଗ ସୃଷ୍ଟି କରି ଆସୁଛନ୍ତି । ସମାଜ ପ୍ରତି ତାଙ୍କର ଅବଦାନ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ଓ ପ୍ରେରଣା ପ୍ରଦାନ କରେ । ପୁରସ୍କାର ପ୍ରଦାନ ସମାରୋହ ୧୨ ଅକ୍ଟୋବର ୨୦୨୫ରେ ଭାରତ ଏବଂ ୟୁକେର ଉପସ୍ଥିତ ବ୍ୟକ୍ତିମାନଙ୍କ ସହିତ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପ୍ରଫେସର ନୀଳମାଧବ କର, ସସ୍ମିତା ଉପାଧ୍ୟାୟ, ଶ୍ରୀ ବଂଶୀଧର ମହାପାତ୍ର, ପ୍ରଫେସର ରବି ନାରାୟଣ ସୁବୁଦ୍ଧି ଏବଂ ପ୍ରଫେସର ନମିତା ରଥ ଭାଷଣ ଦେଇଥିଲେ। ଶ୍ରୀ ଲୋକନାଥ ଷଡ଼ଙ୍ଗୀଙ୍କୁ ୨୦୨୫ ମସିହାର ପାଣିନି ସମ୍ମାନରେ ସମ୍ବର୍ଦ୍ଧିତ କରିବା, ଜରାୟନ୍ ଏବଂ ଗବେଷଣା ପ୍ରତିଷ୍ଠାନ (ଜେରିକେୟାର) ପାଇଁ ଏକ ଗୌରବର ବିଷୟ ।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର



ନୀଳଗିରି, ୨୬/୧୦ (ନି.ପ୍ର): ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିବା ଜଣେ ଯୁବକ ଭାଲୁ ଆକ୍ରମଣରେ ଶିକାର ହୋଇ ଗୁରୁତର ହୋଇଛନ୍ତି ।ନୀଳଗିରି ବ୍ଲକ ତେଲିପାଳ ଗ୍ରାମପଞ୍ଚାୟତ ହୁଡିସାହି ଗ୍ରାମର ମଦନ ସିଂଙ୍କ ପୁଅ ବାପି ସିଂ (୨୮) ଆଜି ପ୍ରାୟ ଅପରାହ୍ନ ୧ ଘଟିକା ସମୟରେ ନିକଟସ୍ଥ କୁଲଡିହା ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିଲେ । ଛତୁ ସାଉଁଟୁ ଥିବାବେଳେ ହଠାତ୍ ବୁଦାମୂଳରେ ଲୁଚି ରହିଥିବା ଏକ ଭାଲୁ ହାବୁଡ଼ରେ ପଡ଼ିଥିଲେ। ଭାଲୁଟି ଅତର୍କିତ ଆକ୍ରମଣ କରିବା ଫଳରେ ତାଙ୍କର ଡାହାଣ ଜଙ୍ଘରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ତେବେ ତାଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇ ଚିକିତ୍ସା କରାଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି।

# ସମ୍ଭାବ୍ୟ ବାତ୍ୟା ଓ ବର୍ଷା ପାଇଁ ଜିଲ୍ଲାପାଳଙ୍କ ପ୍ରସ୍ତୁତି ବୈଠକ




ବାରିପଦା , ୨୬/୧୦ (ନି.ପ୍ର): ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ଏବଂ ବୃଷ୍ଟିପାତକୁ ଦୃଷ୍ଟିରେ ରଖି, ଏହାର ମୁକାବିଲା ପାଇଁ ଓ ପୂର୍ବ ପ୍ରସ୍ତୁତି ନିମନ୍ତେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଆଭାସୀ ମାଧମରେ ଏକ ପ୍ରାକପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବେଦନଶିଳ ତହସିଲ, ବ୍ଲକ ଏବଂ ଗ୍ରାମ ପଂଚାୟତ ଯଥା ବଡ଼ସାହି, ବେତନଟୀ, ମାଣତ୍ରୀ ପଂଚାୟତ, ଖୁଣ୍ଟା, ରାସଗୋବିନ୍ଦପୁର, ମୋରଡା, ସମାଖୁଣ୍ଟା ସାରସକଣା, କପ୍ତିପଦା, ଉଦଳା ଅଂଚଳର ବିଭିନ୍ନ ସ୍ଥାନ ପାଇଁ ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ପରିମାଣରେ ପୂର୍ବ ବ୍ୟବସ୍ଥା କରିଥିବା ବେଳେ ସମ୍ଭାବ୍ୟ ବର୍ଷାରେ ବନ୍ୟାପ୍ଲାବିତ ହେବାକୁ ଥିବା ଅଂଚଳରେ ମଧ ସମସ୍ତ ଜରୁରୀକାଳୀନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ପ୍ରଶାସନ ଏଥି ପାଇଁ ପୂର୍ବରୁ ସଚେତନ ହୋଇ ଜନସାଧାରଣଙ୍କୁ ଉପଯୁକ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରୀକରଣ କରିବା ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଆବଶ୍ୟକ ସ୍ଥଳେ ସ୍କୁଲ ଏବଂ କଲେଜ ମଧ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇପାରେ ଏବଂ ଆବଶ୍ୟକସ୍ଥଳେ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ସହାୟତା ନିମନ୍ତେ ସମସ୍ତ ଅଗ୍ନିଶମ କେନ୍ଦ୍ର ତଥା ଓଡ୍ରାଫ ଟିମ ପ୍ରସ୍ତୁତ ରହିବା ପାଇଁ କୁହାଯାଇଛି। ସମସ୍ତ ବିଡ଼ିଓ, ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ପୌରପାଳିକା ଓ ଏନଏସିର ନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟ ପ୍ରବଣ ଗ୍ରାମ ଓ ବାସସ୍ଥାନ ପାଇଁ ସ୍ଥାନାନ୍ତର ଯୋଜନା ପ୍ରସ୍ତୁତ କରିବା ପାଇଁ ଆଦେଶ ଦିଆଯାଇଛି। ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ପର୍ଯ୍ୟାପ୍ତ ଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ତଥା ଆଲୋକୀକରଣ, ପରିମଳ ବ୍ୟବସ୍ଥା ସହ ଶୁଖିଲା ଖାଦ୍ୟ ଓ ଶିଶୁ ଖାଦ୍ୟ ସମେତ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ବ୍ୟବସ୍ଥା କରାଯିବ। ଗର୍ଭବତୀ ମହିଳା, ଛୋଟ ଶିଶୁ, ବୃଦ୍ଧ ବୃଦ୍ଧା ଭିନ୍ନକ୍ଷମ ମାନଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସର୍ବୋପରି ବାତ୍ୟା ଜନିତ କୌଣସି ଲୋକର ଯେପରି ଜୀବନ ନଯାଏ ସେଥିପାଇଁ ଶୂନ୍ୟ ମୃତ୍ୟୁ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଉଦ୍ଧାର କାର୍ଯ୍ୟରେ ପିଆରଆଇ ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥି ସହିତ କୌଣସି ଅଧିକାରୀ ଏବଂ କର୍ମଚାରୀଙ୍କୁ କାର୍ଯ୍ୟ ମୁଖ୍ୟାଳୟ ନ ଛାଡ଼ିବା ପାଇଁ ମଧ ଜିଲ୍ଲାପାଳ ଆଦେଶ ଦେଇଛନ୍ତି। ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଖବନ୍ଧୁ ନାୟକ, ବାରିପଦା ଉପଜିଲ୍ଲାପାଳ, ବାରିପଦା ତହସିଲଦାର, ପୌର ପାଳିକା ନିର୍ବାହୀ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରିଣୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ଅନ୍ୟାନ୍ୟ ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ରାଇରଙ୍ଗପୁର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର, ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଆଭାସୀ ମାଧମରେ ଯୋଗ ଦେଇଥିଲେ।

# ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ, ଏହା ହିଁ ସତ୍ୟତାର ମହାମନ୍ତ୍ର




ବୈଶିଙ୍ଗା, ୨୬/୧୦ (ନି.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଆନୁକୂଲ୍ୟରେ ପରିଚାଳିତ ମୟୂରଭଞ୍ଜ ଶାଖାର ଜଣେ ଅଗ୍ରଣୀ ସଦସ୍ୟ ବ୍ରହ୍ମାକୁମାର ଭଗବାନ ଭାଇଙ୍କ ଦ୍ୱିତୀୟ ପୂଣ୍ୟ ସ୍ମୃତି ଦିବସ ଉପଲକ୍ଷେ ' ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ କାର୍ଯ୍ୟକ୍ରମ ' ଉଦଘାଟିତ । ଏହି ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ସଞ୍ଚାଳିକା ବିକେ ସାବିତ୍ରୀ ଭଉଣୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ବରିଷ୍ଠ ରାଜଯୋଗିନୀ ତଥା ଡିଭାଇନ ରିଟ୍ରେଟ ସେଣ୍ଟରର ନିର୍ଦ୍ଦେଶିକା ତଥା ଭୁବନେଶ୍ୱର ସବଜୋନ ମୁଖ୍ୟ ପ୍ରଶାସିକା ବ୍ରହ୍ମାକୁମାରୀ ଲୀନା ଭଉଣୀ ମୁଖ୍ୟ ଆକର୍ଷଣ ଭାବେ ଯୋଗଦେଇଥିଲେ। ଦିବଂଗତ ବ୍ରହ୍ମାକୁମାର ଭଗବାନ ଭାଇଙ୍କ ଦ୍ୱିତୀୟ ପୂଣ୍ୟ ସ୍ମୃତି ଦିବସ ଉପଲକ୍ଷେ ଶନିବାର ଏବଂ ରବିବାର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପତଡ଼ା ସ୍ଥିତ ଯୁଗପୁରା ଗୀତା ପାଠଶାଳା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଶନିବାର ବିଭିନ୍ନ ସେବାକେନ୍ଦ୍ରରୁ ଶତାଧିକ ବ୍ରହ୍ମାବତ୍ସଳ ସେବାକେନ୍ଦ୍ରରେ ପହଞ୍ଚି ବିଶ୍ୱ ଶାନ୍ତି ନିମନ୍ତେ ଧ୍ୟାନଯୋଗ କରିଥିଲେ। ରବିବାର 'ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ' ବିଷୟବସ୍ତୁକୁ ଆଧାର କରି ଏକ ସଭାର ମଧ ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବଡସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ଭାବେ ବରିଷ୍ଠ ରାଜଯୋଗିନୀ ବ୍ରହ୍ମାକୁମାରୀ ଲୀନା ଭଉଣୀ, ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ଡିଆରଡିଓ ର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭୀମ ଚରଣ ମାଝୀ, ପୁରୀ ସ୍ଥିତ ନିମାପଡ଼ା ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକ ବ୍ରହ୍ମାକୁମାରୀ ସୁବାସିନୀ ଭଉଣୀ , ଫୁଲବାଣୀ ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକ ବ୍ରହ୍ମାକୁମାରୀ ଭାରତୀ ଭଉଣୀ, ବରିଷ୍ଠ ଭ୍ରାତା ଚନ୍ଦ୍ରମୋହନ ଭାଇ, ରାଜସୁନଖଳା ସେବାକେନ୍ଦ୍ର ସଞ୍ଚାଳିକା ରଶ୍ମିତା ଭଉଣୀ ଙ୍କ ସହିତ ଅନ୍ୟ ବରିଷ୍ଠ ଭାଇ ଭଉଣୀ ମାନଙ୍କ ଉପସ୍ଥିତିରେ ଦୀପ ପ୍ରଜ୍ୱଳନ କରାଯାଇ ଶୁଭ ଉଦଘାଟନ କରାଯାଇଥିଲା । ଉପସ୍ଥିତ ସମସ୍ତ ଅତିଥିଙ୍କ ସହିତ ବରିଷ୍ଠ ଭାଇ ଏବଂ ଭଉଣୀ ମାନେ ଦିବଂଗତ ଭଗବାନ ଭାଇଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ସ୍ମୃତିଚାରଣ ମଧ କରିଥିଲେ । ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ଉପସ୍ଥିତ ସଦସ୍ୟ/ସଦସ୍ୟା ଏବଂ ସାଧାରଣ ଜନସାଧାରଣଙ୍କୁ ହିତୋପଦେଶ ପ୍ରଦାନ କରିଥିଲେ । ମନୋଜ ଭାଇ, ଆଶିଷ ଭାଇ, ତପସ୍ୱି ଭାଇ, ପ୍ରିତମ ଭାଇ ଏବଂ ହେନା ଭଉଣୀ, କାଞ୍ଚନ ଭଉଣୀ ଏବଂ ଆଲୋକ ଭଉଣୀ ଆଗନ୍ତୁକ ମାନଙ୍କୁ ସ୍ୱାଗତ କରିଥିବା ବେଳେ ବ୍ରହ୍ମାକୁମାରୀଜ ସମସ୍ତ ଭାଇ ଭଉଣୀ ଏବଂ କଣ୍ଟିନେନଣ୍ଟାଲ ଟେଲିସର୍ଭିସ ର ସମସ୍ତ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ସଭାକୁ ବ୍ରହ୍ମାକୁମାରୀ ବନିତା ଭଉଣୀ ସୁପରିଚାଳନା କରିଥିବା ବେଳେ ବ୍ରହ୍ମା କୁମାର ମନୋଜ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

ସୋମବାର, ଅକ୍ଟୋବର ୨୭, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବନବିଭାଗର ବିନା ଅନୁମତିରେ ଗଛ କାଟିଲେ ଗ୍ରାମବାସୀ: କାର୍ଯ୍ୟାନୁଷ୍ଠାନ ଦାବି

ନୀଳଗିରି , ୨୬/୧୦ (ନି.ପ୍ର): ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତ ବାବାପଞ୍ଚଲିଙ୍ଗେଶ୍ୱର କଲେଜ ପଡିଆରେ ବହୁଦିନ ଧରି ଏକ ବିରାଟ ଶିମିଳିଗଛକୁ ବନବିଭାଗର ବିନା ଅନୁମତିରେ ନୟକ୍ଷପାଟଣା ଗ୍ରାମର ଗ୍ରାମବାସୀମାନେ କାଟିଦେଇଥିବା ସୂଚନା ମିଳିଛି ।ସୂଚନା ଅନୁସାରେ ଉକ୍ତ ଶିମିଳିଗଛଟି ଅଧାମରି ସୁଖୀ ଯାଇଥିବାବେଳେ ଅଧିକାଂଶ ସମୟରେ କଲେଜପିଲା ଏବଂ ଗଛ ତଳେ ଛିଡାହୋଇ ରହୁଥିବା ବାଇକ ଓ ଗକ୍ଷଡି ଉପରେ ଛୋଟଛୋଟ ଶୁଖିଲାଡାଳ ପଡି କ୍ଷୟକ୍ଷତିର ଶିକାର ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଗ୍ରାମବାସୀମାନେ ଗଛଟିକୁ କାଟିଦେବାକୁ ନିଷ୍ପତିନେଇ କାଟିଦେଇଥିବା ଗ୍ରାମର ୱାର୍ଡସଭ୍ୟ ମତପ୍ରକାଶ କରିଛନ୍ତି। ତେବେ ଏନେଇ ବନବିଭାଗ ଅବଗତ ନଥିବା ନୀଳଗିରି ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ବେହେରା ମତପ୍ରକାଶ କରିଥିବାବେଳେ ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନା ମୁତାବକ ନୀଳଗିରି ବଉଳଗଡିଆ ରାସ୍ତାର ଉଭୟପାର୍ଶ୍ୱରେ ଗଛକଟା ଯାଇପାରିବ ନାହିଁ ବୋଲି ବାଲେଶ୍ୱର ଜିଲ୍ଲା ବନଅଧିକାରୀଙ୍କ କଡା ନିର୍ଦ୍ଦେଶ ଥିବାବେଳେ ଏହି ଘଟଣା ବନବିଭାଗ ଆଖିରେ ଧୂଳିଦେଇ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି କରିଥିବା ଅଭିଯୋଗ ହୋଇଛି। ତେବେ ଘଟଣାରେ ସଂପୃକ୍ତ



ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ସୁନହଟରେ 'ହରି କଥା'

ବାଲେଶ୍ୱର, ୨୬/୧୦ (ନି.ପ୍ର): ବାଲେଶ୍ୱର ଟାଉନ ଅନ୍ତର୍ଗତ ସୁନହଟ ଗ୍ରାମ ହନୁମାନ ମନ୍ଦିର ରେ ପବିତ୍ର କାର୍ତ୍ତିକ ମାସ ଉପଲକ୍ଷେ ହରିକଥା ଆୟୋଜିତ ହୋଇଯାଇଛି ।ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ପ୍ରବଚକ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ପ୍ରବଚନ ମାଧ୍ୟମରେ ବୁଝାଇ ଥିଲେ ଯେ ବର୍ଷ ର ବାରମାସ ମଧ୍ୟ ରୁ କେବଳ କାର୍ତ୍ତିକ ମାସ ଆଗରୁ କାହିଁକି ମହା କାର୍ତ୍ତିକ ଲାଗିଛି । ଏ ମାସ କୁ କାହିଁକି ଧର୍ମ ର ମାସ କୁହାଯାଏ । ଏ ମାସ ରେ କଣ କରିବା ଉଚିତ କଣ ନ କରିବା ଉଚିତ । ତାଙ୍କର ଏହି ଆଧ୍ୟାତ୍ମିକ ପ୍ରବଚନକୁ ଗ୍ରାମବାସୀ ମନ ଦେଇ



ଶୁଣିଥିଲେ । ବିଶେଷ କରି ମା ମାଉସୀ ମାନେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଏହି ମନ୍ଦିରରେ ପ୍ରତେକ ଦିନ ମା ମାଉସୀ ମାନେ ବସି କାର୍ତ୍ତିକ ମାହାତ୍ମ୍ୟ ଓ ଭାଗବତ ପାଠ କରନ୍ତି । ପ୍ରବଚନ ଶେଷରେ ପ୍ରସାଦ ବିତରଣ କରାଯାଇଥିଲା।

## ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ଯିବାକୁ ମତ୍ସ୍ୟଜିବୀଙ୍କୁ ବାରଣ

ଭୁବନେଶ୍ୱର, ୨୬/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ମୋନ୍ଥା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିପାରେ । ଏଣୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଦକ୍ଷିଣପଶ୍ଚିମ ତତ୍‌ସଂଲଗ୍ନ କେନ୍ଦ୍ରିୟ ବଙ୍ଗୋପସାଗର, ଓଡ଼ିଶା ଉପକୂଳ ଓ ବାହାରକୁ ମାଛ ଧରିବାକୁ ଯିବାକୁ ମତ୍ସ୍ୟଜିବୀଙ୍କୁ ବାରଣ କରାଯାଇଛି । ଏପରିକି ଯେଉଁମାନେ ମାଛ ଧରିବାକୁ ସମୁଦ୍ରକୁ ଯାଇଛନ୍ତି ସେମାନେ ତୁରନ୍ତ ଫେରି ଆସିବାକୁ କୁହାଯାଇଛି ।

## ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା: କ୍ରୀଡ଼ା ଶିଶୁ ପାଇଁ ଦକ୍ଷତାର ମାପକାଠି ସଦୃଶ

ଭଦ୍ରକ , ୨୬/୧୦ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଶିଶୁ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀଙ୍କ ନିମନ୍ତେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା 'ଉତ୍ସାହ' ବାଗୁରାଇ ସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ମର୍ମରେ ଅନ୍ତେବାସୀ ଶିଶୁମାନଙ୍କ ମଧ୍ୟରେ ଲମ୍ଫଡ଼ିଆଁ, ଉଚ୍ଚ ଡ଼ିଆଁ, ୧୦୦ମିଟର, ୨୦୦ମିଟର ଦୌଡ଼, ଚେସ୍, କ୍ୟାରେମ୍ (ବାଳକ/ବାଳିକା) ଓ ଫୁଟବଲ୍ ମ୍ୟାଚ୍ ନିମନ୍ତେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନୀ ପର୍ବରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷ ଡ଼. ଦେବରାଜ ପାଣିଗ୍ରାହୀ, ସମାଜମଙ୍ଗଳ ଅଧିକାରିଣୀ ରୂପାଲି ମିତ୍ର, ସୁରକ୍ଷା ଅଧିକାରିଣୀ ଚନ୍ଦ୍ରା ସାହୁ, ଶିଶୁ ମଙ୍ଗଳ ସଦସ୍ୟ ଭାରତୀ ଦାଶ, ବାଗୁରାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମଞ୍ଚ ସଂଯୋଜନା ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା କରିଥିଲେ । ଉଦ୍‌ଯାପନୀ ସଂଧ୍ୟାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ଡ଼ା. ପାଣିଗ୍ରାହୀ, ସଦସ୍ୟ ନବୀନ ଚନ୍ଦ୍ର ବେହେରା, ଗାନ୍ଧୀବାଳାଶ୍ରମର ସଂପାଦକ ଅଶୋକ ଦାସ ଯୋଗଦାନ କରିଥିଲେ । ଫୁଟବଲ୍ ମ୍ୟାଚରେ ଗାନ୍ଧୀ ଓଡ଼ିଶାବାଳାଶ୍ରମର ଅନ୍ତେବାସୀ ବିଜୟ ଲାଭ କରିବା ସହ ଚମ୍ପିଆନ ହୋଇଥିଲେ । ଶିଶୁ ସୁରକ୍ଷା ଶାଖାର ସାମାଜିକ ତଥା ଆଇନ୍ ଅଧିକାରୀ ସୁବ୍ରତ ଦାସ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୟୁନିଟ୍‌ର କର୍ମକର୍ତ୍ତା ଅଣ ଆନୁଷ୍ଠନିକ ଅଧିକାରିଣୀ ସ୍ୱାଗତିକା ବାରିକ, ବାହ୍ୟକର୍ମୀ ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଧୀରଜ ବାରିକ୍, କୁଳଦୀପ ଜେନା, ଲକ୍ଷ୍ମୀପ୍ରିୟା ମଲ୍ଲିକ, ଶୁଭାଶିଷ ପଣ୍ଡା, ସୁଦର୍ଶନ ବାଦ୍ରା, ନବୀନ ବେହେରା ସମେତ ଲିପିକା ପଣ୍ଡା, ସସ୍ମିତା ନାୟକ, ସରିତା ସାମଲ, ପ୍ରଜ୍ଞାଶ୍ରୀ ଦାସ, ଦେବୀସ୍ମିତା ମହାନ୍ତି, ଜ୍ୟୋତିପ୍ରକାଶ ପତି, ଦିଗନ୍ତ ବେହେରା, ସତ୍ୟଦେବ ପାତ୍ର ଚାଇଲ୍ଡ଼୍‌ଲାଇନ୍‌ର ସଂଯୋଜିକା ଶୁଭଶ୍ରୀ ପଢ଼ିଆରୀ ଓ ତାଙ୍କର ଟିମ୍ ସହଯୋଗ କରିଥିଲେ । ପରିଶେଷରେ ଶ୍ରୀ ଦାସଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ବେତନଟୀ ରେଞ୍ଜ ଭୁରୁକୁଣ୍ଡି ଗ୍ରାମ ଭିତରକୁ ପ୍ରବେଶ କଲେ ୧୭ଟିକିଆ ହାତୀପଲ

ବେତନଟୀ, ୨୬/୧୦ (ନି.ପ୍ର): ବେତନଟୀ ରେଞ୍ଜ ଅଧୀନ ମଣତାପାଳ-ଉଦିପୁରା ଜଙ୍ଗଲକୁ ୧୭ଟିକିଆ ହାତୀପଲ ପ୍ରବେଶ କରିଥିବା ବେଳେ ସ୍ୱଷ୍ଟ ଦିବାଲୋକରେ ରାଜରାସ୍ତାରେ ଚାଲିଚାଲି ଆସିଥିବା ଦେଖିବା ପାଇଁ ମିଳିଛି । ସୂଚନା ମୁତାବକ ୧୮ଟିକିଆ ହାତୀପଲ ମଧ୍ୟରୁ ବିଶାଳ ଦନ୍ତାହାତୀଟି ଦଳରୁ ଅଲଗା ହୋଇଯାଇଥିବା ବେଳେ ୧୭ଟିକିଆ ହାତୀପଲ ଶନିବାର ସକାଳେ ସକାଳେ ମଣତାପାଳ-ଉଦିପୁରା ଜଙ୍ଗଲରେ ପ୍ରବେଶ କରିଥିଲା। ଏପଟେ ଦଳରୁ ଅଲଗା ହୋଇ ଏକୁଟିଆ ବିଚରଣ କରୁଥିବା ଗୋଠଛଡା ଦନ୍ତାହାତୀ ଶନିବାର ସକାଳେ ସକାଳେ ଦହିକୋଟୀରୁ ପୁରିନ୍ଦା ଅଭିମୁଖେ ମୁଖ୍ୟ ରାସ୍ତାରେ ଚାଲିଚାଲି ଯାଉଥିବାର ଦେଖିବାକୁ



ମିଳିଥିଲା। ଅତ୍ୟନ୍ତ ଶାନ୍ତ ସ୍ୱଭାବର ଏକୁଟିଆ ବିଶାଳ ଦନ୍ତାହାତୀକୁ ସ୍ୱଷ୍ଟ ଦିବାଲୋକରେ ରାସ୍ତାଉପରେ ପାଇ ଫଟୋ ଏବଂ ଭିଡିଓ ଉତ୍ତୋଳନ କରିବାକୁ ସାଧାରଣ ଲୋକଙ୍କ ପ୍ରବଳ ଭିଡ ହୋଇଥିଲା । ପ୍ରବଳ ଜନଗହଳି ପାଇଁ ବିଶାଳ ଦନ୍ତାହାତୀକୁ ଜଙ୍ଗଲମୁହାଁ ଅଗ୍ରସର କରାଇବାରେ ବନବିଭାଗକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା। ମାତ୍ର ଦନ୍ତାହାତୀ ଅତ୍ୟନ୍ତ ଶାନ୍ତ ସ୍ୱଭାବର ହୋଇଥିବାରୁ କାହାକୁ ଗୋଡାଇନଥିଲା କି ଆକ୍ରମଣ ମଧ୍ୟ କରିନଥିଲା । ଭୁରୁକୁଣ୍ଡି ଛଉପଡିଆ ଠାରେ ବିପରୀତ ଦିଗରୁ ଆସୁଥିବା ଯାତ୍ରୀବାହୀ ବସ ହିତ ମୁହାଁମୁହିଁ ହୋଇଥିଲା। ଯାତ୍ରୀବାହୀ ବସର ନିରୀକ୍ଷଣ କରିବାପରେ ବସ ବେତନଟୀ ଅଭିମୁଖେ ପଳାଇ ଆସିଥିବା ବେଳେ ଦନ୍ତାହାତୀ ମଧ୍ୟ ବସ ପଛେପଛେ ଅନୁସରଣ କରି ମଣତାପାଳ- ଉଦିପୁରା ଜଙ୍ଗଲରେ ପ୍ରବେଶ କରିଥିଲ। ବେତନଟୀ ବନବିଭାଗର ଟିମ ଗଜସାଥୀଙ୍କୁ ନେଇ ଘଟଣାସ୍ଥଳରେ ଉପସ୍ଥିତ ରହିଥିବା ବେଳେ ବିଶାଳ ଦନ୍ତାହାତୀ ଦ୍ୱାରା କେବଳ ଧାନଫସଲ ଛଡା କୌଣସି କ୍ଷୟକ୍ଷତି ହୋଇନଥିବା ବେତନଟୀ ରେଞ୍ଜ ଦାୟୀତ୍ୱରେ ରହିଥିବା ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ରନାଥ ନାୟକ ସୂଚନା ଦେଇଛନ୍ତି । ଶନିବାର ରାତି ଗୋଠଛଡା ଦନ୍ତାହାତୀ ମଣିତାପାଳ - ଉଦିପୁରା ଜଙ୍ଗଲରେ ପୁନର୍ବାର ୧୭ଟିକିଆ ହାତୀପଲ ସହିତ ମିଶିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାମପୁର ରାବଣ ପୋଡିର ଭରପୂର ମଜା ନେଲେ ଦର୍ଶକ



ଖଇରା, ୨୬/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ଦ୍ଧନା ଗ୍ରାମ ପଞ୍ଚାୟତର ରାମପୁର କେନାଲ ନିକଟସ୍ଥ ପଡିଆରେ ଶନିବାର ସଂଧ୍ୟାରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଆଖପାଖ ଗ୍ରାମରୁ ହଜାର ହଜାର ସଂଖ୍ୟାର ଦର୍ଶକ ରାବଣପୋଡି ସାଙ୍ଗକୁ ଆତଶବାଜି, ମେଲୋଡି ଓ ମ୍ୟାଜିକ ସୋର ମଜା ନେଇଛନ୍ତି । ଏହି ଅବସରରେ ଭାଜପାର ପୂର୍ବତନ ମଣ୍ଡଳ ସଭାପତି ପତିତପାବନ କରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ଯୁବନେତା ନିଳମାଧବ ପଣ୍ଡା, ମୁଖ୍ୟବକ୍ତା ଭାବେ ପାଇମହୁରା ସିଟି ସ୍କୁଲର ପୂର୍ବତନ ଅଧ୍ୟକ୍ଷ ଚିନ୍ତାମଣି ପାଣିଗ୍ରାହୀ, ସମ୍ମାନନୀୟ ଅତିଥି ଭାବେ ଖଇରା ବିଡିଓ ନାରାୟଣ ସାହୁ, ଆଇଆଇସି ସୁଚନ୍ଦ୍ର ମହାଲିକ, ବର୍ଦ୍ଧନା ସରପଞ୍ଚ ବିଣାପାଣୀ ପଣ୍ଡା, ସମିତିସଭ୍ୟା ରଶ୍ମିବାଳା କର, ବଡ ନୂଆଗାଁ ସରପଞ୍ଚ ରିନାକ୍ଷୀଲତା ନାୟକ, କୁପାରୀ ସମିତିସଭ୍ୟ ଅକ୍ଷୟ ଜେନା, ମଣ୍ଡଳ ସଭାପତି ସୁମନ୍ତ ଜେନା, ଶ୍ରୀକାନ୍ତ ବେହେରା,କରୁଣାକର ମହାନ୍ତି, ଆନନ୍ଦ ବଲ୍ଲଭ ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ରାବଣ ପୋଡି କମିଟିର ସମସ୍ତ ସଭ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ପୋଲିସ ଟିମ୍‌ର କାର୍ - ଟ୍ରକ ଧକ୍କା : ଦୁଇ ମୃତ

ନୂଆଦିଲ୍ଲୀ,୨୬/୧୦ : ଉତର ପ୍ରଦେଶ ଆଗ୍ରାର ନିବୋହରା ଥାନାର ଏକ ପୋଲିସ ଟିମ୍ ଏକ ନିଖୋଜ ମାମଲାର ତଦନ୍ତ କରି ରାଜସ୍ଥାନରୁ ଫେରୁଥିଲା। ଆଗ୍ରା-ଜୟପୁର ରାଜପଥରେ ପୋଲିସ ଟିମ୍ ର ପ୍ରାଇଭେଟ୍ କାର ଏକ ଟ୍ରକ ସହିତ ଧକ୍କା ହେବା ଫଳରେ ଡ୍ରାଇଭର ଏବଂ ହେଡ୍ କନେଷ୍ଟବଳଙ୍କ ମୃତ୍ୟୁ ହୋଇଥିଲା। ଟିମ୍ ର ସବ-ଇନ୍ସପେକ୍ଟର ଗୌରବ କୁମାର ଏବଂ ପୀଡିତଙ୍କ ପରିବାରର ସଦସ୍ୟଙ୍କ ସମେତ ପାଂଚ ଜଣ ଗୁରୁତର ଆହତ ହୋଇଥିଲେ। ରବିବାର ସକାଳ ପ୍ରାୟ ୬ଟା ସମୟରେ, ଆଗ୍ରାର ଫତେପୁର ସିକ୍ରି ଥାନା ଅନ୍ତର୍ଗତ ଚୌମାନଶାହପୁର ଗ୍ରାମର ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଜୟପୁର ରାଜପଥରେ ଠିଆ ହୋଇଥିବା ଏକ ଟ୍ରକ ସହିତ କାର୍ ଟି ଧକ୍କା ହୋଇଥିଲା।

## ମଣିପୁର- ଭିନ୍ନ ଭିନ୍ନ ସ୍ଥାନରୁ ୪ ଉଗ୍ରବାଦୀ ଗିରଫ

ନୂଆଦିଲ୍ଲୀ,୨୬/୧୦ : ମଣିପୁର ପୁଲିସ ଥୌବାଲ ଓ ଇମ୍ଫାଲ ଜିଲ୍ଲାରେ ଅଭିଯାନ ଚାଲାଇ ପ୍ରତିବନ୍ଧିତ ସଂଗଠନ ପ୍ରିପାକ (ପ୍ରୋ), କେସିପି (ତାଇବାଙ୍ଗ ଙ୍ଗାମ୍ବା) ଓ କେୱାଇକେଏଲ ସହ ଜଡିତ ଚାରିଜଣ ସକ୍ରିୟ ଉଗ୍ରବାଦୀଙ୍କୁ ଗିରଫ କରିଛି। ମଣିପୁର ପୁଲିସ ମୁଖ୍ୟାଳୟ ଦ୍ୱାରା ସୋସିଆଲ ମିଡିଆ ମାଧ୍ୟମରେ ଜାରି ହୋଇଥିବା ଆଧିକାରିକ ବିବୃତିରେ ଆଜି କୁହାଯାଇଛି ଯେ, ଶନିବାର ଥୌବାଲ ଜିଲ୍ଲାରେ ପ୍ରିପାକ (ପ୍ରୋ) ସଂଗଠନର ଦୁଇଜଣ କ୍ୟାଡରକୁ ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ କରାଯାଇଛି। ୩୨ ବର୍ଷୀୟ କେ. ରାଜକୁମାର ନେଭି ମୌତେଇ, ଯିଏ ଭାଙ୍ଗଜିଙ୍ଗ ହୋଦମ୍ବାର ନିବାସୀ, ତାଙ୍କୁ ଭାଙ୍ଗଜିଙ୍ଗ ବଜାରରୁ ଗିରଫ କରାଯାଇଥିଲା।

## ବରହମପୁର ବ୍ଲକ କ୍ରିୟାନୁଷ୍ଠାନ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

ନୀଳଗିରି, ୨୬/୧୦ (ନି.ପ୍ର): ନୀଳଗିରି ବ୍ଲକ ବରହମପୁର ମିନି ଷ୍ଟାଡିୟମ ପଡିଆରେ ବରହମପୁର ବ୍ଲକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୂତନ ବ୍ଲକ ଗଠନ ନିମନ୍ତେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବ୍ଲକର ବଣସୀମା ଅଞ୍ଚଳ କୁହାଯାଉଥିବା ତେନ୍ତୁଲିଆ, ଆରବନ୍ଧ, ଛତ୍ରପୁର ବରହମପୁର, ଧରମପୁର ପିଠାହଟା, କେସିପୁର, ତେଲିପାଳ, ଗରଡିହି ନରଣପୁର, ମାଟିଆଳୀ ଆଦି ମୋଟ ୧୧ଗୋଟି ପଞ୍ଚାୟତର ପ୍ରତିନିଧିମାନେ ଏହି ବୈଠକରେ ଉପସ୍ଥିତ ରହିଥିଲେ। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ଲୋକମାନେ ୨୫ କିମି ଦୂର ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ଯାଉଥିବା ବେଳେ ଦୁଇଟି ଜଙ୍ଗଲ ପାର କରି ଯାଉଛନ୍ତି ଯାହାଫଳରେ ଖର୍ଚ୍ଚାନ୍ତ



ହେବା ସହ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବରହମପୁର ବ୍ଲକ ଗଠନ ନିମନ୍ତେ ଆବଶ୍ୟକ ଥିବା ସମସ୍ତ ଭିତ୍ତିଭୂମି ମଧ୍ୟ ପୂରଣ କରୁଛି । ଏଠାରେ ପ୍ରାୟ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ସଂଖ୍ୟା ରହିଛି । ବ୍ୟାଙ୍କ, କଲେଜ, ଥାନା,ଏକଲବ୍ୟ ବିଦ୍ୟାଳୟ, କଳିଙ୍ଗ ରେସିଡେନସିଆଲ ଭଳି ଉଚ୍ଚ ଶିକ୍ଷାନୁଷ୍ଠାନ ରହିଥିବା ନେଇ ମୁଖ୍ୟଅତିଥି ଆଶିଷ ପଟ୍ଟନାୟକ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ବିଭାଗୀୟ ମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ ସହିତ ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ ଅକ୍ଷୟ କୁମାର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ଧନୀରାମ ସିଂ, ସମରେନ୍ଦ୍ର ନାୟକ, ସୁରେଶ ଶଙ୍ଖୁଆ, ଅମରେନ୍ଦ୍ର ନାୟକ, ସୁରେଶ ନାୟକ, ଅନୀଲ କୁମାର ବେହେରା, ପ୍ରମୟ ମହାନ୍ତି, ଜିତେନ୍ଦ୍ର ବେହେରା, ଜ୍ଞାନରଞ୍ଜନ ସେଠୀ, ଶ୍ରୀକୃଷ୍ଣ ବେହେରା, ନରେଶ ବେହେରା, ମହେଶ୍ୱର ସାହୁ, ଅଶ୍ୱିନୀ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମେଘାସନ ମହାବିଦ୍ୟାଳୟ ମହିଳା ଭଲିବଲ ଟିମ୍ ହେଲା ଚମ୍ପିୟନ

ଉଦଳା, ୨୬/୧୦ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଆନ୍ତଃ ମହାବିଦ୍ୟାଳୟ ଭଲିବଲ ପ୍ରତିଯୋଗିତାରେ ମେଘାସନ ମହାବିଦ୍ୟାଳୟର ମହିଳା ଟିମ ଚମ୍ପିୟନ ହେବାର ଗୌରବ ଅର୍ଜନ କରିଛି । ବାରିପଦା ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ବାଙ୍ଗିରିପୋଷି ମହାବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ଓ ଖୁଂଟା ମହାବିଦ୍ୟାଳୟକୁ ପରାସ୍ତ କରି ମେଘାସନ ମହାବିଦ୍ୟାଳୟ




ଚମ୍ପିୟନ ଘୋଷିତ ହୋଇଥିଲା । ବିଜୟି ପ୍ରତିଯୋଗି ମାନଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି । ଉକ୍ତ ଟିମର ଦମୟନ୍ତି ମୁର୍ମୁଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଛି । ମେଘାସନ ମହାବିଦ୍ୟାଳୟ ପାଇଁ ଏହିଭଳି ଏକ ଗର୍ବ ଓ ଗୌରବ ଆଣିଥିବାରୁ ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ସମସ୍ତ ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଦେବସେନା ସଙ୍ଗଠନର ବସ୍ତା ବ୍ଲକସ୍ତରୀୟ ସମ୍ମିଳନୀ

ବସ୍ତା , ୨୬/୧୦ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ନଟାକଟା ପଞ୍ଚାୟତର ବସନ୍ତପୁର ଗ୍ରାମରେ ଦେବସେନା ସଙ୍ଗଠନ ପକ୍ଷରୁ ବ୍ଲକ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦେବସେନା ସଙ୍ଗଠନର ବସ୍ତା ବ୍ଲକ ସଭାପତି ଅନ୍ତର୍ଯ୍ୟାମୀ ରାଉଳଙ୍କ ସଭାପତି ତ୍ୱରେ ମୁଖ୍ୟ ଅତିଥି ଭାବେ ଦେବସେନା ଓଡ଼ିଶା ପ୍ରଦେଶ ଉପାଧ୍ୟକ୍ଷ ଶିବାଜି ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ହିନ୍ଦୁ ଓ ରାଷ୍ଟ୍ର ପ୍ରେମୀ ତଥା ପୁରୀ କରମଳା ମଠ ମହନ୍ତ ବାବାଜୀ ନୀଳାମ୍ବର ଦାସ,ବରଣ୍ୟ ଅତିଥି ଜିଲ୍ଲା ଅଧ୍ୟକ୍ଷ ଶଙ୍କର ଜେନା,ପ୍ରଦେଶ କମିଟି ମହାସଚିବ ପ୍ରବୀର ଦାସ(ବାରିପଦା ମୟୁରଭଞ୍ଜ),ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଆମର କୁମାର ପାଳ, ଦାମୋଦର ମୁନି, ବ୍ଲକ ଉପଦେଷ୍ଟା କୁମୁନ୍ଦ ରଞ୍ଜନ ଗିରି ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ତୈଳଚିତ୍ର ପୁଷ୍ପ ମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ହିନ୍ଦୁ ମାନଙ୍କୁ ସଂଘଠିତ କରି ଭାରତକୁ ସନାତନୀ ହିନ୍ଦୁ ରାଷ୍ଟ୍ର ଭାବରେ ତୋଳିବା ପାଇଁ ସଙ୍ଗଠନ ପକ୍ଷରୁ ଯେଉଁ ଶପଥ କରାଯାଇଛି ଧର୍ମ, ଜାତି,ରାଜନୀତିକୁ ଉର୍ଦ୍ଧରେ ରଖି ଏହା ଅନେକଙ୍କ ମଧ୍ୟରେ ଏକ ଭାବନାର ବିନ୍ଦୁ ପାଲଟି ଯାଇଛି ।ଏହାକୁ ବିଚାର କରି ଧୀରେଧୀରେ ସଙ୍ଗଠନ ମଧ୍ୟ ବୃଦ୍ଧି ହେବାରେ ଲାଗିଛି ।ଏହାକୁ ଦୃଷ୍ଟିରେ ରଖି ସଙ୍ଗଠନର କର୍ମକର୍ତ୍ତା ମାନେ ସଙ୍ଗଠନକୁ ଏବଂ ସନାତାନ ଧର୍ମ ଏବଂ ହିନ୍ଦୁ ରାଷ୍ଟ୍ର ଗଢି ତୋଳିବାକୁ ପ୍ରତ୍ୟେକ ଚେଷ୍ଟା କରିବାର ଆବଶ୍ୟକତା ଅଛି ମତବ୍ୟକ୍ତ କରିଥିଲେ ।୨୦୨୦ମସିହା ଓଡ଼ିଶା ପ୍ରଦେଶର ଶ୍ରୀ ଜଗନ୍ନାଥ ଧାମରେ ଦେବସେନା ସଙ୍ଗଠନ ହୋଇ ଥିଲା ।ପରେ ଜିଲ୍ଲା ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଆରମ୍ଭ ହୋଇ ଥିଲା ।ପ୍ରଥମେ ବସ୍ତା ବ୍ଲକରେ ୧୧ ଜଣ ସଦସ୍ୟରୁ ଆରମ୍ଭ ହୋଇ ବର୍ତ୍ତମାନ ସୁଦ୍ଧା ୨୧୦୦କୁ ପହଞ୍ଚିଲାଣି। ଏବଂଧୀରେ ଧୀରେ ସଙ୍ଗଠନ ବୃଦ୍ଧି ହେବାରେ ଲାଗିଛି ୨୦୨୦ ରୁ ୨୦୨୫ ମଧ୍ୟରେ ୨୬ ଟି ପଞ୍ଚାୟତ ଅନେକ ବୃକ୍ଷ ରୋପଣ, ରକ୍ତ ଦାନ ଶିବିର, ବନ୍ୟା ବାତ୍ୟା ସମୟରେ ସାହାଯ୍ୟ ଏପରି ଅନେକ କାର୍ଯ୍ୟ କରା ଯାଇଛି ଏବଂ ଆଗକୁ ମଧ୍ୟ କରାଯିବ ବୋଲି ସଂଗଠନର କୋଷା ଧ୍ୟକ୍ଷ ସୀତାକାନ୍ତ ଦାସ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟ ସଂଘଠନ ସଦସ୍ୟ ରାଜେନ୍ଦ୍ର କୁମାର ଡେ,କାବେରୀ ଦାଶ, ଅର୍ଚ୍ଚନା ଦତ୍ତ, ସୁଜାତା ଜେନା, ଝୁନାମଣୀ ବେହେରା, କାଳିପଦ ଆଗୁଆଣ, ହେମନ୍ତ ଦାସ,ଚନ୍ଦନ ପାତ୍ର,ଅନୁରାଧା ରାଉଳ ପ୍ରମୁଖ ଯୋଗଦେଇ ସମ୍ମିଳନୀକୁ ସୂଚାରୁ ରୂପେ ପରିଚାଳନା କରିଥିବା ବେଳେ ଶଶି କାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଧାନ କରିଥିଲେ। ଦେବସୈନିକ ସଦସ୍ୟ ଶିଶିର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସଙ୍ଗଠନର ସକ୍ରିୟ ଦେବାସେନିକମାନଙ୍କୁ ମାନପତ୍ର ପ୍ରଦାନ ସହ ପୁରଶୋତ୍ତମପୁର ପଞ୍ଚାୟତକୁ ଉତ୍ତମ ପଞ୍ଚାୟତ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭଂଜପୁର ଜଗଦ୍ଧାତ୍ରୀ ମେଳା ଅବସରରେ ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ

ବାରିପଦା , ୨୬/୧୦ (ନି.ପ୍ର): ଭଂଜପୁର ଠାରେ ମା ଜଗଦ୍ଧାତ୍ରୀଙ୍କ ୭୩ ତମ ପୂଜା ଅବସରରେ ୩୧ତମ ମେଳା ନଭେମ୍ବର ୩ ତାରିଖରୁ ଅନୁଷ୍ଠିତ ହେବାକୁ ଯାଉଅଛି ଓ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ, କୁଇଜ, ବକ୍ତୃତା ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଅଛି ଓ ଆଜି ସ୍ଥାନୀୟ ଭଂଜପୁର ଦୁର୍ଗା ବିବାହ ମଣ୍ଡପରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରାୟ ୨ ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଓ ସେହିପରି କୁମାର୍ସ କ୍ଲବ ପରିସରରେ ଆୟୋଜିତ ନୃତ୍ୟ ଅଡିସନରେ ସବ ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ପ୍ରାୟ ୧୬୦ ପ୍ରତିଯୋଗୀ ଭାଗ ନେଇଥିଲେ ଓ ଚିତ୍ରାଙ୍କନରେ ମହେଶ୍ୱର ମାର୍ଣ୍ଡି ଓ ରବୀନ ମହାପାତ୍ର ଏବଂ ନୃତ୍ୟରେ ରକି ନାୟକ ଓ ମେଘା ସାହା ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ ଓ ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ଉଭୟ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ବରିଷ୍ଠ ସଦସ୍ୟ ପ୍ରିତମ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ ଓ ସାଂସ୍କୃତିକ ସହ ସମ୍ପାଦକ ଅବିନାଶ ରଥ, ସତ୍ୟବ୍ରତ ଧଳ ତଥା ଆନିଷ ମିଶ୍ର, ସୁରଜ ବେହେରା, ସୋନୁ ରଣା ନୃତ୍ୟ ପ୍ରତିଯୋଗିତା ଏବଂ ଜଗଦିଶ ପାଣି ଓ ଆଲୋକ ବାରିକ ଚିତ୍ରାଙ୍କନ ପ୍ରତିଯୋଗିତା ପରିଚାଳନା କରିଥିଲେ ଓ ଆସନ୍ତା କାଲି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ କୁଇଜ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida